# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY 1 NOVEMBER 2025
ଶନିବାର ୧ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 165 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୧୬୫ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


ଆଜିଠୁ ଖୋଲିବ ସୁଭଦ୍ରା ପୋର୍ଟାଲ୍

## ୨୧ବର୍ଷ ବୟସ ହୋଇଥିଲେ କରିପାରିବେ ଆବେଦନ

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:**

ଆସନ୍ତାକାଲି ଅଥାତ୍ ଶନିବାରଠାରୁ ସୁଭଦ୍ରା ଆବେଦନ। ୨୧ ବର୍ଷ ବୟସ ହୋଇଥିଲେ ସୁଭଦ୍ରା ଯୋଜନାରେ ଆବେଦନ କରିପାରିବେ ହିତାଧିକାରୀ। ଏନେଇ ସୁଭଦ୍ରା ପୋର୍ଟାଲ୍‌ରେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ୨୧ ବର୍ଷ ହୋଇଥିଲେ ସୁଭଦ୍ରା ହିତାଧିକାରୀ ଭାବେ ଯୋଡ଼ି ହୋଇପାରିବେ, କିନ୍ତୁ ଯେଉଁଠି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି ସେ ଅଞ୍ଚଳକୁ ଛାଡ଼ି ଅନ୍ୟ ସମସ୍ତେ ପୋର୍ଟାଲ୍ ବ୍ୟବହାର କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।




ଉଲ୍ଲେଖଯୋଗ୍ୟ ଯେ, ବାର୍ଷିକ ୧୮ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ। କୌଣସି ମହିଳା ଯଦି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ହଜାର ଟଙ୍କା କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। ଏ ନେଇ ଦୁଇ ବିଭାଗରୁ ରିପୋର୍ଟ ମାଗିଛି ମହିଳା ଓ ଶିଶୁ ବିକାଶ ବିଭାଗ। ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛି ବିଭାଗ। 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଛାତ୍ରୀମାନଙ୍କୁ ଯେଉଁ ବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇ ପାରୁନାହିଁ। ଏନେଇ

▶▶ ୫

ପବିତ୍ର ଅଁଳା ନବମୀ

# ଓଡ଼ିଆଣୀବେଶରେ ଦର୍ଶନଦେଲେ ମା' ରାଧାରାଣୀ

**ପୁରୀ,ସାକ୍ଷୀଗୋପାଳ,୩୧।୧୦/ଏନ୍ଏନ୍ଏସ୍:**

ପବିତ୍ର ଅଁଳା ନବମୀରେ ଶ୍ରୀରାଧାଙ୍କ ପାଦ ଦର୍ଶନ ପାଇଁ ଚଳଚଞ୍ଚଳ ହୋଇଉଠିଛି ସାକ୍ଷୀଗୋପାଳ ଗୋପାଳଜିଉ ମନ୍ଦିର। ଓଡ଼ିଆଣୀବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀରାଧାରାଣୀ ଅଉ ନଟବରବେଶରେ ଗୋପାଳଜିଉ। ବର୍ଷକରେ ଥରେ ଏହି ବେଶ ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛି। ଭକ୍ତମାନଙ୍କର ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଗଣପର୍ବ ପବିତ୍ର ଅଁଳା ନବମୀ ଶୁକ୍ରବାର ସାକ୍ଷୀଗୋପାଳ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଭୋର୍ ୫ଟାରୁ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା। ବର୍ଷକରେ ଥରେ ଶ୍ରୀରାଧାଙ୍କର ଓଡ଼ିଆଣୀ ବେଶ ଏବଂ ସାକ୍ଷୀଗୋପାଳ ଠାକୁର ରାଧାଦାମୋଦର ବେଶରେ ନୃତ୍ୟରତ ଭଙ୍ଗୀରେ ଶୋଭାପାଇଥିଲେ। ଦର୍ଶନ ଲାଗି ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ୧୧ ଥାକିଆ ଛାୟାପ୍ରଦ ବ୍ୟାରିକେଡ୍‌ରେ ଆସି ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ବେଳେ ଗୁରୁବାର ରାତି ୧୨ ଘଣ୍ଟାରୁ ମନ୍ଦିର ଦ୍ୱାର ଖୋଲିଥିଲା। ଦେବନୀତି ଆରମ୍ଭ କରାଯାଇ ସାକ୍ଷୀଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ



ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଇ ବେଶ ସମ୍ପନ୍ନ ହୋଇଥିଲା। ନିର୍ଦ୍ଧାରିତ ସମୟ ସମୟ ଭୋର୍ ୫ଟାରୁ ସାହାଣମେଳା ପାଦଦର୍ଶନ ଆରମ୍ଭ ହୋଇଥିଲା। ମନ୍ଦିର ସମ୍ମୁଖରେ ନିର୍ମିତ ୧୧ ଧାଡିଆ ଜିକଜାକ୍ ଛାୟାପ୍ରଦ ବ୍ୟାରିକେଡ୍ ସହିତ ସକାଳେ ରେଳ ଫାଟକ ଏବଂ ସନ୍ଧ୍ୟା ପରେ ଚନ୍ଦନ ପୁଷ୍କରିଣୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଧାଡ଼ି ଲାଗି ରହିଥିଲା। ବ୍ୟାରିକେଡ଼ରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ପ୍ରବେଶ କରି ସାକ୍ଷୀଗୋପାଳଙ୍କ ନଟବର ବେଶ ଓ ଶ୍ରୀ ରାଧାଙ୍କ

### ନଟବରବେଶରେ ସାକ୍ଷୀଗୋପାଳଜିଉ

ଓଡ଼ିଆଣୀ ବେଶରେ ପାଦ ଦର୍ଶନ, ଦୀପଦାନ, ଅଁଳା ବୃକ୍ଷ ପରିକ୍ରମା ଓ ପୂଜାର୍ଚ୍ଚନା ପରେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିଥିଲେ। କାର ପାର୍କିଙ୍ଗ୍ ସ୍ଥଳରୁ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ିରେ ମନ୍ଦିର ନିକଟରେ ପହଞ୍ଚାଇବା ସୁବିଧା କରାଯାଇଥିଲା। ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ରହୁଥିବା ଶ୍ରଦ୍ଧାଳୁ ମାନଙ୍କ ନିକଟରେ ସ୍ୱେଚ୍ଛାସେବୀ ମାନେ ପାନୀୟ ଜଳ ଯୋଗାଇ ଦେଇଥିଲେ। ବିଶ୍ରାମ ସ୍ଥଳ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ

▶▶ ୫

ହାଇଡ୍ରୋଲୋଜିକାଲ୍ ତଥ୍ୟ ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

## ୨୦୩୦ ସୁଦ୍ଧା ୧୫ ଲକ୍ଷ ହେକ୍ଟର୍ ଜମିକୁ ଜଳସେଚନ



### କର୍ମଚାରୀଙ୍କୁ ଅଧିକ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ

### ଜଳ ସମ୍ପଦ ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କରାଯିବ

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:**

ଆଗାମୀ ୨୦୨୯-୩୦ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିସହିତ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବାକୁ ଆମେ ସୁନିଶ୍ଚିତ କରୁଛୁ। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗକୁ ଆହୁରି ସୁଦକ୍ଷ ଓ ସ୍ମାର୍ଟ କାର୍ଯ୍ୟାଳୟରେ ପରିଣତ କରାଯିବ। ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ରାଜୀବ ଭବନସ୍ଥିତ ଜଳ ସମ୍ପଦ ବିଭାଗ ପରିଦର୍ଶନ କରି ବିଭାଗର ହାଇଡ୍ରୋଲୋଜିକାଲ୍ ତଥ୍ୟ ଅନୁଧ୍ୟାନ ସହ ବିସ୍ତୃତ କାର୍ଯ୍ୟାବଳୀ ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରଥମେ ଅଷ୍ଟମ ମହଲାସ୍ଥିତ ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ର ଯାଇ ସେଠାରେ ରାଜ୍ୟରେ ବିଭିନ୍ନ ଜଳଭଣ୍ଡାର ଓ ନଦୀଗୁଡ଼ିକରେ ଜଳ ସ୍ଥିତି ଅନୁଧ୍ୟାନ କରିବା ସହିତ ଏହାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ

▶▶ ୫

ଧବଳେଶ୍ୱର ପୀଠରେ ପଞ୍ଚକ ବଡ଼ଓଷା ଯାତ୍ରା ପ୍ରସ୍ତୁତି

## ମୁତୟନ ହେବେ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ

**ଆଠଗଡ଼,୩୧।୧୦/ଏନ୍ଏନ୍ଏସ୍:**

ପାଖେଇ ଆସୁଛି ବାବା ଧବଳେଶ୍ୱରଙ୍କ ବିଶ୍ୱପ୍ରସିଦ୍ଧ ପଞ୍ଚକ, ବଡ଼ଓଷା ଯାତ୍ରା। ଶାନ୍ତି ଶୃଙ୍ଖଳାର ସହ ବାବାଙ୍କ ଦର୍ଶନ ବ୍ୟବସ୍ଥା ଉପରେ ପ୍ରାଥମିକତା ଦିଆଯାଇ ଧବଳେଶ୍ୱର ପୀଠରେ ପୁଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ନେଇ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ଭୀନିତ ଅଗ୍ରୱାଲା ସୂଚନା ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଗ୍ରୱାଲା କହିଛନ୍ତି ଯେ ଶାନ୍ତିଶୃଙ୍ଖଳା ପାଇଁ ୩ ଜଣ ସହ-ଆରକ୍ଷୀ ପୁଲିସ ଅଧୀକ୍ଷକ, ୮ ଡିଏସ୍‌ପି, ୨୦ ଆଇଆଇସି ଏବଂ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କ ସହିତ ଅଗ୍ନିସେବା ସଂସ୍ଥାର କର୍ମଚାରୀମାନେ ନିୟୋଜିତ ରହିବେ।

### ଶାନ୍ତିଶୃଙ୍ଖଳାରେ ବାବାଙ୍କ ଦର୍ଶନ ଉପରେ ପ୍ରାଥମିକତା

ଏହାସହିତ ଅପରାଧୀ ତଥା ଅସାଧୁ ବ୍ୟକ୍ତିମାନଙ୍କ ଉପରେ ନଜର ରଖିବାକୁ ୩୨ଟି ସ୍ଥାନରେ ସିସିଟିଭି ଲଗାଯାଇଛି। ଏହାସହିତ ଭକ୍ତମାନେ କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆସିବେ ସେଥି ନିମନ୍ତେ କଂକ୍ରିଟ୍ ପୋଲଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି ଏବଂ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ବେଢ଼ା ବାହାରେ ୮ ଓ ବେଢ଼ା ଭିତରେ ୬ ଟ୍ରାଫିକ୍ ପୋଷ୍ଟ କରାଯାଇଛି। କଟକ ପଟୁ ଦୁଇଚକିଆ ଯାନରେ ଆସୁଥିବା ଭକ୍ତମାନଙ୍କ ପାଇଁ ପାଇକରାପୁରଠାରେ ଷ୍ଟାଣ୍ଡ୍ ବ୍ୟବସ୍ଥା କରାଯାଇଥିବା ବେଳେ ଚାରିଚକିଆ ଯାନ ପାଇଁ ବିଦ୍ୟାଧରପୁର ରାସ୍ତା ଫାଣ୍ଡିପଡ଼ିଆଠାରେ ରହଣି ସ୍ଥଳ କରାଯାଇଛି। ଚଳିତବର୍ଷ ପଞ୍ଚକ ୫ ଦିନ ବାବାଙ୍କ

▶▶ ୫

୩ ନୂଆ ଗିନିଜ୍ ରେକର୍ଡ ସ୍ଥାପନ କଲା ଭାରତ

## ସ୍ୱାସ୍ଥ୍ୟ ନାରୀ ଅଭିଯାନକୁ ବିଶ୍ୱ ମାନ୍ୟତା




**ନୂଆଦିଲ୍ଲୀ, ୩୧।୧୦/ଏଜେନ୍ସି:**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶୁକ୍ରବାର ଘୋଷଣା କରିଛି ଯେ, ଦେଶବ୍ୟାପୀ 'ସ୍ୱାସ୍ଥ୍ୟ ନାରୀ, ସଶକ୍ତ ପରିବାର ଅଭିଯାନ' (ଏସ୍ଏନ୍ଏସ୍‌ପିଏ) ଅଧୀନରେ ଭାରତ ତିନୋଟି ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏସବୁ ବିଶ୍ୱ ରେକର୍ଡ ମହିଳା-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଟିଏ ଗୋଟିଏ ପ୍ରମୁଖ ମାଇଲଖୁଣ୍ଟ। ଏସବୁ ରେକର୍ଡ ସେତେବେଳେ ସମ୍ଭବ ହୋଇପାରିଛି ଯେତେବେଳେ କି ଗୋଟିଏ ମାସରେ ସ୍ୱାସ୍ଥ୍ୟସେବା ପ୍ଲାଟଫର୍ମ ପାଇଁ ପଞ୍ଜିକରଣ କରିଥିବା ସର୍ବାଧିକ ମହିଳା (୩.୨୧ କୋଟି), ଗୋଟିଏ ସପ୍ତାହରେ ଅନଲାଇନ୍ ସ୍ତନ କର୍କଟ ସ୍କ୍ରିନିଂ ପାଇଁ ସାଇନ୍ ଅପ୍ କରିଥିବା ସର୍ବାଧିକ ମହିଳା (୯.୯୪ ଲକ୍ଷ), ଏବଂ ରାଜ୍ୟ ସ୍ତରରେ ଗୋଟିଏ ସପ୍ତାହରେ ଅନଲାଇନ୍ ଯୋଗେ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ସ୍କ୍ରିନିଂ ପାଇଁ ସାଇନ୍ ଅପ୍ କରିଥିବା ସର୍ବାଧିକ ମହିଳା (୧.୨୫ ଲକ୍ଷ) ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଏହି ବିଶ୍ୱସ୍ତରୀୟ ମାନ୍ୟତା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ନବସୃଜନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ 'ସୁସ୍ଥ ମହିଳା, ସଶକ୍ତ ପରିବାର ଏବଂ ବିକାଶ ଭାରତ' ଗଠନରେ ସରକାରୀ ସମନ୍ୱୟର ମିଳିତ ଶକ୍ତିକୁ ପ୍ରତିଫଳିତ କରେ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଇଛି ଯେ, ଏହି ଅଭିଯାନ ଭାରତର ପ୍ରତ୍ୟେକ ଜିଲ୍ଲାରେ ପହଞ୍ଚିଥିଲା, ୧୯.୭ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା ଏବଂ ମୋଟ ୧୧ କୋଟିରୁ ଅଧିକ ଲୋକ ଉପସ୍ଥିତ ଥିଲେ। ୨୦ରୁ ଅଧିକ ମନ୍ତ୍ରଣାଳୟ, ଚିକିତ୍ସା ପ୍ରତିଷ୍ଠାନ ଏବଂ ଘରୋଇ ସଂଗଠନ ଏହି ଅଭିଯାନରେ ଯୋଗ ଦେଇଥିଲେ, ଯାହା ଏହାକୁ 'ସମ୍ପୂର୍ଣ୍ଣ ସରକାରୀ' ପ୍ରୟାସ କରିଥିଲା। ଏଥିରେ ୫ଲକ୍ଷରୁ ଅଧିକ ପଞ୍ଚାୟତିରାଜ ପ୍ରତିନିଧି, ୧.୧୪ କୋଟି ଛାତ୍ର, ୯୪ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ପ୍ଲାଟଫର୍ମର ଅଂଶଗ୍ରହଣ ସହିତ ଅଭୂତପୂର୍ବ ସାମୁଦାୟିକ ସମ୍ପର୍କ ମଧ୍ୟ ଦେଖାଯାଇଥିଲା। ଏହି ପଦକ୍ଷେପରେ ୧.୭୮ କୋଟି ଉଚ୍ଚ ରକ୍ତଚାପ ସ୍କ୍ରିନିଂ, ୧.୭୩ କୋଟି ମଧୁମେହ ସ୍କ୍ରିନିଂ, ୬୯.୫ ଲକ୍ଷ ମୁଖ କର୍କଟ ସ୍କ୍ରିନିଂ ଏବଂ ୬୨.୬ ଲକ୍ଷ ପ୍ରସବ ପୂର୍ବ ଯାଞ୍ଚ ରେକର୍ଡ କରାଯାଇଛି। ଏହା ସହିତ, ୨.୧୪ କୋଟି ଲୋକ ପରାମର୍ଶ ଏବଂ ସୁସ୍ଥତା ଅଧିବେଶନରେ ଅଂଶଗ୍ରହଣ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨, ୨୦୨୫ ମଧ୍ୟରେ ପୋଷଣ ମାସ ସହିତ ଆରମ୍ଭ ହୋଇଥିବା ଏହି

▶▶ ୫

## ସରିଲା ଇ-କେୱାଇସି ଡେଡ୍‌ଲାଇନ୍

**ଭୁବନେଶ୍ୱର,୩୧/୧୦,ଏନ୍ଏନ୍ଏସ୍:**

ଶୁକ୍ରବାର ସରୁଛି ଡେଡ୍‌ଲାଇନ୍। ଇ-କେୱାଇସି କରିନଥିଲେ ନଭେମ୍ବରରକୁ ମିଳିବନି ରାସନ ବୋଲି କୁହାଯାଇଥିଲା। ଅକ୍ଟୋବର ୩୧ ତାରିଖ ସୁଦ୍ଧା ଇ-କେୱାଇସି ଶେଷ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସବୁ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଚଳିତ ମାସ ୨୯ ତାରିଖ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୫୭ ହଜାର ୨୬୫ ଜଣ ଇ-କେୱାଇସି କରିନାହାନ୍ତି।

ସୂଚନା ମୁତାବକ ଗତ ୧୪ ତାରିଖରେ ୧୬ ଲକ୍ଷ ୩୦ ହଜାର ୩୭୧ ଜଣ ଇ-କେୱାଇସି କରିନଥିଲେ। ତେଣୁ ସମସ୍ତ ଜିଲ୍ଲାପାଳଙ୍କୁ ଏହା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ୧୫ ଦିନରେ ମାତ୍ର ୭୩, ୧୦୬ ଜଣଙ୍କ

### ୨୯ ସୁଦ୍ଧା କରିନାହାନ୍ତି ୧୫ ଲକ୍ଷ ୫୭ ହଜାର

ଇ-କେୱାଇସି ହୋଇଛି। ଚଳିତ ମାସ ୨୯ ତାରିଖ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୧ ଲକ୍ଷ ୫୮ ହଜାର ୨୨ ଜଣ ଇ-କେୱାଇସି କରିନଥିବା ବେଳେ କଟକରେ ୮୭,୬୧୨, ବଲାଙ୍ଗୀରରେ ୭୫,୮୯୧, ମୟୂରଭଞ୍ଜରେ ୭୭,୩୪୬, ବାଲେଶ୍ୱରରେ ୭୪,୬୭୭, କଳାହାଣ୍ଡିରେ ୭୬,୩୭୬, କେନ୍ଦ୍ରାପଡ଼ାରେ ୭୨,୧୭୨, ପୁରୀରେ ୬୯,୭୪୬, ବରଗଡ଼ରେ ୬୬,୭୯୬, ଯାଜପୁରରେ ୬୭,୦୨୩, କେନ୍ଦୁଝରରେ ୬୬,୦୫୩, ଢେଙ୍କାନାଳରେ ୫୨,୪୭୪, ଭଦ୍ରକରେ ୫୨,୪୩୨, ଅନୁଗୁଳରେ ୩୭,୫୨୨, ଖୋର୍ଦ୍ଧାରେ ୬୫,୩୪୯, କୋରାପୁଟରେ ୫୩,୭୩୪, ନବରଙ୍ଗପୁରରେ ୫୪,୪୩୫, ରାୟଗଡ଼ାରେ ୩୮,୬୮୪, ସୁନ୍ଦରଗଡ଼ରେ ୪୬,୫୫୧, ଜଗତସିଂହପୁରରେ ୩୬,୬୪୪,


▶▶ ୫

ଭାରତ-ଆମେରିକା ବାଣିଜ୍ୟ ଶୁଳ୍କ ଓ ଦ୍ୱିପାକ୍ଷିକ ଚୁକ୍ତିଜନିତ ଅସ୍ଥିରତା ସତ୍ତ୍ୱେ....

# ୧୦ ବର୍ଷିଆ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର

**କ୍ୱାଲାଲାମ୍ପୁର,୩୧।୧୦/ଏଜେନ୍ସି:**

ଆମେରିକା ପକ୍ଷରୁ ଲଗାଯାଇଥିବା ବର୍ଦ୍ଧିତ ବାଣିଜ୍ୟ ଶୁଳ୍କ (୫୦%)କୁ ନେଇ ଭାରତ ଓ ଆମେରିକା ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଯଦିଓ ଉଭୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ବାହାରକୁ ପରସ୍ପର ମଧ୍ୟରେ ସବୁକିଛି ଠିକ୍ ଥିବା ଦର୍ଶାଉଛନ୍ତି, କୌଣସି ନା କୌଣସି ପ୍ରସଙ୍ଗରେ ପରସ୍ପରକୁ ପ୍ରଶଂସା କରୁଛନ୍ତି ତଥାପି ବାସ୍ତବିକତା କିଛି ଭିନ୍ନ ରହିଛି। ଏସବୁ ସତ୍ତ୍ୱେ ଟ୍ରମ୍ପ୍ ଏବଂ ଆମେରିକା ପକ୍ଷରୁ ବାରମ୍ବାର ଦାବି କରାଯାଇଆସୁଛି ଯେ ଭାରତ ସହ ବାଣିଜ୍ୟ ଚୁକ୍ତି ହେବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଖୁବଶୀଘ୍ର ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବ। କିନ୍ତୁ ସତ୍ୟତା ହେଉଛି ଯେ, ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରିନାହିଁ, ଅର୍ଥାତ୍ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବା ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ତେବେ ଏସବୁ ସତ୍ତ୍ୱେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ଆଗାମୀ ୧୦ ବର୍ଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ଯାହାକି ଏକ ଆଶ୍ୱସ୍ତିଜନକ।



ରିପୋର୍ଟ ଅନୁସାରେ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଏବଂ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ମଧ୍ୟରେ ମାଲେସିଆର ରାଜଧାନୀ କ୍ୱାଲାଲାମ୍ପୁର ଠାରେ ସାକ୍ଷାତକାର ହୋଇଛି। ଏହି ସାକ୍ଷାତକାର ଅବସରରେ ଉଭୟ ପ୍ରତିରକ୍ଷା ଚୁକ୍ତି ଉପରେ ସ୍ୱାକ୍ଷର କରିଛନ୍ତି ଏବଂ ହାତ ମିଳାଇଛନ୍ତି। କୁହାଯାଉଛି ଯେ ଭାରତ ଏବଂ ଆମେରିକା ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ବିସ୍ତାର କରିବା ପାଇଁ ଏକ ଢାଞ୍ଚା ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ସମନ୍ୱୟ, ସୂଚନା ଆଦାନପ୍ରଦାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ବୃଦ୍ଧି କରିବ ଏବଂ 'ଆଞ୍ଚଳିକ ସ୍ଥିରତା ଏବଂ ପ୍ରତିରୋଧ'କୁ ଆଗକୁ ବଢ଼ାବ। ହେଗସେଥ୍ ଏବଂ ରାଜନାଥଙ୍କ ମଧ୍ୟରେ ଏକ ବୈଠକ ପରେ ଏହି ଚୁକ୍ତି ଘୋଷଣା କରାଯାଇଛି। ଏହି ଚୁକ୍ତିନାମା ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କରେ ସମଗ୍ର କ୍ଷେତ୍ରକୁ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ରାଜନାଥ ସିଂହ ଏସମ୍ପର୍କରେ ନିଜ ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି ଯେ, 'ଏହା ଆମର ବଢ଼ୁଥିବା ରଣନୈତିକ ଅଭିସରଣର ଏକ ସଙ୍କେତ ଏବଂ ଏକ ନୂତନ ଦଶନ୍ଧିର ସହଭାଗୀତାର

▶▶ ୫

ସରିଲା କଳିଙ୍ଗା ଘାଟି ମରାମତି କାର୍ଯ୍ୟ

## ହାଲୁକା ଗାଡ଼ି ଚଳାଚଳ ଆରମ୍ଭ



**ଫୁଲବାଣୀ,ଜି.ଉଦୟଗିରି, ୩୧।୧୦/ଏନ୍ଏନ୍ଏସ୍ :**

କନ୍ଧମାଳ -ଗଞ୍ଜାମ ସୀମାନ୍ତ କଳିଙ୍ଗା ଘାଟିର ମରାମତି କାର୍ଯ୍ୟ ଆପାତତଃ ଶେଷ ହୋଇଛି। ଶୁକ୍ରବାର କିଛି ଦୁଇଚକିଆ ଏବଂ ହାଲୁକା ଚାରିଚକିଆ ଯାନ ଘାଟି ଦେଇ ଯାତାୟାତ କରିଛି । ତେବେ ପ୍ରଶାସନ ପକ୍ଷରୁ ଏହି ରାସ୍ତା ଦେଇ ଆଧିକାରିକ ଭାବେ ଯାତାୟାତ ପାଇଁ ନିର୍ଦ୍ଦେଶ ଜାରି ହୋଇନାହିଁ। ଜାତୀୟ ରାଜପଥ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ ସୂଚନା ଅନୁସାରେ, ଭୂସ୍ଖଳନ ସ୍ଥାନରେ ଚାଲିଥିବା ପୁନଃଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ନେଇ କନ୍ଧମାଳ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଉଭୟ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାପାଳ

### ମିଳିତ ଯାଞ୍ଚ କରିବେ କନ୍ଧମାଳ- ଗଞ୍ଜାମ ଜିଲ୍ଲାପାଳ

ମିଳିତ ଯାଞ୍ଚ କରିବା ପରେ ବିଧିବଦ୍ଧ ଭାବେ ଏ ନେଇ ଘୋଷଣା କରିବେ ବୋଲି ସେ କହିଛନ୍ତି। ତେବେ କଳିଙ୍ଗା ଘାଟି ରାସ୍ତା ଶୀଘ୍ର ଖୋଲିବା

▶▶ ୫

# ଡାକ୍ତର ନୀଳକଣ୍ଠ ମିଶ୍ର ଓସାକ୍ସର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଡାକ୍ତର ନୀଳକଣ୍ଠ ମିଶ୍ର ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି।



ଡାକ୍ତର ମିଶ୍ର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସହ ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏହି ଅବସରରେ ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଡାକ୍ତର ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ଏଚ୍.ଆଇ.ଭି./ଏଡସ୍ ଦୂରୀକରଣ କରିବା ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ରାଜ୍ୟକୁ ୨୦୩୦ ସୁଦ୍ଧା ଏଡସର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲରେ ସକରାତ୍ମକ ଚିନ୍ତାଧାରା ନେଇ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁଙ୍କୁ ଓସାକ୍ସ ଠାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ଡାକ୍ତର ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା।

# ଏକାମ୍ର ବାଲିଯାତ୍ରା ମହୋତ୍ସବ ପ୍ରସ୍ତୁତି



**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଗତବର୍ଷ ଭଳି ଚଳିତ ବର୍ଷ ଏକାମ୍ର ବାଲିଯାତ୍ରା ମହୋତ୍ସବ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ବାଲିଯାତ୍ରା କମିଟି ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବାଙ୍କୁଆଳ ନିକଟସ୍ଥ ଦୟା ନଦୀପଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ବିଭିନ୍ନ ରୂପରେଖ ଉପରେ ଆଲୋଚନା ହୋଇଥିଲା।ଏହି ଆଲୋଚନାରେ ସଂପୃକ୍ତ ସଂଯୋଗୀ ସଡ଼କ ମରାମତି, ଆଲୋକୀକରଣ, ପାର୍କିଂ, ଶୌଚାଳୟ, ଖାଦ୍ୟର ମାନ ଯାଞ୍ଚ, ଆଶୁ ଚିକିତ୍ସା ବ୍ୟବସ୍ଥା, ସୁରକ୍ଷା, ଟ୍ରାଫିକ୍, ସିସିଟିଭି ମୁତୟନ ଆଦି ସମ୍ପର୍କରେ ଆଲୋଚନା ହୋଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଏକାମ୍ର ବାଲିଯାତ୍ରା ସଫଳ ହେବ ଏହା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏସିପି କମଳ ଲୋଚନ ଭୂୟାଁ, ଭୁବନେଶ୍ୱର ବ୍ଲକ୍ ଅଧ୍ୟକ୍ଷା ନିରୁପମା ସାହୁ, ବିଡିଓ ଦେବୀ ପ୍ରସାଦ ମହାନ୍ତି, କମିଟିର ସଂପାଦକ କବିରାଜ ସ୍ୱାଇଁ, ଆୟୋଜକ ମନୋଜ ପଶ୍ଚିମକବାଟଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ




**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ଆମ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଆଜି ଆମ ଭାରତୀୟଙ୍କ ଭାଇଚାରା ସୁଦୃଢ ହୋଇଛି। ଏକ ସଶକ୍ତ ଭାରତ ଗଢ଼ିବା ପାଇଁ ଆମ ଭିତରେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନା ନିହାତି ଆବଶ୍ୟକ ରହିଛି । 'ଏକ ଭାରତ, ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ' ଆମର ସଂକଳ୍ପ ବୋଲି ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର କହିଥିଲେ। ଆଜି ହେଉଛି ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଓ ସ୍ୱାଧୀନତା ପରବର୍ତ୍ତୀ ଗଡଜାତ ରାଜ୍ୟଗୁଡ଼ିକୁ ଏକାଠି କରି ଭାରତବର୍ଷକୁ ବିଶାଳ ରାଷ୍ଟ୍ର ଭାବେ ଗଠନରେ ତାଙ୍କର ମୁଖ୍ୟ ଭୂମିକା ଥିଲା । ଏହି ମହାନ ବରପୁତ୍ରଙ୍କୁ ସମ୍ମାନ ଜଣାଇ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖ ଦିନ 'ଏକତା ଦୌଡ଼' ଅନୁଷ୍ଠିତ ହେଉଛି । ଆଜି ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ଉପସଭାପତି ଡ଼ ଜତିନ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଡ଼ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସର୍ଦ୍ଦାର ପଟେଲଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ।ଆଜି ଠାରୁ ଆସନ୍ତା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୬୩ ଟି ସ୍ଥାନରେ ଦଳ ପକ୍ଷରୁ ଏକତା ପଦଯାତ୍ରା ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମର ଆବାହକ ଡ଼ ଜତିନ୍ ମହାନ୍ତି ଜଣାଇଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ

# ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ଆହ୍ୱାନ





**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା, ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ଭାବନା ପ୍ରସାରିତ କରିବା ନିମନ୍ତେ ସଂକଳ୍ପ ନେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଜଭବନର ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଛନ୍ତି। ଭାରତର ପ୍ରଥମ ଉପ-ପ୍ରଧାନମନ୍ତ୍ରୀ-ତଥା-ଗୃହମନ୍ତ୍ରୀ ଲୌହ ମାନବ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନକୁ "ରାଷ୍ଟ୍ରୀୟ ଏକତା ଦିବସ" ଭାବେ ପାଳନ ଅବସରରେ ରାଜଭବନର ଅଭିଷେକ ହଲ୍‌ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ମଧ୍ୟ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସେହିପରି ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଆଜି ଲୋକସେବା ଭବନରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସମେତ ଲୋକସେବା ଭବନସ୍ଥିତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ରାଷ୍ଟ୍ରୀୟ ଏକତାର ଶପଥ ଗ୍ରହଣ କରିଥିଲେ।ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜକୁ ସମର୍ପିତ କରିବା ଏବଂ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର କରିବା ନିମନ୍ତେ ସମ୍ପୂର୍ଣ୍ଣ ପ୍ରୟାସ କରିବା ପାଇଁ ଶପଥ ପାଠ କରାଇଥିଲେ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ନିଜକୁ ସମର୍ପିତ କରିବାକୁ ଅଧିକାରୀ ଓ କର୍ମଚାରୀମାନେ ସତ୍ୟନିଷ୍ଠ ସଙ୍କଳ୍ପ ନେଇଥିଲେ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କରିଥିଲେ।

ଏହାଛଡ଼ା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଓ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆଜି ଶପଥ ପାଠ କରାଯାଇଛି। ବିଭାଗର ସମ୍ମିଳନୀ କକ୍ଷରେ ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ଦେଶର ଏକତା ଅକ୍ଷୁର୍ଣ୍ଣ ରଖିବାରେ ସହାୟକ ହୋଇଥିଲା। ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି ବୋଲି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ପ୍ରତ୍ୟେକ ନାଗରିକ ଜୀବନର ସମସ୍ତ କ୍ଷେତ୍ରରେ ସର୍ବଦା ସାଧୁତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନକକୁ ଅନୁସରଣ କରିବା ସହିତ ଦୁର୍ନୀତି ବିରୋଧରେ ସଂଗ୍ରାମକୁ ସମର୍ଥନ କରିବା ଉଚିତ ବୋଲି ଉଲ୍ଲେଖ କରି ନିର୍ଦ୍ଦେଶକ ସୁଶ୍ରୀ ପଟାୱରି ଉପସ୍ଥିତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ କରାଇଥିଲେ। ଶପଥ ପାଠ ଉତ୍ସବରେ ସ୍ୱତନ୍ତ୍ର ଶାସନ୍ ସଚିବ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ, ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଶ୍ରୀ ଭାସ୍କର ରଇତୋ, ଶ୍ରୀ ଦୀପକ ରାଉତରାୟ, ସୋନିଆ ବେହେରା, ଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠରେ ଅଂଶଗ୍ରହଣ କରିଥିଲେ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଆଜି ସତ୍ୟବିହାର ସ୍ଥିତ ବରିଷ୍ଠ ନାଗରିକ କ୍ଲବ ସଭା ଗୃହରେ ସତ୍ୟବିହାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ସଭାପତି ଡଃ ଅଭୟ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବଂଗତ କବି ରାଜେନ୍ଦ୍ର ପଣ୍ଡା, ଶରତ ପରିଡା ଏବଂ ଧରଣୀଧର ସାହୁଙ୍କ ଉଦ୍ଦେଶ୍ୟରେ ଶୋକ ପାଳନ କରାଯାଇଥିଲା। ଲୌହମାନବ ସର୍ଦ୍ଦାର ପଟେଲଙ୍କ ଅମଳିନ ବ୍ୟକ୍ତିତ୍ୱ ଉପରେ ଏକ ସାରଗର୍ଭକ ଉପସ୍ଥାପନା ଦେଇଥିଲେ ସଂସଦର ସଂପାଦକ ତଥା 'ନୀଳଚକ୍ର'ର କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ପାଣିଗ୍ରାହୀ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟ ଓ ସଂସ୍କୃତି ଗବେଷକ ଡ ମଦନ ମୋହନ ଜେନା ଯୋଗଦେଇ "ସାହିତ୍ୟ ଓ ସଂସ୍କୃତିରେ ପାଲାର ଭୂମିକା" ଉପରେ ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଷ୍ଟକମ୍, ଗୀତଗୋବିନ୍ଦ ଓ ଭଜନ ପରିବେଷଣ କରିଥିଲେ ଜୟନ୍ତୀ ରାଉତରାୟ, ଦୀପ୍ତି ପାଣିଗ୍ରହୀ, ଏଲିଜା ଜେନା ଓ ପ୍ରଦୀପ ବେହେରା। ପବିତ୍ର ଅଁଳା ନବମୀ ଉପରେ ପରେ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହାକୁ ସସ୍ମିତା ହୋତା ଓ ମଧୁସ୍ମିତା ସ୍ୱାଇଁ ସଂଚାଳନ କରିଥିଲେ। ସଂସଦର ଉପ ସଭାପତି ରବି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ନାଗରିକ କ୍ଲବର ସଭାପତି ଗଗନ ବିହାରୀ ମହାପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲା ବେଳେ ଲକ୍ଷ୍ମୀଧର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାକର ପାଣି, ଅଶୋକ ସାହୁ, ବଂଶୀଧର ସ୍ୱାଇଁ, ସଚ୍ଚିଦାନନ୍ଦ ଦାଶ, ଅଲେଖ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ନିରଞ୍ଜନ ପରିଡ଼ା, ଦେବେନ୍ଦ୍ର ମହାନ୍ତି, ସୁରେନ୍ଦ୍ର କୁମାର ବେହୁରିଆ, ବଂଶୀଧର ସ୍ୱାଇଁ, ଦେବପ୍ରସାଦ ସାମଲ, ବ୍ରଜବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।






ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏକତା ଦୌଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ମୁଖ୍ୟମନ୍ତ୍ରୀଙ୍କୁ ବାଲିଯାତ୍ରା ନିମନ୍ତ୍ରଣ



**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାଲିଯାତ୍ରା ନିମନ୍ତ୍ରଣ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଶୁକ୍ରବାର ଲୋକସେବା ଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଐତିହାସିକ ବାଲିଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ କଟକର ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ବାଲିଯାତ୍ରାକୁ ବେଶ୍ ବିଶାଳ ଆକାରରେ ଆୟୋଜନ କରାଯାଉଛି।

# ବନ୍‌ଭି ଏରୋକୁ ଏସ୍ଆଇଡିଏମ୍ ଚାମ୍ପିଅନ୍ ଆୱାର୍ଡ

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଓଡ଼ିଶାର ଏକ ଷ୍ଟାଟ୍‌ଅପ୍ ଏରୋସ୍ପେଶ ଓ ଡିଫେନ୍ସ ଟେକ୍ନୋଲୋଜି ଷ୍ଟାର୍ଟଅପ, ବନ୍‌ଭି ଏରୋ ଏସଆଇଡିଏମ ଚାମ୍ପିଅନ ଆୱାର୍ଡ (ସ୍ପେଶାଲ ଜୁରୀ) ହାସଲ କରି ଜାତୀୟସ୍ତରୀୟ ସଫଳତା ହାସଲ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବନ୍‌ଭି ଏରୋର ସହ-ପ୍ରତିଷ୍ଠାତା ତଥା ସିଇଓ, ସତ୍ୟବ୍ରତ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସୋସାଇଟି ଅଫ ଇଣ୍ଡିଆନ ଡିଫେନ୍ସ ମାନୁଫ୍ୟାକ୍‌ଚର୍ସ (ଏସ୍ଆଇଡିଏମ୍) ଦ୍ୱାରା ସ୍ଥାପିତ ଏହି ଚାମ୍ପିଅନ ଆୱାର୍ଡ ସ୍ୱଦେଶୀ ପ୍ରତିରକ୍ଷା ନିର୍ମାଣ ଓ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷତାକୁ ପାଳନ କରୁଛି। ଏହି ପ୍ରତିଷ୍ଠିତ ସମ୍ମାନ ହାସଲ କରିଥିବା ଏକମାତ୍ର ଓଡ଼ିଶା ଷ୍ଟାର୍ଟଅପ ଭାବେ ବନ୍‌ଭି ଏରୋର ସଫଳତା ରାଜ୍ୟର ଡିପ୍-ଟେକ ଇକୋସିଷ୍ଟମ ପାଇଁ ଏକ ଗର୍ବର ମୁହୂର୍ତ୍ତକୁ ଚିହ୍ନିତ କରିଛି। ଏହି ସ୍ୱୀକୃତି ସମ୍ପର୍କରେ ବନ୍‌ଭି ଏରୋର ସହପ୍ରତିଷ୍ଠାତା ଓ ସିଇଓ ଶ୍ରୀ ଶତପଥୀ କହିଛନ୍ତି ଯେ ଏସ୍ଆଇଡିଏମ୍ ଓ ପ୍ରତିରକ୍ଷା ମନ୍ତ୍ରଣାଳୟଠାରୁ ମିଳିଥିବା ଏହି ସମ୍ମାନ କେବଳ ବନ୍‌ଭି ଏରୋ ପାଇଁ ନୁହେଁ ବରଂ ଓଡ଼ିଶାର ସମଗ୍ର ଉଦ୍ଭାବନ ସମୁଦାୟ ପାଇଁ ଏକ ଗର୍ବ। ଡିଆରଡିଓର ପୂର୍ବତନ ଅଧ୍ୟକ୍ଷ ଓ ରକ୍ଷାମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା ଡଃ ସତିଶ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆୱାର୍ଡର ଜୁରୀଙ୍କ ମଧ୍ୟରେ ଡଃ ପ୍ରହ୍ଲାଦ ରାମାରାଓ, ଏୟାର ମାର୍ଶଲ ଅନୀଲ ଚୋପ୍ରା, ଭାଇସ ଆଡ୍‌ମିରାଲ ଏସକେଏନ ଘୋରମଡେ ଓ ମେଜର ଜେନେରାଲ ପିକେ ସାଇନି ପ୍ରମୁଖ ସାମିଲ ଥିଲେ।

# ବିଏମ୍‌ସି ଅଧୀନକୁ ଆସିବ ୩୧୬ କିମି ଡ୍ରେନ୍

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୫ ତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏହି ସାଧାରଣ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା ମଞ୍ଚାସୀନ ଥିଲେ ।




ସମ୍ପ୍ରତି ବିଏମ୍‌ସି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜିର ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଉନ୍ନତି ଓ ସହରୀ ବିକାଶ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ମଂଜୁର କରିଛନ୍ତି । ଆଉ ମଧ୍ୟ କିଛି ଅର୍ଥ ରାଜ୍ୟ ସରକାର ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଭୟ ମେୟର ଓ କମିଶନର ଗୃହକୁ ଅବଗତ କରାଇଥିଲେ। ତେଣୁ ପ୍ରତ୍ୟେକ ୱାର୍ଡରେ କିଛି କିଛି କାମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ୍ୟ କମିଶନର ଅବଗତ କରାଇଛନ୍ତି। କେବଳ ସେତିକି ନୁହେଁ ଆର୍ ଆଣ୍ଡ ବି ଅଧୀନରେ ଥିବା ୩୧୬ କିଲୋମିଟର ଡ୍ରେନ ମଧ୍ୟ ବିଏମ୍‌ସି ଅଧୀନକୁ ଆସିବ। ଏପରିକି ବିଡିଏ/ପଞ୍ଚାୟତରେ ଥିବା ଅନେକ ରାସ୍ତା ବିଏମ୍‌ସି ଅଧୀନକୁ ଆସିବ। ବିଭିନ୍ନ ଉପବିଭାଗ ଓ କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୮ଟି ପ୍ରସ୍ତାବ ଆଗତ କରାଯାଇଥିଲା। ଆସିଥିବା ପ୍ରସ୍ତାବଗୁଡିକୁ ବୈଠକରେ ଉପସ୍ଥାପନ କରାଯାଇଥିଲା । ସେହିପରି କର୍ପୋରେଟରଙ୍କ ପକ୍ଷରୁ ମୋଟ ୧୪ଟି ଲିଖିତ ପ୍ରଶ୍ନ ଗୃହରେ ଆଗତ କରାଯାଇଥିଲା। ସେ ସଂପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଇଗିଣିଆ ଆଲୁଗଦି ବା କୁବେରପୁରୀଠାରେ ଟ୍ରକ ରହିବା ପାଇଁ ହେବ ପାର୍କିଂ ବ୍ୟବସ୍ଥା। ବର୍ଜ୍ୟ ସଂଗ୍ରହ ଓ ପରିଚାଳନା ପାଇଁ ଏଜେନ୍ସି ଚୟନ ନିମନ୍ତେ ଆସିଥିବା ଏସଓପିକୁ କର୍ପୋରେସନ ମଂଜୁରୀ ମିଳିଛି । ସେହିପରି ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ତିନୋଟି ଜୋନରେ ତିନୋଟି ଏଜେନ୍ସିଙ୍କୁ ନିୟୋଜିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଖୁବ୍ ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ। ଆସନ୍ତା ୬ ତାରିଖ ଦିନ ମୁକ୍ତା ଓ ଜାଗା ମିଶନ ସଂପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ କର୍ପୋରେସନର ସ୍ୱତନ୍ତ୍ର ବୈଠକ ଡକାଯିବ ବୋଲି ନିଷ୍ପତ୍ତି ହୋଇଛି ।

# ପିସିସି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ

**ଭୁବନେଶ୍ୱର,୩୧।୧୦/ଏନ୍ଏନ୍ଏସ୍:** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏବଂ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀ ଓ ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଜୟଶ୍ରୀ ପଟ୍ଟନାୟକ, ପୃଥିବୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ମିଶ୍ର, ସୁଦର୍ଶନ ଦାସ, ଅମୀୟ କୁମାର ପଟ୍ଟନାୟକ, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ହିମାଂଶୁ ଲେଙ୍କା, ମନୋରଞ୍ଜନ ରାଉତରାୟ, ସଂଜୟ ମିଶ୍ର,ମୋଟରାଜ ଡୁଙ୍ଗ ଡୁଙ୍ଗ, ବସନ୍ତ ମହାରଣା, ଭାସ୍କର ସେଠୀ, ଜାନକୀ ମଲ୍ଲିକ, ପ୍ରଭାତ ପ୍ରତାପ ସିଂ, ତାପସ ସେଠୀ, ଜୟକୃଷ୍ଣ ସୁବୁଦ୍ଧି, ଶିବଶଙ୍କର ବେହେରା, ଦେବେନ୍ଦ୍ର ଦାସ, ସନ୍ତୋଷ କୁମାର ନାୟକ, ଯୁଗଳ ନାୟକ, ସୁସ୍ଥିର ନାୟକ, ଖଗେଶ୍ୱର ମଲ୍ଲିକ, ପ୍ରଶନ୍ନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜି ଓଡ଼ିଶା ଆସିବେ ଅଶ୍ୱିନୀ ବୈଷ୍ଣବ



**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ଅର୍ଥାତ ଶନିବାର ଭୁବନେଶ୍ୱରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି।

ଏହି ଗସ୍ତ ସମୟରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଭୁବନେଶ୍ୱରର ଇନଫୋ ଭ୍ୟାଲିରେ ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍‌ର ଭୂମିପୂଜନ ସମାରୋହରେ ଯୋଗଦେବେ। 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜିଟାଲ୍ ଇଣ୍ଡିଆ'ର ଦୃଷ୍ଟିକୋଣ ସହିତ ଏହି ପ୍ରକଳ୍ପ ଭାରତର ଅର୍ଦ୍ଧପରିବାହୀ ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ।

ସେହି ଦିନ ଶ୍ରୀ ବୈଷ୍ଣବ ଭୁବନେଶ୍ୱରର ଲୋକସେବା ଭବନରେ ରେଳ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ମଧ୍ୟ ସାକ୍ଷୀ ରହିବେ। ଏହି ବୁଝାମଣାପତ୍ରର ଲକ୍ଷ୍ୟ ହେଉଛି ସାରା ରାଜ୍ୟରେ ରେଳ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବା ଏବଂ ସଂଯୋଗୀକରଣକୁ ଉନ୍ନତ କରିବା। ପରେ ଶ୍ରୀ ବୈଷ୍ଣବ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନ କରିବେ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଧର୍ମେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ବିହାରର ପାଟନା ସ୍ଥିତ ବିଜେପି କାର୍ଯ୍ୟାଳୟରେ ଲୌହପୁରୁଷ ତଥା ଭାରତରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ଶ୍ରୀ ପ୍ରଧାନ ସମସ୍ତ ଦେଶବାସୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ସର୍ଦ୍ଦାର ପଟେଲଜୀ ନିଜର ଅତୁଟ ରାଷ୍ଟ୍ରନିଷ୍ଠା, ଅଦ୍ୱିତୀୟ ନେତୃତ୍ୱ ଏବଂ ଅଦମ୍ୟ ସଂକଳ୍ପ ବଳରେ ଅନେକ ରାଜ୍ୟକୁ ଏକ ସୂତ୍ରରେ ବାନ୍ଧି ଅଖଣ୍ଡ ଭାରତର ନିର୍ମାଣ କରିଥିଲେ। ତାଙ୍କର ଜୀବନ ଆମକୁ ଏହା ଶିକ୍ଷା ଦିଏ ଯେ ରାଷ୍ଟ୍ରର ଶକ୍ତି ଏକତାରେ ହିଁ ଅନ୍ତର୍ନିହିତ। ସେ ଭାରତୀୟ ରାଜନୀତିରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ଦେଶର ଏକତା ପାଇଁ ଅସାଧାରଣ ପ୍ରୟାସ କରିଥିଲେ। ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ଯୋଗୁଁ ଆଜି ଭାରତ ଏକ ଅଖଣ୍ଡ ରାଷ୍ଟ୍ର ଭାବରେ ଦଣ୍ଡାୟମାନ।

ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଥିଲେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ରନ୍ ଫର୍ ୟୁନିଟି' ଆୟୋଜିତ ହେଉଛି। ଏହି ଦିନ ଦେଶବାସୀ ଏକଜୁଟ୍ ହୋଇ ସର୍ଦ୍ଦାର ପଟେଲଙ୍କ ନୀତିଗୁଡ଼ିକୁ ସମ୍ମାନ ଜଣାଇବା ସହ ଜାତୀୟ ଏକତା ଏବଂ ଅଖଣ୍ଡତା ପ୍ରତି ଆମର ପ୍ରତିବଦ୍ଧତାକୁ ବ୍ୟକ୍ତ କରୁଛନ୍ତି। ତାଙ୍କ ଆଦର୍ଶରୁ ପ୍ରେରଣା ନେଇ ଏକ ବିକଶିତ ଏବଂ ଶକ୍ତିଶାଳୀ ଭାରତର ନିର୍ମାଣ ପାଇଁ ଏକଜୁଟ୍ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେବାକୁ ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସ

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଶପଥ ପାଠ




**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆଜି ଶପଥ ପାଠ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟ ଦେଶର ଏକତା ଅକ୍ଷୁଣ୍ଣ ରଖିବାରେ ସହାୟକ ହୋଇଥିଲା । ତାଙ୍କ ସମର୍ପିତ ଜୀବନ ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ପ୍ରତ୍ୟେକ ନାଗରିକ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ଉଦ୍ୟମ ଜାରି ରଖିବାର ଆବଶ୍ୟକତା ରହିଛି ବୋଲି ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଶପଥ ପାଠ ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ ସେକ୍ କଲାମ ଉଦ୍ଦିନ୍, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ, ଅଶ୍ୱିନୀ କୁମାର ଭୋଇଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# 'ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ'



**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ବିପ୍ଳବୀ ଜୟୀ ରାଜଗୁରୁ ଥିଲେ ବେଦ, ଶାସ୍ତ୍ର, ନୀତି, ଅସ୍ତ୍ର-ଶସ୍ତ୍ର ଓ ରାଜନୀତିରେ ନିପୁଣ, ଖୋର୍ଦ୍ଧା ଗଡ଼ ରାଜା ମୁକୁନ୍ଦ ଦେବଙ୍କ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସି ଯାଇଥିଲା, ସେତେବେଳେ ଏହି ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ସେ ରାଜା ମୁକୁନ୍ଦ ଦେବଙ୍କ ସହ ମିଶି ଓଡ଼ିଆ ମାଟିର ସମ୍ମାନ ପାଇଁ ଅସ୍ତ୍ର ଧରି ଶେଷରେ ସହିଦ ହେଇଥିଲେ। ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ମତପ୍ରକାଶ ପାଇଛି। ଶୁକ୍ରବାର ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିଭାବେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଥିଲେ ଯେ ଏ ଜାତିର ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। ବିପ୍ଳବୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ଇତିହାସରେ ମିଳିବା ଦରକାର। ଐତିହ୍ୟ ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ଆମ କୀର୍ତ୍ତି ଓ ସଂସ୍କୃତି ସୁରକ୍ଷିତ ରହିବ। ଏଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରରେ ଉପଯୁକ୍ତ ଭାବେ ଜୟୀ ରାଜଗୁରୁଙ୍କ ବଳିଦାନ ସ୍ଥାନିତ ହେବା ଆବଶ୍ୟକ ବୋଲି କହିବା ସହିତ ଏଭଳି ମହାପୁରୁଷଙ୍କ କୀର୍ତ୍ତି ସମସ୍ତଙ୍କୁ ଅନୁପ୍ରାଣିତ କରୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଜୟୀ ରାଜଗୁରୁ ଜଣେ ଜ୍ଞାନୀ ଓ ପ୍ରଜ୍ଞାଦୀପ୍ତ ପୁରୁଷ ଥିଲେ ବୋଲି କହିଥିଲେ। ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟଜ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହେଇଥିଲା। ପରେ ପରେ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସଂପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସମାରୋହରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁପ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ଉପ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ଏକତା ଦୌଡ଼

# 'ଏକ ଭାରତ,ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ ଆମର ସଂକଳ୍ପ'



**ଭୁବନେଶ୍ୱର,ନୂଆପଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ଆମ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଆଜି ଆମ ଭାରତୀୟଙ୍କ ଭାଇଚାରା ସୁଦୃଢ ହୋଇଛି। ଏକ ସଶକ୍ତ ଭାରତ ଗଢିବା ପାଇଁ ଆମ ଭିତରେ ଏକତା, ସମନ୍ୱୟ ଓ ଦେଶପ୍ରେମର ଭାବନା ନିହାତି ଆବଶ୍ୟକ ରହିଛି। 'ଏକ ଭାରତ, ଶ୍ରେଷ୍ଠ ଭାରତ, ଆତ୍ମନିର୍ଭରଶୀଳ ଭାରତ' ଆମର ସଂକଳ୍ପ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ନୂଆପଡ଼ାରେ ଅନୁଷ୍ଠିତ ହୋଇଥିବା ଏକତା ଦୌଡରେ ଯୋଗଦେଇ ଶ୍ରୀ ସାମଲ ଏହା କହିଛନ୍ତି। ଏଥିରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟିକା ସଞ୍ଜଳି ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଯୁବ ନେତା ଅଭିନନ୍ଦନ ପଣ୍ଡା, ପ୍ରସନ୍ନ ପାଢ଼ୀଙ୍କ ସମେତ ଅନେକ ସ୍ଥାନୀୟ ନେତୃବୃନ୍ଦ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ସେହିପରି ଖରିଆର ରୋଡ଼ରେ ଅନୁଷ୍ଠିତ ଏକତା ଦୌଡ଼ରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, ମନ୍ତ୍ରୀ ଡା.କୃଷ୍ଣ ଚନ୍ଦ୍ର ମହାପାତ୍ର, ସାଂସଦ ସୁକାନ୍ତ ପାଣିଗ୍ରାହୀ, ସାଂସଦ ମାଳବିକା ଦେବୀ, ବିଧାୟକ ନବୀନ ଜୈନ, ଏନଏସି ଅଧକ୍ଷା ଡା.ସୋନିଆ ଜୈନ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ସମେତ ଅନେକ ସ୍ଥାନୀୟ ନେତୃବୃନ୍ଦ ଓ ସାଧାରଣ ଜନତା ସାମିଲ ହୋଇଥିଲେ।

# ପଦ୍ମ ଧରିଲେ ଖରିଆରରୋଡ ବିଜେଡି ଛାତ୍ର ସଭାପତି

**ଭୁବନେଶ୍ୱର,ନୂଆପଡ଼ା,୩୧।୧୦/ଏନ୍‌ଏନ୍‌ଏସ୍ :** ଶୁକ୍ରବାର ନୂଆପଡା ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଖରିଆରୋଡ଼ ଛାତ୍ର ବିଜେଡି ସଭାପତି ମନୀଷ ଦେବାଙ୍ଗନ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଉପରେ ନୂଆପଡ଼ାବାସୀ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛନ୍ତି। ନୂଆପଡ଼ା ଜିଲ୍ଲା ପ୍ରତି ଭଲ ପାଇବା ଓ ନୂଆପଡ଼ା ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଆମ ସମସ୍ତଙ୍କୁ ପ୍ରଭାବିତ କରିଛି। ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର କାରଣରୁ ନୂଆପଡ଼ା ଜିଲ୍ଲାର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ନିର୍ବାଚନମଣ୍ଡଳୀ ବାହାରୁ ପ୍ରାର୍ଥୀ ଆଣି ବିଜେଡି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ଅଣଦେଖା କରିଛି। ନିଜ ସ୍ୱାର୍ଥ ପାଇଁ ନୁହେଁ, ନୂଆପଡ଼ାର ସ୍ୱାର୍ଥ ପାଇଁ ସେବା କାର୍ଯ୍ୟ ଜାରି ରଖିବି ବୋଲି ଶ୍ରୀ ଦେବାଙ୍ଗନ କହିଛନ୍ତି। ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଦେବାଙ୍ଗନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।

# ବିକଶିତ ନୂଆପଡ଼ା ଆମର ସଂକଳ୍ପ : ମନ୍ତ୍ରୀ

**ନୂଆପଡ଼ା, ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ଗାଁର ବିକାଶ ହେଲେ ରାଜ୍ୟର ତଥା ଦେଶର ବିକାଶ ହେବ। ତେଣୁ ବିକଶିତ ଓଡ଼ିଶା ସହ ବିକଶିତ ନୂଆପଡ଼ା ଗଠନ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଏଥିପାଇଁ ନୂଆପଡ଼ାର ଭୋଟର ଭାଇଭଉଣୀ ବିଜେପିର ନୂଆପଡ଼ା ବିଧାୟକ ପ୍ରାର୍ଥୀ ଜୟ ଭାଇ ଢୋଲକିଆଙ୍କୁ ବିପୁଳ ପରିମାଣର ଭୋଟ ଦେଇ ଜିତାଇବା ପାଇଁ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଭୋଟରମାନଙ୍କୁ ନିବେଦନ କରିଛନ୍ତି । ମନ୍ତ୍ରୀ ଶ୍ରୀ ମଲ୍ଲିକ କୋମନା ବ୍ଲକ, କୋନାବିରା ପଞ୍ଚାୟତର କରମହଲ ଗାଁରେ ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଗାମୀ ଉପନିର୍ବାଚନ ପାଇଁ ଫଳପ୍ରଦ ଆଲୋଚନା କରିଥିଲେ। ଭୋଟର ଓ କାର୍ଯ୍ୟକର୍ତ୍ତାଙ୍କ ଉତ୍ସାହ ଦେଖି ମନ୍ତ୍ରୀ ମଲ୍ଲିକ ଖୁସି ପ୍ରକାଶ କରିବା ସହ ବିଜେପି ପ୍ରାର୍ଥୀଙ୍କର ଏହି ନିର୍ବାଚନରେ ବିଜୟ ସୁନିଶ୍ଚିତ ବୋଲି କହିଥିଲେ। ମନ୍ତ୍ରୀଙ୍କ ସହ ନିର୍ବାଚନ ପ୍ରଚାରରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ସାମିଲ ହୋଇଥିଲେ।

# ସୁରକ୍ଷା ଏବଂ ଗୁଣବତ୍ତା ସମ୍ପର୍କିତ ତାଲିମ୍

**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ରାଜ୍ୟରେ କାରଖାନା ମାନଙ୍କରେ ସୁରକ୍ଷିତ ଚଳନ, ରକ୍ଷଣାବେକ୍ଷଣ ଏବଂ ମରାମତିକୁ ଦୃଷ୍ଟିରେ ରଖାଯାଇ ରାଜ୍ୟ ଶ୍ରମ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ "ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଇଡ୍" ସମ୍ବନ୍ଧରେ ସୁରକ୍ଷା ଏବଂ ଗୁଣବତ୍ତା" ଶୀର୍ଷକ ବିଷୟ ଉପରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା), ଡଃ ମଳୟ କୁମାର ପ୍ରଧାନ ଉଦ୍‌ବୋଧନ ଦେଇଥିଲେ। କାରଖାନା ମାନଙ୍କରେ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି ମତବ୍ୟକ୍ତ କରିବା ସହିତ କାରଖାନା ମାଲିକ, ସୁରକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ଏଥିନିମନ୍ତେ ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଡ଼ା. ପ୍ରଧାନ କହିଥିଲେ ଯେ ସୁରକ୍ଷା ବିଫଳ ହେଲେ ପ୍ରାଥମିକ ଚିକିତ୍ସା ଆରମ୍ଭହୁଏ। ପ୍ରାଥମିକ ଚିକିତ୍ସା ହେଉଛି ଜୀବନ ଓ ମୃତ୍ୟୁ ମଧ୍ୟରେ ସେତୁ। ସମୟୋଚିତ ପ୍ରାଥମିକ ଚିକିତ୍ସା ଦୁର୍ଘଟଣାରୁ ସୃଷ୍ଟ ହେଉଥିବା ମୃତ୍ୟୁ ଆଶଙ୍କାକୁ ୯୦%ରୁ ଅଧିକ ପ୍ରଶମିତ କରିଥାଏ। ଏହା ସହିତ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ(ସୁରକ୍ଷା) ଅନିଲ କୁମାର ନନ୍ଦ ଏବଂ ସହନିର୍ଦ୍ଦେଶକ (ମୁଖ୍ୟାଳୟ) ପଙ୍କଜ କୁମାର ବିଶ୍ୱାଳ ମଧ୍ୟ କର୍ମଶାଳାରେ ଉଦବୋଧନ ଦେବା ସହିତ ତାଲିମ କର୍ମଶାଳାକୁ ସଞ୍ଚାଳନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ଗଣତନ୍ତ୍ରକୁ ହତ୍ୟା କରୁଛି ଶାସକ ଦଳ: ବିଜେଡି

**ଭୁବନେଶ୍ୱର,ନୂଆପଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମ୍ବିଧାନ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାୟୀତ୍ୱ ଦେଇଛନ୍ତି। ହେଲେ ସେମାନେ ଏବେ ଶାସକ ଦଳର ଏଜେଣ୍ଟ ସାଜିଛନ୍ତି। ନୂଆପଡ଼ା ଜିଲ୍ଲା ପ୍ରଶାସନର ମୁଖିଆ ବୋଲାଉଥିବା ଏହି ଦୁଇ ବରିଷ୍ଠ ଅଧିକାର ବିଜେଡି ନେତା ଓ କର୍ମୀଙ୍କୁ ଧମକାଉଛନ୍ତି। ବିଜେପିକୁ ସମର୍ଥନ ନ କଲେ ଜେଲ୍‌ରେ ପୁରାଇ ଦେବାକୁ ନାଲି ଆଖି ଦେଖାଉଛନ୍ତି। ଭୋଟରଙ୍କୁ ଭୟଭୀତ କରିବାକୁ ମଧ ସେମାନେ ପଛାଉ ନାହାଁନ୍ତି। ନୂଆପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଗଣତନ୍ତ୍ରର ମୂଲ୍ୟକୁ ଦଳିମକଚି ନିର୍ବାଚନ ପରିଚାଳନା କରୁଛନ୍ତି ବୋଲି ସଙ୍ଗୀନ ଅଭିଯୋଗ ଆଣି ଆଜି ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଛି ବିଜେଡି। ଏକ ବିରାଟ ପଟୁଆରରେ ବିଜେଡି ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ତୁରନ୍ତ ନିଜର ଅଗଣତାନ୍ତ୍ରିକ କାର୍ଯ୍ୟଧାରା ବନ୍ଦ କରିବା ପାଇଁ ଦାବି କରିଥିଲେ। ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ବିଜେଡି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ଅମିତ୍ ସିଂଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଅବିନାଶ ଠାକୁର, ମାନସ ବାଗ, ମଣ୍ଟୁ ନାଏକ, ଚିରାଗ ସିଂଦେଓ, ମୃତ୍ୟୁଞ୍ଜୟ ମିଶ୍ର, ମନୀନ୍ଦ୍ର ମହାନ୍ତି ପ୍ରମୁଖ ଅଭିଯୋଗ କରିଥିଲେ ଯେ ନୂଆପଡ଼ା ଉପନିର୍ବାଚନରେ ବିଜେପି ଅଘୋଷିତ ଷ୍ଟାର ପ୍ରଚାରକ ଭାବେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ କାର୍ଯ୍ୟ କରୁଛନ୍ତି। ନୂଆପଡ଼ାର ଜନତା ଏହାକୁ କେବେ ବରଦାସ୍ତ କରିବେ ନାହିଁ। ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ଉପ-ନିର୍ବାଚନ ପରିଚାଳନା ନିମନ୍ତେ ନୂଆପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ବେଆଇନ କାର୍ଯ୍ୟ ବନ୍ଦ କରି ନିରପେକ୍ଷ ହେବାକୁ ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଥିଲେ।

# ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ

**ନୂଆପଡ଼ା, ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପିପ୍ରେକ୍ଷୀରେ ବିଜେପିର ନିର୍ବାଚନୀ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି। ସହରାଞ୍ଚଳରୁ ଗ୍ରାମାଞ୍ଚଳ, ଜିଲ୍ଲା କାର୍ଯ୍ୟାଳୟରୁ ବୁଥ ଯାଏଁ ସବୁଆଡେ ରାଜନେତାଙ୍କ ଚଳଚଞ୍ଚଳତା ବୃଦ୍ଧି ପାଇବାରେ ଲାଗିଛି। ଏହି ମର୍ମରେ ଆଜି ନୂଆପଡ଼ା କୋମନା ବ୍ଲକର ସିଲଭାରେ ବୁଥ୍ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଥ୍‌ସ୍ତରୀୟ ପଦାଧିକାରୀ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ରହି କର୍ମୀଙ୍କ ମଧ୍ୟରେ ବିଜୟ ମନ୍ତ୍ର ଫୁଙ୍କି ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୧ ବର୍ଷ ଓ ମୋହନ ଚରଣ ମାଝୀଙ୍କ ୧୭ ମାସର ର ନିଷ୍କଳଙ୍କ ଶାସନ ଓ ବିକାଶର ମାପକାଠି ହିଁ ପ୍ରମାଣିତ କରୁଛି ଯେ ବିଜେପି ହିଁ ବିକାଶ କରିବ। ଏଣୁ ନୂଆପଡ଼ାର ବିକାଶ ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରେଇ ନୂଆପଡ଼ାକୁ ଏକ ବିକଶିତ ଓ ସମୃଦ୍ଧ ଜିଲ୍ଲାରେ ପରିଗଣିତ କରନ୍ତୁ । ଏହି ବାର୍ତ୍ତା ନେଇ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁବାଷ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# 'ନୂଆ ଦିଶା ଦେଖାଇବ ନୂଆପଡ଼ା ଫଳାଫଳ'



**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ଭାରତ ବର୍ଷର ରାଜନୀତିକୁ ଆଗାମୀ ଦିନରେ ଯେଭଳି ବିହାର ନିର୍ବାଚନ ଫଳାଫଳ ପ୍ରଭାବିତ କରିବ ଠିକ୍ ସେହିପରି ନୂଆପଡ଼ାର ଉପନିର୍ବାଚନ ଫଳାଫଳ ଓଡ଼ିଶା ରାଜନୀତିକୁ ଏକ ନୂଆ ଦିସା ଦେଖାଇବ। ନୂଆପଡ଼ାରେ ବିଜେପି ଓ ବିଜେଡ଼ି ମଧ୍ୟରେ ସଲାକୁସ୍ତିର ଲଢେଇ ଚାଲିଛି। କିନ୍ତୁ ଜନତା ନିଷ୍ପତ୍ତି ନେଇସାରିଛନ୍ତି, ଲୋକଙ୍କ ନିଷ୍ପତ୍ତି କଂଗ୍ରେସ ସପକ୍ଷରେ ରହିଛି ବୋଲି ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ସରକାରୀ କଳ ଓ କର୍ମଚାରୀଙ୍କୁ କାମରେ ଲଗାଇଛନ୍ତି ଡବଲ ଇଞ୍ଜିନ ସରକାର। ଏମାନଙ୍କର ନୂଆପଡ଼ାବାସୀଙ୍କ ସହ କୌଣସି ସଂପର୍କ ନାହିଁ। ତେଣୁ ଲୋକମାନେ ସହଜରେ ଏମାନଙ୍କୁ ଗ୍ରହଣ କରୁନାହାନ୍ତି। ନୂଆପଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଦ୍ୱାରା ଛାପା ମରାଯାଇଥିଲା। ହେଲେ କିଛି ମିଳିଲା ନାହିଁ। କଂଗ୍ରେସ ଜଣେ ସ୍ଥାନୀୟ ଆଦିବାସୀ ଶିକ୍ଷିତ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି। ଦୁର୍ନୀତି ବିରୋଧରେ ଲଢ଼େଇ କରି ସେ ନିଜ କାମ ମାଧ୍ୟମରେ ଲୋକଙ୍କ ମନରେ ନିଜ ପ୍ରତି ଦୃଢ଼ ବିଶ୍ୱାସ ସୃଷ୍ଟି କରିଛନ୍ତି। ଗତ ତିନୋଟି ନିର୍ବାଚନର ଫଳାଫଳ ଦେଖିଲେ ଏହା ଜଣାପଡୁଛି କି କ୍ରମାଗତ ଭାବେ ତାଙ୍କର ଭୋଟ ସଂଖ୍ୟା ବଢ଼ି ଚାଲିଛି। ନୂଆପଡାରେ ନୂଆ ନାରା ଉଠୁଛି 'ବାହାରି ଭଗାଓ, ଆପନା ଲାଓ'। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ କାହାର ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ ଉତ୍ଥାପନ କରି କହିଛନ୍ତି ଯେ, ବିଜେପିର ନା ବିଜେଡିର। କାରଣ ଉଭୟ ଦଳ ସ୍ୱର୍ଗତ ଢୋଲକିଆଙ୍କ ଫଟୋକୁ ନିଜ ନିଜ ବ୍ୟାନର ଓ ପୋଷ୍ଟରରେ ଲଗାଇ ପ୍ରଚାର କରୁଛନ୍ତି। ତେଣୁ ସେଥିରୁ ସ୍ପଷ୍ଟ ଯେ ବିଜେଡି ଓ ବିଜେପି ମିଶିକି ନିର୍ବାଚନ ଲଢୁଛନ୍ତି। ବର୍ତ୍ତମାନ ଆମେ ଆଶ୍ୱସ୍ତ ଯେ ନୂଆପଡାର ସଚେତନ ଜନ ସାଧାରଣ ନିଶ୍ଚିତ ଭାବରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି ଶ୍ରୀ ହରିଚନ୍ଦନ ଦଢ଼ୋକ୍ତି ପ୍ରକାଶ କରିଛନ୍ତି। ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଯେ ସରକାର ଛାତ୍ର, ଯୁବକ, ଚାଷୀ ଓ ମହିଳାଙ୍କ ପାଇଁ କୌଣସି ଦୃଷ୍ଟି ଦେଇନାହାନ୍ତି। ଏବେ ବି ନୂଆପଡ଼ା ଜିଲ୍ଲାରୁ ସର୍ବାଧିକ ଶିକ୍ଷିତ, ବେକାରୀ ଯୁବକ ଯୁବତୀ ମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଜେଡି ଓ ବିଜେପିର ଶାସନରେ ନୂଆପଡ଼ାର ନୂଆ ପରିଚୟ ସୃଷ୍ଟି ହୋଇଛି - ଭୋକମାରୀ , ମହାମାରୀ ଓ ଦେଶାନ୍ତରୀକୁ ନେଇ ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ

# 'ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ'



**ଭୁବନେଶ୍ୱର,୩୧।୧୦/ଏନ୍‌ଏନ୍‌ଏସ୍:** ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଭାରତ ସରକାରଙ୍କର ବୟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରସ୍ଥ ହୋଟେଲ୍ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀକୁ ଉଦଘାଟନ କରି ସେ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବୟନ ମନ୍ତ୍ରାଳୟର ଉନ୍ନୟନ ଆୟୁକ୍ତ (ହସ୍ତତନ୍ତ) ବୀଣା କୁମାରୀ ମୀନା ଏବଂ ଉନ୍ନୟନ ଆୟୁକ୍ତ (ହସ୍ତଶିଳ୍ପ) ଅମୃତା ରାଜ୍ ଯୋଗ ଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରମ୍ପରା ଓ ନବସୃଜନର ମିଶ୍ରଣ ସହ ବଜାର ଚାହିଦା ବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ଉପସ୍ଥାପନ କରିଥିଲେ। ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମଗ୍ର ଦେଶ ପାଇଁ ଉଦାହରଣ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାର ବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ପାଇଁ ଆଲୋଚନା ହୋଇଛି। ମୁକ୍ତ ଆଲୋଚନାଚକ୍ରରେ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

## ତୀର୍ଥଯାତ୍ରୀ ବସ୍ ଓଲଟି ୨ ମୃତ



**ଭୋପାଲ, ୩୧।୧୦/ଏଜେନ୍ସି:** ଶୁକ୍ରବାର ସକାଳ ସମୟରେ ମଧ୍ୟପ୍ରଦେଶର ବରୱାନି ଜିଲ୍ଲାରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଏବଂ ଏଥିରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଅତ୍ୟନ୍ତ ଦୁଃଖଦ ଘଟଣା ଘଟିଛି । ରିପୋର୍ଟ ଅନୁସାରେ ଇନ୍ଦୋର ଏବଂ ଧାର ଜିଲ୍ଲାରୁ ପ୍ରାୟ ୫୬ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ସକାଳ ୮ଟା ସମୟରେ ଜିଲ୍ଲା ମୁଖ୍ୟାଳୟରୁ ପ୍ରାୟ ୮୦ କିଲୋମିଟର ଦୂରରେ ଥିବା ବାଇଗୁର ଗାଁ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ବରୱାନି ପୁଲିସ ଅଧୀକ୍ଷକ ଜଗଦୀଶ ଡାୱର କହିଛନ୍ତି ଯେ, ବସ୍‌ଟି ଓଲଟି ପଡ଼ିବା ସହ ପରେ ରାସ୍ତା ପାର୍ଶ୍ୱ ଖାଲକୁ ଖସିବାକୁ ଲାଗିଥିଲା । ତେବେ ସୌଭାଗ୍ୟବଶତଃ ଏହା ଅଧାରେ ଅଟକିଯାଇଥିଲା । ଯଦି ବସ୍‌ଟି ଖାଡକୁ ପଡ଼ିଥାନ୍ତା, ତେବେ ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ଆହୁରି ଅଧିକ ହୋଇଥାନ୍ତା । ତୀର୍ଥଯାତ୍ରୀମାନେ ନର୍ମଦା ପରିକ୍ରମା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ୧୫ଜଣଙ୍କୁ ଉନ୍ନତର ଚିକିତ୍ସା ପାଇଁ ବରୱାନି ଜିଲ୍ଲା ହସ୍ପିଟାଲକୁ ପଠାଯାଇଛି ।

## ରାଜସ୍ଥାନରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ୍ ଲାଗୁ

**ଜୟପୁର, ୩୧।୧୦/ଏଜେନ୍ସି:** ଗତ ମାସରେ ରାଜସ୍ଥାନ ବିଧାନସଭା ଦ୍ୱାରା ଗୃହୀତ ଧର୍ମାନ୍ତରୀକରଣ (ଆଣ୍ଟି କନ୍‌ଭରଜନ୍ ବିଲ୍) ବିରୋଧୀ ଆଇନ ଆଜିଠାରୁ କାର୍ଯ୍ୟକାରୀ ହୋଇଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ନୂତନ ଧର୍ମାନ୍ତରୀକରଣ ଆଇନର ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଛି । ଏହି ବିଜ୍ଞପ୍ତି ପରେ, ଧର୍ମାନ୍ତରୀକରଣ ସହିତ ଜଡିତ ମାମଲାଗୁଡ଼ିକ ଏବେ ନୂତନ ଆଇନ ଅନୁଯାୟୀ ପଞ୍ଜୀକୃତ ହେବ । ଆଜିଠାରୁ କାର୍ଯ୍ୟକାରୀ ଏହି ଆଇନ ଅନୁଯାୟୀ, ସ୍ୱେଚ୍ଛାକୃତ ଧର୍ମାନ୍ତରୀକରଣ ପାଇଁ ମଧ୍ୟ ପୂର୍ବରୁ ସରକାରୀ ଅନୁମୋଦନ ଆବଶ୍ୟକ ହେବ । ଏହି ଆଇନ ବ୍ୟକ୍ତିବିଶେଷଙ୍କର ମୂଳ ଧର୍ମ, ହିନ୍ଦୁ ଧର୍ମକୁ ଫେରିବା ଲୋକଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । ବ୍ୟାପକ ବିରୋଧୀ ହଟ୍ଟଗୋଳ ମଧ୍ୟରେ ଚଳିତ ମାସ ୯ ତାରିଖରେ ରାଜସ୍ଥାନ ବିଧାନସଭାରେ ଧର୍ମାନ୍ତରୀକରଣ ବିରୋଧୀ ବିଲ୍ (ରାଜସ୍ଥାନ ବେଆଇନ ଧାର୍ମିକ ଧର୍ମାନ୍ତରୀକରଣ ନିଷେଧ ବିଲ୍ ୨୦୨୫) ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଥିଲା । ତେବେ ଏହି ନୂଆ ଆଇନ୍ ଅନ୍ତର୍ଗତ ଧର୍ମାନ୍ତରୀକରଣ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି ।

### ଆଫଗାନିସ୍ତାନ ସହ ଲଢ଼େଇ ମହଙ୍ଗା ପଡ଼ିଲା

## ପାକିସ୍ତାନରେ ପିଆଜ କିଲୋ ୨୨୦ ଟଙ୍କା ଛୁଇଁଲା



**କରାଚୀ, ୩୧।୧୦/ଏଜେନ୍ସି:** ଆଫଗାନିସ୍ତାନ ସହ ଶତ୍ରୁତା ପାକିସ୍ତାନକୁ ମହଙ୍ଗା ପଡ଼ିଛି । ଦ୍ୱିପାକ୍ଷିକ ଯୁଦ୍ଧ ଯୋଗୁ ସୀମାପାର ବାଣିଜ୍ୟ ବନ୍ଦ ହୋଇଯାଇଛି । ଫଳରେ ପାକିସ୍ତାନ ପାଇଁ ଖାଦ୍ୟସାମଗ୍ରୀ ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି । ପୂର୍ବରୁ ବର୍ଦ୍ଧିତ ମୁଦ୍ରାସ୍ଫୀତିଜନିତ ଭୟଙ୍କର ଆର୍ଥିକ ସଂକଟ ଦେଇ ଗତି କରୁଥିବା ପାକିସ୍ତାନର ଆର୍ଥିକ ରାଜଧାନୀ କରାଚୀରେ ଏବେ ପିଆଜ ଦର କିଲୋଗ୍ରାମ୍ ପ୍ରତି ୨୨୦ ଟଙ୍କା ହୋଇଥିବା ଜଣାପଡିଛି । ପୂର୍ବରୁ ଅନ୍ୟ ପନିପରିବା, ଖାଦ୍ୟସାମଗ୍ରୀ ମୂଲ୍ୟ ଆକାଶଛୁଆଁ ହୋଇସାରିଥିବା ବେଳେ ଏବେ ପିଆଜ ଦର ମଧ୍ୟ ଏପ୍ରକାର ବୃଦ୍ଧି ପାଇବା ପାକିସ୍ତାନର ସାଧାରଣ ନାଗରିକଙ୍କ ଜୀବନକୁ ଗୁରୁତର ଭାବେ ପ୍ରଭାବିତ କରିଛି । ପ୍ରଥମେ ଟମାଟୋ ଦର ୬୦୦-୭୦୦ଟଙ୍କା ଛୁଇଁଥିଲା । ତେବେ ପାକିସ୍ତାନ ଏବେ ଇରାନରୁ ଟମାଟୋ ଆମଦାନି କରୁଥିବା ବେଳେ ଏହାର ମୂଲ୍ୟ ଏବେ ୨୦୦କୁ ହ୍ରାସ ପାଇଛି । ଆଫଗାନିସ୍ତାନ ସହିତ ଶାନ୍ତି ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ପାକିସ୍ତାନ ଏଭଳି ପରିସ୍ଥିତି ଦେଇ ଗତି କରିବ ବୋଲି କୁହାଯାଉଛି । ଉଲ୍ଲେଖଯୋଗ୍ୟ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା କୂଟନୈତିକ ଏବଂ ସୀମା ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଇଛି । ସମ୍ପ୍ରତି, ତୁର୍କୀର ଇସ୍ତାନବୁଲରେ ଦୁଇ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଥିଲା, କିନ୍ତୁ ଏହା ସଫଳ ହୋଇପାରିନାହିଁ ।

### ସୁରକ୍ଷିତ ରହିବ ଓକିଲ-ମହକିଲଙ୍କ କଥାବାର୍ତ୍ତା

## ଓକିଲମାନଙ୍କୁ ସମନ କରିପାରିବେନି ତଦନ୍ତ ଏଜେନ୍ସି: ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ, ୩୧।୧୦/ଏଜେନ୍ସି:** ଶୁକ୍ରବାର ଏକ ମାମଲା ଉପରେ ଶୁଣାଣି କରିବାକୁ ଯାଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ବିଆର୍ ଗଭାଇଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟଙ୍କ ୩ଜଣିଆ ଖଣ୍ଡପୀଠ କହିଛନ୍ତି, ତଦନ୍ତକାରୀ ସଂସ୍ଥା ବା ଏଜେନ୍ସିଗୁଡ଼ିକ ଓକିଲମାନଙ୍କୁ ସବୁ କ୍ଷେତ୍ରରେ ସମନ୍ ଜାରି କରିପାରିବେ ନାହିଁ । ଓକିଲଙ୍କୁ ତାଙ୍କ ମହକିଲଙ୍କ ସହ ଯୋଗାଯୋଗ ସ୍ଥାପନ କରିବା କିମ୍ବା ସେମାନଙ୍କ କଥାବାର୍ତ୍ତା ସମ୍ପର୍କରେ ଜାଣିବା ପାଇଁ ମଧ୍ୟ ଚାପ ପକାଇପାରିବେ ନାହିଁ ବା ବାଧ୍ୟତାମୂଳକ ସମନ୍ ଜାରି କରିପାରିବେ ନାହିଁ । ତେବେ କେବଳ ଅତି ସୀମିତ ମାମଲାରେ ଓକିଲମାନଙ୍କୁ ପଚରାଉଚରା ପାଇଁ ସମନ କରାଯାଇପାରିବ । ଏହି ସମନ କେବଳ ସେହି କ୍ଷେତ୍ରରେ ଜାରି କରାଯାଇପାରିବ ଯାହା ଭାରତୀୟ ପ୍ରମାଣ ଆଇନର ଧାରା ୧୩୨ର ବ୍ୟତିକ୍ରମ ଅନ୍ତର୍ଗତ ରହିଥିବ । ସିଧାସଳଖ ଭାବେ କହିଲେ, ଯେଉଁସବୁ ମାମଲାରେ ମହକିଲମାନେ ଏକ ଅପରାଧିକ କାର୍ଯ୍ୟ ପରିପ୍ରେକ୍ଷୀରେ ସମ୍ପୃକ୍ତ ଓକିଲଙ୍କଠାରୁ ସହାୟତା ଲୋଡିଛନ୍ତି ସେସବୁ ମାମଲାରେ ହୁଏତ ସମନ୍ ଜାରିପୂର୍ବକ ଓକିଲଙ୍କୁ ଜେରା କରାଯାଇପାରେ । କିନ୍ତୁ ଅନ୍ୟ ମାମଲାରେ, ଓକିଲଙ୍କୁ କ୍ଲାଏଣ୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ଡକ୍ୟୁମେଣ୍ଟ ଏବଂ ସୂଚନା ହସ୍ତାନ୍ତର କରିବାକୁ କୁହାଯାଇପାରିବ ନାହିଁ ।

ସିଜେଆଇ ଗଭାଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଜଷ୍ଟିସ୍ ଏନ୍‌ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବା ଅବସରରେ ଏପରି କିଛି ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠଙ୍କ ଏପ୍ରକାର ନିର୍ଦ୍ଦେଶ ଦ୍ୱାରା ଦେଶର ଲକ୍ଷାଧିକ ପେଶାଦାର ତଥା ବିଶେଷଅଧିକାରପ୍ରାପ୍ତ ଓକିଲମାନଙ୍କୁ ସେମାନଙ୍କ ମହାକିଲଙ୍କ ସହ ହୋଇଥିବା ଯୋଗାଯୋଗର ଗୋପନୀୟତା ସୁରକ୍ଷିତ ରହିପାରିବ । ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ଜଣେ ଓକିଲଙ୍କୁ କେବଳ ପୋଲିସ ସୁପରିଟେଣ୍ଡେଣ୍ଟ୍ ପାହ୍ୟାର ଅଧିକାରୀଙ୍କ ଅନୁମତି ନେଇ ସମନ କରାଯାଇପାରିବ ଏବଂ ଓକିଲ ଏହି ସମନକୁ କୋର୍ଟରେ ଚ୍ୟାଲେଞ୍ଜ କରିପାରିବେ । ଜଣେ ଓକିଲ ତାଙ୍କୁ ଜାରି କରାଯାଇଥିବା ସମନକୁ ବିଏନ୍‌ଏସ୍‌ଏସ୍‌ର ଧାରା ୫୨୮ ଅନୁଯାୟୀ କୋର୍ଟରେ ଚ୍ୟାଲେଞ୍ଜ କରିପାରିବେ । ପ୍ରକାଶ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଅଭିଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲମାନଙ୍କୁ ମନଇଚ୍ଛା ସମନ୍ ଜାରି କରାଯିବା ପରିପ୍ରେକ୍ଷୀରେ ଅନେକ ଆବେଦନ ଦାଖଲ କରାଯାଇଥିଲା, ଯାହା ଉପରେ ସୁପ୍ରିମକୋର୍ଟ ନିଜସ୍ୱ ସ୍ତରରେ ତଦନ୍ତ କରିଥିଲେ ।

### ଯୌନ ନିର୍ଯାତନା ମାମଲା

## ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ଠାରୁ ସମସ୍ତ ରାଜକୀୟ ଉପାଧି ଛଡ଼ାଇନେଲେ କିଙ୍ଗ୍ ଚାର୍ଲ୍ସ



**ବକିଂହାମ,୩୧।୧୦/ଏଜେନ୍ସି:** ବ୍ରିଟେନ୍ ରାଜପରିବାରର ଅନ୍ୟତମ ସଦସ୍ୟ ତଥା ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କ ସାନ ଭାଇ ପ୍ରିନ୍ସ ଆଣ୍ଡ୍ର୍ୟୁ (୬୫) ଯୌନ ବ୍ୟଭିଚାର ଭଳି ଅଭିଯୋଗରେ ଛନ୍ଦି ହେବା ପରେ ତାଙ୍କ ସମସ୍ୟା ବଢ଼ିବଢ଼ି ଚାଲିଛି । ସଦ୍ୟତମ ରିପୋର୍ଟ ଅନୁସାରେ କ୍ୟାନସର ପୀଡିତ ଥିବା ସତ୍ତ୍ୱେ ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ, ତାଙ୍କ ସାନ ଭାଇ ପ୍ରିନ୍ସ ଆଣ୍ଡ୍ର୍ୟୁ ଠାରୁ ସମସ୍ତ ରାଜକୀୟ ଉପାଧି, ସମ୍ମାନ ଏବଂ ସୁବିଧାଗୁଡ଼ିକୁ ପ୍ରତ୍ୟାହାର କରିନେଇଛନ୍ତି । ଏଥିସହ ଆଣ୍ଡ୍ର୍ୟୁଙ୍କୁ ୱିଣ୍ଡସର୍ କାସଲ୍ ସ୍ଥିତ ସରକାରୀ ବାସଭବନ (୩୦ କୋଠରୀ ବିଶିଷ୍ଟ) 'ରୟାଲ୍ ଲଜ୍' ମଧ୍ୟ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବକିଂହାମ୍ ପ୍ୟାଲେସ୍ ପକ୍ଷରୁ ଏସମ୍ପର୍କରେ ଦିଆଯାଇଥିବା ସୂଚନାନୁସାରେ ରାଜା ଚାର୍ଲ୍ସ, ନିଜ ରାଜଘରାନାର ସମ୍ମାନ, ପ୍ରତିଷ୍ଠାକୁ ପ୍ରାଥମିକତା ଦେବା ପୂର୍ବକ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ବିରୋଧରେ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଆଣ୍ଡ୍ର୍ୟୁଙ୍କୁ ବର୍ତ୍ତମାନଠାରୁ 'ଆଣ୍ଡ୍ର୍ୟୁ ମାଉଣ୍ଟବାଟେନ୍ ୱିଣ୍ଡର୍ସ' ଭାବେରେ ବିବେଚନା କରାଯିବ । ଏପରିକି ଆଣ୍ଡ୍ର୍ୟୁ ଏବେଠାରୁ ଆଉ 'ଡ୍ୟୁକ୍ ଅଫ୍ ୟର୍କ' ଉପାଧି ମଧ୍ୟ ବ୍ୟବହାର କରିପାରିବେ ନାହିଁ । ତେବେ ଆଣ୍ଡ୍ର୍ୟୁଙ୍କ ଦୁଇ ଝିଅ କିନ୍ତୁ ପୂର୍ବବତ ରାଜପରିବାରର 'ପ୍ରିନ୍‌ସେସ୍' ମାନ୍ୟତା ବଜାୟ ରଖିବେ । ଅର୍ଥାତ୍ ସେମାନଙ୍କୁ ପୂର୍ବବତ ସବୁ ସୁବିଧାସୁଯୋଗ ମିଳିବା ଜାରି ରହିବ ।

ରାଜା ଚାର୍ଲସ୍‌ଙ୍କ ଏହି ନିଷ୍ପତ୍ତି ଭର୍ଜିନିଆ ଗିଉଫ୍ରେ ନାମ୍ନୀ ଜଣେ ଯୌନ ପୀଡିତାଙ୍କ ସ୍ୱଲିଖିତ ଏକ ପୁସ୍ତକ ପ୍ରକାଶନ ପରେ ପରେ ବ୍ରିଟେନ୍‌ରେ ଦେଖାଦେଇଥିବା ବିବାଦ ପରେ ପରେ ଆସିଛି । ଗିଉଫ୍ରେ ତାଙ୍କ ସହ ହୋଇଥିବା ଅନ୍ୟାୟ ବିରୋଧରେ ନ୍ୟାୟ ଦାବିରେ ଚଳିତ ବର୍ଷ ଏପ୍ରିଲ୍‌ରେ ଆତ୍ମହତ୍ୟା କରିଥିଲେ । ଆତ୍ମହତ୍ୟା କରିବା ପୂର୍ବରୁ ସେ ନିଜ ଜୀବନରେ ଘଟିଥିବା ଘଟଣାକୁ ଲେଖିଯାଇଥିଲେ ଯାହାକି ଏବେ ଏକ ପୁସ୍ତକ ଭାବେ ପ୍ରକାଶିତ ହୋଇଛି । ଏଥିରେ ଗିଉଫ୍ରେ ଲେଖିଛନ୍ତି ଯେ କିପରି ଜେଫ୍ରି ଏପଷ୍ଟାଇନ୍ ନାମକ ଆମେରିକୀୟ ଜଣେ ଯୌନ ବ୍ୟଭିଚାରୀ ତାଙ୍କୁ ଯୌନ ଶୋଷଣ କରିଥିଲେ । ସେହିପରି ଏପଷ୍ଟାଇନ୍‌ଙ୍କ ସହ ସମ୍ପର୍କରେ ଥିବା ପ୍ରିନ୍ସ ଆଣ୍ଡ୍ର୍ୟୁ ମଧ୍ୟ ତାଙ୍କୁ ବାରମ୍ବାର ଯୌନ ନିର୍ଯ୍ୟାତନା ଦେଇଥିଲେ ବୋଲି ମଧ୍ୟ ସେ ଲେଖିଛନ୍ତି । ସବୁଠୁ ବଡ଼କଥା ହେଉଛି ଯେତେବେଳେ ଅର୍ଥାତ୍ ୨୦୦୧ରେ ତାଙ୍କୁ ଯୌନ ନିର୍ଯ୍ୟାତନା ଦିଆଯାଇଥିଲା ସେତେବେଳେ ତାଙ୍କ ବୟସ ମାତ୍ର ୧୬/୧୭ବର୍ଷ ଥିଲା ବୋଲି ଗିଉଫ୍ରେ ଉଲ୍ଲେଖ କରିଛନ୍ତି । ୨୦୨୨ରେ ଭର୍ଜିନିଆ ଗିଉଫ୍ରେ, ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା ଦାୟର କରିଥିଲେ । କିନ୍ତୁ ସେତେବେଳେ ଆଣ୍ଡ୍ର୍ୟୁ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦେଇ ମାମଲାଟିକୁ ରଫାଦଫା କରିଥିଲେ । ଏହାସତ୍ତ୍ୱେ ଗିଉଫ୍ରେ ମାନସିକସ୍ତରରେ ଅଶାନ୍ତ ରହୁଥିଲେ ଏବଂ ଏହି କାରଣ ପାଇଁ ସେ ବହୁବାର ଆତ୍ମହତ୍ୟା କରିବାକୁ ମଧ୍ୟ ଚିନ୍ତା କରିଥିଲେ ବୋଲି ପୁସ୍ତକରେ ଲେଖିଯାଇଛନ୍ତି ।

### ବିହାର ବିଧାନସଭା ନିର୍ବାଚନ: ଇସ୍ତାହାର ଜାରି କଲା ଏନ୍‌ଡିଏ

# ମହିଳା, ଯୁବଗୋଷ୍ଠୀଙ୍କୁ ସର୍ବାଧିକ ଫୋକସ୍

- ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଭିତ୍ତିଭୂମି ସହ କୃଷିକୁ ପ୍ରାଥମିକତା
- ୧ କୋଟି ନିଯୁକ୍ତି ସହ କୋଟିଏ ଲକ୍ଷପତି ଦିଦି ସୃଷ୍ଟି କରିବ



**ପାଟନା, ୩୧।୧୦/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ଏନ୍‌ଡିଏ ପକ୍ଷରୁ ଇସ୍ତାହାର ପ୍ରକାଶ କରାଯାଇଛି । ଏନ୍‌ଡିଏ ଏହାକୁ ସଂକଳ୍ପ ପତ୍ର ଭାବେ ଅଭିହିତ କରିଛି । ତେବେ ଏହି ଇସ୍ତାହାରରେ ବିହାରର ଜନସାଧାରଣଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଛି । ପାଟନାର ଗାନ୍ଧୀ ମୈଦାନରେ ଥିବା ହୋଟେଲ ମୌର୍ଯ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଇସ୍ତାହାର ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ଇସ୍ତାହାର ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ କହିଛନ୍ତି ଯେ ଏନ୍‌ଡିଏ ମେଣ୍ଟ ୧ କୋଟିରୁ ଅଧିକ ସରକାରୀ ଚାକିରି ଏବଂ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ । ପ୍ରତ୍ୟେକ ଜିଲ୍ଲାରେ ମେଗା ସ୍କିଲ୍ ସେଣ୍ଟର ପ୍ରତିଷ୍ଠା କରାଯିବ ଯାହାକି ବିହାରକୁ ଏକ ବିଶ୍ୱସ୍ତରୀୟ ସ୍କିଲିଂ ହବ୍ ଭାବରେ ପ୍ରତିଷ୍ଠିତ କରାଇବ । ସେହିପରି ମୁଖ୍ୟମନ୍ତ୍ରୀ ମହିଳା ନିଯୁକ୍ତି ଯୋଜନାରେ ମହିଳାମାନଙ୍କୁ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ, ୧କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବା ସହ ମିଶନ କୋଟିପତିର କାର୍ଯ୍ୟକ୍ରମ ଆରମ୍ଭ, ରାଜ୍ୟର ସବୁଠାରୁ ପଛୁଆ ବର୍ଗର ବିଭିନ୍ନ ବୃତ୍ତିଗତ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ, କର୍ପୂରୀ ଠାକୁର କିଷାନ ସମ୍ମାନ ନିଧି ଆରମ୍ଭ କରାଯିବ, ଯାହା ଅଧୀନରେ ଚାଷୀମାନଙ୍କୁ ପ୍ରତିବର୍ଷ ୯୦୦୦ ଟଙ୍କା ପ୍ରଦାନ କରାଯିବା, କୃଷି ଭିତ୍ତିଭୂମିରେ ୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବା, ପଞ୍ଚାୟତ ସ୍ତରରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ରେ ସମସ୍ତ ପ୍ରମୁଖ ଫସଲ କ୍ରୟ କରାଯିବା ଭଳି ଅନେକ ପ୍ରତିଶ୍ରୁତି ଦିଆଯାଇଛି ।

ଏସବୁ ପ୍ରତିଶ୍ରୁତି ବ୍ୟତୀତ ଏନ୍‌ଡିଏ ନିଜ ଇସ୍ତାହାରରେ ଉଲ୍ଲେଖ କରିଛି ଯେ ଏହା ସରକାର ଗଠନ କରିବା ପରେ ବିଧାନସଭାରେ ବିହାର ଗତି ଶକ୍ତି ମାଷ୍ଟର ପ୍ଲାନ୍ ଉପସ୍ଥାପନ କରିବ । ରାଜ୍ୟରେ ସାତଟି ଏକ୍ସପ୍ରେସୱେ ନିର୍ମାଣ କରାଯିବ । ୩୬୦୦ କିଲୋମିଟର ରେଳ ଟ୍ରାକ୍ ଆଧୁନିକୀକରଣ କରାଯିବ । ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ନମୋ ରାପିଡ୍ ରେଳ ସେବା ବିସ୍ତାର କରାଯିବ । ୪ ନୂତନ ସହରରେ ମେଟ୍ରୋ ଆରମ୍ଭ କରାଯିବ । ନୂତନ ପାଟନା ଏକ ଗ୍ରୀନଫିଲ୍ଡ ସହର ହେବ ଏବଂ ପ୍ରମୁଖ ସହରରେ ସାଟେଲାଇଟ୍ ଟାଉନସିପ୍ ପ୍ରତିଷ୍ଠା କରାଯିବ । ମାତା ଜାନକୀଙ୍କ ଜନ୍ମସ୍ଥାନ ସୀତାରାମପୁରକୁ ଏକ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ସହର ଭାବରେ ବିକଶିତ କରାଯିବ । ଦରଭଙ୍ଗା, ପୂର୍ଣ୍ଣିଆ ଏବଂ ଭାଗଲପୁରରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରାଯିବ । ୧୦ଟି ନୂତନ ସହରରୁ ଘରୋଇ ବିମାନ ଉଡ଼ାଣ ଆରମ୍ଭ ହେବ । ପ୍ରତ୍ୟେକ ଜିଲ୍ଲାରେ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ଏବଂ ୧୦ଟି ନୂତନ ଶିଳ୍ପ ପାର୍କ ବିକଶିତ ହେବ ।

ଆଜିର ଏହି ନିର୍ବାଚନୀ ଇସ୍ତାହାର ଜାରି କରାଯିବା ସମୟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ବିହାର ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିହାର ବିଜେପି ରାଜ୍ୟ ସଭାପତି ଦିଲୀପ ଜୟସୱାଲଙ୍କ ସହ ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ସଞ୍ଜୟ କୁମାର ଝା ଏବଂ ଲଲନ ସିଂହ, ଜିତନ ରାମ ମାଞ୍ଝି ଏବଂ ଚିରାଗ ପାସୱାନ ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ସଭାପତି ଉପେନ୍ଦ୍ର କୁଶୱାହା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ବିରୋଧୀ ମେଣ୍ଟ ପକ୍ଷରୁ ୨୮ ଅକ୍ଟୋବରରେ ଏହାର ଇସ୍ତାହାର ପ୍ରକାଶ କରାଯାଇଥିଲା । ଏହି ଇସ୍ତାହାରରେ ପୁରୁଣା ପେନସନ ଯୋଜନା କାର୍ଯ୍ୟକାରୀ କରିବା ଏବଂ ସରକାର ଗଠନ କରିବାର ୨୦ ଦିନ ମଧ୍ୟରେ ପ୍ରତ୍ୟେକ ପରିବାରକୁ ସରକାରୀ ଚାକିରି ଯୋଗାଇବା ପାଇଁ ଆଇନ ପ୍ରଣୟନ କରିବା ସମେତ ଅନେକ ପ୍ରମୁଖ ପ୍ରତିଶ୍ରୁତି ଦେଇଛି ଆରଜେଡି-କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟ ।

### ଇସ୍ରାଏଲ୍‌ର ଭୟଙ୍କର ପ୍ରତିଶୋଧ

## ୨ ବଦଳରେ ପଠାଇଲା ୩୦ ମୃତଦେହ

**ଗାଜା, ୩୧।୧୦/ଏଜେନ୍ସି:** ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ପରେ ମଧ୍ୟ ହମାସ ଏବଂ ଇସ୍ରାଏଲ୍ ସେନା ମଧ୍ୟରେ ଆକ୍ରମଣ ପ୍ରତ୍ୟାକ୍ରମଣ ଏହି ଚୁକ୍ତି ପ୍ରୟାସକୁ ବିଫଳ କରିଦେଇଛି । ଅନ୍ୟପକ୍ଷେ ହମାସ୍ ଗୋଷ୍ଠୀ ନିକଟରେ ୨ ବନ୍ଧକଙ୍କ ମୃତଦେହକୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରିଥିଲେ ଏବଂ ଇସ୍ରାଏଲ୍ ସେନା ଉପରେ ଆକ୍ରମଣ କରିଥିଲେ । ତେବେ ଏସବୁକୁ ନେଇ ଇସ୍ରାଏଲ୍ ଏବେ ଭୟଙ୍କର ଭାବେ ପ୍ରତିଶୋଧପରାୟଣ ହୋଇପଡିଛି । ରିପୋର୍ଟ ଅନୁସାରେ ହମାସ ୨ଇସ୍ରାଏଲୀୟ ନାଗରିକଙ୍କ ମୃତଦେହକୁ ହସ୍ତାନ୍ତର କରିଥିବା ବେଳେ ଏହାର ଜବାବରେ ଇସ୍ରାଏଲ୍ ସେନା ପ୍ରାୟ ୩୦ଜଣଙ୍କ ମୃତଦେହକୁ ଗାଜା ଅଭିମୁଖେ ପଠାଇଛି । ତେବେ ଏ ସମସ୍ତ ମୃତକ ଗାଜାଷ୍ଟ୍ରିପ୍‌ର ସ୍ଥାୟୀ ବାସିନ୍ଦା (ପାଲେଷ୍ଟାଇନୀୟ) ବୋଲି ଜାଣିବାକୁ ମିଳିଛି । ଏହା ପରିସ୍ଥିତିକୁ ଏକ ବିସ୍ଫୋରକ ମୋଡ଼ ଦେଇଛି । ଏହାକୁ ଦୁଇ ପକ୍ଷ ମଧ୍ୟରେ ଏକ ନୂତନ 'ମୃତଦେହ ଯୁଦ୍ଧ' ଭାବରେ ଦେଖାଯାଉଛି, ଯଦି ସତରେ ଏପରି କିଛି ମାନସିକତା ଉଭୟ ପକ୍ଷର ଥାଏ ତେବେ ଏହା ଉଭୟ ପକ୍ଷର ସାଧାରଣ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଭୟଙ୍କର ପରିଣତି ଆଣିବ ।

ପ୍ରକାଶ, ହମାସ ଦ୍ୱାରା ବନ୍ଧକଙ୍କୁ ଫେରାଇବାରେ ବିଳମ୍ବ ହେବା ପରେ ଇସ୍ରାଏଲୀ ସେନା ସମ୍ପ୍ରତି ଗାଜା ଉପରେ ଏକ ବଡ଼ ଆକ୍ରମଣ ଆରମ୍ଭ କରିଥିଲା । ଏଥିରେ ଶହ ଶହ ଲୋକ ନିହତ ହୋଇଥିଲେ । ଏହା ପରେ, ଗାଜା ଅସ୍ତ୍ରବିରତି ଭଙ୍ଗ ହୋଇଥିଲା । ହମାସ ବିରୋଧରେ ଇସ୍ରାଏଲ୍ ଏବେ ରକ୍ତମୁଖା ହୋଇପଡିଛି ।

### ୨ରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ

## ମୁଖ୍ୟଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ




**ହରିଦ୍ୱାର, ୩୧।୧୦/ଏଜେନ୍ସି:** ହରିଦ୍ୱାର ସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟ ପୁଣିଥରେ ଜ୍ଞାନ, ସଂସ୍କୃତି ଏବଂ ଆଧ୍ୟାତ୍ମିକ ସାଧନା ସଙ୍ଗମର ସାକ୍ଷୀ ହେବାକୁ ପ୍ରସ୍ତୁତ । ବିଶ୍ୱବିଦ୍ୟାଳୟ ଏହାର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ପାଇଁ ଏକ ବ୍ୟାପକ ପ୍ରସ୍ତୁତିରେ ବ୍ୟସ୍ତ, ଯାହା ନଭେମ୍ବର ୨, ୨୦୨୫ରେ ସକାଳ ୧୦:୩୦ ସମୟରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଭାଗୃହରେ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏକ ପ୍ରେରଣାଦାୟକ ସମାବର୍ତ୍ତନ ଭାଷଣ ଦେବେ । ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ସ୍ୱାମୀ ରାମଦେବ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଉପ-କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ ସେମାନଙ୍କ ମାର୍ଗଦର୍ଶନ ଏବଂ ଉପସ୍ଥିତି ସହିତ ସମାରୋହକୁ ସମ୍ମାନିତ କରିବେ । ଏହି ପବିତ୍ର କାର୍ଯ୍ୟକ୍ରମ ଅବସରରେ ଉତ୍ତରାଖଣ୍ଡ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଗୁରମିତ୍ ସିଂହ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଏବଂ ଶିକ୍ଷାମନ୍ତ୍ରୀ ଡକ୍ଟର ଧନ ସିଂହ ରାୱତ ବିଶେଷ ଅତିଥି ଭାବରେ ଉପସ୍ଥିତ ରହିବେ ।

ସେହିପରି କାର୍ଯ୍ୟକ୍ରମରେ ୫୪ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୬୨ ଜଣ ଗବେଷକଙ୍କୁ ପିଏଚ୍‌ଡି ଡିଗ୍ରୀ, ୩ଜଣ ବିଦ୍ୱାନଙ୍କୁ ଡି.ଲିଟ୍ ଡିଗ୍ରୀ ଏବଂ ୭୪୪ ଜଣ ସ୍ନାତକ ଏବଂ ୬୧୫ ଜଣ ସ୍ନାତକୋତ୍ତର ଛାତ୍ର ସମେତ ମୋଟ ୧୪୨୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯିବ । ତେବେ ଏହି ସମାବର୍ତ୍ତନ ଉତ୍ସବ କେବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଗର୍ବ ଏବଂ ସଫଳତାର ମୁହୂର୍ତ୍ତ ହେବ ନାହିଁ ବରଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଶିକ୍ଷା ଯାତ୍ରାରେ ଏକ ସୁବର୍ଣ୍ଣ ଅଧ୍ୟାୟ ମଧ୍ୟ ହେବ । ଜ୍ଞାନ, ଯୋଗ ଏବଂ ଭାରତୀୟ ସଂସ୍କୃତିର ଆଦର୍ଶ ଉପରେ ଆଧାରିତ, ପତଞ୍ଜଳି ବିଶ୍ୱବିଦ୍ୟାଳୟ ଶୈକ୍ଷିକ ଉତ୍କର୍ଷତା ଏବଂ ବୈଦିକ ପରମ୍ପରାକୁ ସମନ୍ୱିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି । ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଏହି ଦିଗରେ ଆଉ ଏକ ପ୍ରେରଣାଦାୟକ ମାଇଲଖୁଣ୍ଟ ପ୍ରମାଣିତ ହେବ ।

### ବାୟୁ ପ୍ରଦୂଷଣଜନିତ ଆଉ ଏକ ବିଷମ ପରିସ୍ଥିତି

## ଦିଲ୍ଲୀର ୭୫% ପରିବାର ଭୂତାଣୁ ସଂକ୍ରମିତ: ସର୍ଭେ ରିପୋର୍ଟ



**ନୂଆଦିଲ୍ଲୀ, ୩୧।୧୦/ଏଜେନ୍ସି:** ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏବେ ବାୟୁ ପ୍ରଦୂଷଣଜନିତ ସମସ୍ୟା ବେଶ୍ ଉଦ୍‌ବେଗଜନକ ରହିଛି । ବିଶେଷକରି ଦୀପାବଳି ପରେ ପରେ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳର ଆକାଶ ପ୍ରଦୂଷଣଯୁକ୍ତ ହୋଇପଡ଼ିଛି । ଗୋଟିଏ ପଟେ ବାୟୁର ମାନରେ କୌଣସି ସୁଧାର ଆସୁନଥିବା ବେଳେ ଅନ୍ୟପକ୍ଷେ ଦିଲ୍ଲୀ ସରକାର ୩ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦିତ କ୍ଲାଉଡ୍ ସିଡିଂ ଯୋଜନା ମଧ୍ୟ ବିଫଳ ସାବ୍ୟସ୍ତ ହୋଇଛି । ଆଶା କରାଯାଉଥିଲା ଯେ, କ୍ଲାଉଡ୍ ସିଡିଂ ଦ୍ୱାରା କୃତ୍ରିମ ବର୍ଷା କରାଯାଇ କିଛି ମାତ୍ରାରେ ବାୟୁମଣ୍ଡଳକୁ ସ୍ୱଚ୍ଛ କରାଯାଇପାରିବ, କିନ୍ତୁ ଏପରି କିଛି ବି ହୋଇନାହିଁ ।

ତେବେ ଏସବୁ ମଧ୍ୟରେ ଦିଲ୍ଲୀବାସିନ୍ଦାଙ୍କ ପାଇଁ ଏପ୍ରକାର ପ୍ରଦୂଷଣଜନିତ ଚିନ୍ତା ମଧ୍ୟରେ ଆଉ ଏକ ଭୟର ସଞ୍ଚାର ହୋଇଛି । ନିକଟରେ କମ୍ୟୁନିଟି ପ୍ଲାଟଫର୍ମ ଲୋକାଲ ସର୍କଲ୍ସର ଏକ ନୂତନ ସର୍ଭେରୁ ଜଣାପଡ଼ିଛି ଯେ ସର୍ବାଧିକ ସ୍ତରର ବାୟୁ ପ୍ରଦୂଷଣ ଥିବା ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ପ୍ରତି ପରିବାରରୁ ଜଣେ ଲେଖାଏ ଶାରୀରିକ ସମସ୍ୟାରେ ପୀଡିତ ହୋଇଛନ୍ତି । ବିଷାକ୍ତ ବାୟୁ ସହ ଋତୁକାଳୀନ ଭୂତାଣୁଜନିତ ସଂକ୍ରମଣ (ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜା ଏବଂ ଅନ୍ୟାନ୍ୟ ଭାଇରାଲ୍ ସଂକ୍ରମଣ) ଦେଖାଦେଇଛି ଯାହା ଏକ ବଡ଼ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ।

ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ ଏବଂ ଗାଜିଆବାଦ ଆଦି ଅଞ୍ଚଳରେ କରାଯାଇଥିବା ଏକ ସ୍ୱାସ୍ଥ୍ୟଗତ ସର୍ଭେରୁ ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱଙ୍କ ଠାରେ ଏପ୍ରକାର ଋତୁକାଳୀନ ଭୂତାଣୁଜନିତ ସଂକ୍ରମଣ ଦେଖାଦେଇଥିବା ଜଣାପଡିଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ ଗତ ସେପ୍ଟେମ୍ବର ଶେଷ ଭାଗରେ ୫୬% ପରିବାରରେ ଏପ୍ରକାର ସମସ୍ୟା ଦେଖିବାକୁ ମିଳିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୭୫%କୁ ବୃଦ୍ଧି ପାଇଛି । ନୂଆ ଭାଇରାସ୍ ହେତୁ ଲଗାତାର ଜ୍ୱର ଏବଂ କାଶ ଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଏବଂ ଥକ୍କାପଣ ପର୍ଯ୍ୟନ୍ତ ଲକ୍ଷଣ ଦେଖାଯାଉଛି । ବାସିନ୍ଦାମାନେ କହିଛନ୍ତି ଯେ ସୁସ୍ଥ ହେବା ସମୟ ୧୦ ଦିନରୁ ଅଧିକ ଲାଗିଯାଉଛି । 'ଏହି ଭୂତାଣୁ ପିଲା, ବୟସ୍କ ଏବଂ ପୂର୍ବରୁ ଥିବା ରୋଗରେ ଥିବା ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରୁଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଲୌହମାନବଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ଓ ଗଣଦୌଡ଼



**ଖୋର୍ଦ୍ଧା,୩୧।୧୦/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଏକତାର ସୂତ୍ରଧର ରାଷ୍ଟ୍ର ନିର୍ମାତା ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସଭାରେ ଯୋଗଦେଇଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲଦାର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବାକୁ ଏକତା ଶପଥ ପାଠ କରାଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଏକତା ମନ୍ତ୍ରରେ ଆମେ ସମସ୍ତେ ବାନ୍ଧିହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେଲେ ଆମ ଦେଶର ଏକତା ଆହୁରି ମଜଭୁତ୍ ହେବାସହ ଆମ ଦେଶର ଗୌରବ ସାରା ବିଶ୍ୱରେ ବନ୍ଦିତ ହେବ। ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଡେପୁଟି କଲେକ୍ଟର୍ ନିବେଦିତା ପରିଡ଼ା, ବିଡିଓ କ୍ଷିରାବ୍ଧି ତନୟା ସାହୁ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ମାନସ କୁମାର ବ୍ରହ୍ମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

**ନୟାଗଡ଼:** ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ନୟାଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଏକ ଏକତା ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅରିତିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଓ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଓ ଶ୍ରୀ ସମାଦାର ପଟେଲଙ୍କ ଜୟନ୍ତୀରେ ଦେଶ ପ୍ରତି ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟାବଳୀ ସମ୍ବନ୍ଧରେ ନିଜ ନିଜର ମତ ରଖିଥିଲେ। ଏହି ମହାମାନବ ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯେଉଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ ସେ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ଏକତା ଦୌଡ଼ କାର୍ଯ୍ୟକ୍ରମ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ନୟାଗଡ଼ ଷ୍ଟାଡିୟମ୍‌ଠାରେ ସମାପନ ହୋଇଥିଲା। କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁ ପରିଚାଳନା କରିଥିଲେ।



**ବୋଲଗଡ଼:** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ସାରା ଭାରତ ବର୍ଷ ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରୁଛି। ଏହି ଏକତା ଦିବସ ପାଳନ ପାଇଁ ରାଜ୍ୟର ବିଶେଷ ପ୍ରମୁଖ ସ୍ଥାନ ମାନଙ୍କରେ ବିଭିର୍ଣ୍ଣ ପ୍ରତିଯୋଗିତା ମୂଳକ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଏକତା ଦିବସ ଉପଲକ୍ଷେ ଖୋର୍ଦ୍ଧା




ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ଥାନା ପକ୍ଷରୁ ଏକ ଗଣଦୌଡ଼ ଆୟୋଜନ କରାଯାଇଥିଲା। ସକାଳ ୭ଟାରେ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳ ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ଗଣଦୌଡ଼ କାର୍ଯ୍ୟକ୍ରମର ପ୍ରମୁଖରେ ସାମିଲ ହୋଇଥିଲେ। ଏଥିରେ ଇନ୍ସପେକ୍ଟର ଲିଲି ପାଢ଼ୀ, ଉମାକାନ୍ତ ନାୟକ, ସରିଫ ଖାଁ, ସୁମନ୍ତ ଚମ୍ପତି, ନର୍ମଦା ପ୍ରଧାନଙ୍କ ସମେତ ଗ୍ରାମରକ୍ଷୀ ସାମିଲ ହୋଇଥିବା ବେଳେ କଲାଙ୍ଗ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଙ୍କୋଇ ଫାଣ୍ଡି ଅଧିକାରୀ ଗୌତମ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଏହି ଗଣଦୌଡ଼ରେ ବହୁ ଛାତ୍ର, ସାମ୍ବାଦିକ ଦେବବ୍ରତ ହୋତା, ପ୍ରଫୁଲ୍ଲ କୁମାର ସିଂହ, ବଜରଙ୍ଗ ଦଳ ଯୁବଗୋଷ୍ଠୀ ଓ ବିଭିନ୍ନ ଦଳର ପ୍ରମୁଖ ବ୍ୟକ୍ତି ବିଶେଷ ସାମିଲ ହୋଇ ରାଷ୍ଟ୍ରୀୟ ଏକତା ଦିବସ ଓ ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ସମ୍ପର୍କରେ ଜୟ ଧ୍ୱନି ଦେଇଥିଲେ। ପ୍ରାରମ୍ଭରେ ଗଣଦୌଡ଼ ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ଆରମ୍ଭ ହୋଇଥିଲା। ଏହା ବୋଲଗଡ଼ ଉପକଣ୍ଠ ମଙ୍ଗଳା ମନ୍ଦିର ନିକଟ ପର୍ଯ୍ୟନ୍ତ ଯାଇ ସେଠାରୁ ବଜାର ଅତିକ୍ରମ କରି ଥାନା ନିକଟକୁ ଫେରିଥିଲା।

**କଣାସ:** ଆଜି କଣାସ ବ୍ଲକ ସିରେଇ ପଞ୍ଚାୟତର ସିରେଇଠାରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ପରିସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅମ୍ଳାନ ସ୍ମୃତି ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ସଭାପତି ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ମଧୁସୁଦନ ବିଚାରମଞ୍ଚର ସଭ୍ୟ ଭାବେ ଷ୍ଟାଚ୍ୟୁ ଅଫ୍ ୟୁନିଟ୍‌ର ଏକ ଫୁଟ୍ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଗୁଜୁରାଟରୁ ଅଣାଯାଇଥିବାରୁ ତାହା ସଭାରେ ଉପସ୍ଥାପନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀନିବାସ ସୁନ୍ଦରାୟ ସ୍ୱାଗତ ଭାଷଣ ଓ ଧନ୍ୟବାଦ୍ ଦେଇଥିଲେ।

**ଡେଲାଙ୍ଗ:** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଡେଲାଙ୍ଗ ପୁଲିସ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଧାକାନ୍ତ ବିଦ୍ୟାପୀଠରେ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡେଲାଙ୍ଗ ଥାନ ଆଇଆଇସି ଶ୍ୟାମଘନ ବାରିକ ଉଦ୍‌ଘାଟନ କରିଥିବାବେଳେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଥିଲେ। ତାଙ୍କର ତ୍ୟାଗ ଆମ ସମସ୍ତଙ୍କ ପ୍ରେରଣା। ପ୍ରତ୍ୟେକ ସର୍ଦ୍ଦାରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆଇଆଇସି ଶ୍ରୀ ବାରିକ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ନାଗରିକ, ଯୁବପିଢ଼ି, ଶିକ୍ଷକ, ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ଦୌଡ଼ରେ ୩ ଜଣ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଇନ୍ସପେକ୍ଟର ଶୁଭଶ୍ରୀ ନନ୍ଦ, ଏସ୍‌ଆଇ ମହମ୍ମଦ୍ ଅଲିନୁର, ଗୃହରକ୍ଷୀ ପ୍ରମୋଦ ସେଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇ, କ୍ରୀଡ଼ା ଶିକ୍ଷକ ନଟବର ସେଠୀ ପ୍ରମୁଖଙ୍କ ସହିତ ପୁଲିସ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଶୁକ୍ରବାର ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ପୁଲିସ କର୍ମଚାରୀ, ଯୁବକ ଓ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ଖଣ୍ଡପଡ଼ା ରଥଗଡ଼ା ଛକଠାରେ ଗଣଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଖଣ୍ଡପଡା ଏସଡିପିଓ ମଦନମୋହନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ, ଏସ୍‌ଆଇ ଗୋପବନ୍ଧୁ ମଲ୍ଲିକ, ମନସ୍ମିତା ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଖଣ୍ଡପଡା ସହରର ରଥଗଡା ଛକଠାରୁ ଗଣଦୌଡ଼ ଆରମ୍ଭ ହୋଇ ଖଣ୍ଡପଡ଼ା ସହର ପରିକ୍ରମା କରିଥିଲା।

**କଣ୍ଟାପଡ଼ା:** ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟ କରୁଥିବା କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଅନୁସନ୍ଧାନ ସଂସ୍ଥାନରେ ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଏକତା ପାଇଁ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠାନର ମୁଖ୍ୟ ଫାଟକଠାରୁ କଣ୍ଟାପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା। ଏହି ଦୌଡ଼ରେ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀ, ଦିବ୍ୟାଙ୍ଗ ଏବଂ ସେମାନଙ୍କ ପରିବାରବର୍ଗ ମୋଟ ୭୦୦ ଜଣ ସାମିଲ ହୋଇ ଏକତା, ଶକ୍ତି ଏବଂ ଅନ୍ତର୍ଭୁକ୍ତିକରଣର ବାର୍ତ୍ତା ପ୍ରଦାନ କରିଥିଲେ। ସ୍ଥାନୀୟ ପୁଲିସ କର୍ମଚାରୀମାନେ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିବା ସହ ସାମାଜିକ ସହଯୋଗିତାର ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ ଗଣ ଦୌଡ଼ରେ ଓଲଟପୁର ଥାନାଧିକାରିଣୀ କାଦମ୍ବିନୀ ପରିଡ଼ାଙ୍କ ସମେତ ଏସ୍‌ଆଇ ଦେହୁରୀ ବାବୁ, ଥାନାର ସମସ୍ତ କର୍ମଚାରୀ, ସ୍ଥାନୀୟ ସରପଞ୍ଚ ନିର୍ମଳ କୁମାର ସାହୁ, ସମିତି ସଭ୍ୟ ପବିତ୍ର ମୋହନ ସ୍ୱାଇଁ, ସମାଜସେବୀ ଅଶୋକ କୁମାର ସାମନ୍ତରାୟ, ପବିତ୍ରମୋହନ ପ୍ରଧାନ, ଶ୍ରୀଧର ବେହେରା ସୌଭାଗ୍ୟ କୁମାର ଦାସ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

**ବୟାଳିଶମୌଜା:** ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଆଜି ବୟାଳିଶମୌଜା ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୪୨ମୌଜା ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଇବା ସହ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯେପରି ଭାରତକୁ ଏକତାର ସୂତ୍ରରେ ବାନ୍ଧିଥିଲେ, ସେପରି ଆମେ ମଧ୍ୟ ସଂଗଠିତ ହୋଇ ଭାରତକୁ ଶକ୍ତିଶାଳୀ କରିବା ସହ ସମୃଦ୍ଧ ଭାରତ ଗଠନ ଦିଗରେ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଆଜି ସକାଳେ ଶ୍ରୀରାମ ମାର୍କେଟ ଛକରୁ ବୟାଳିଶମୌଜା ଥାନା ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର, ସ୍ୱେଚ୍ଛାସେବୀ, ଯୁବକ, ୨୫ ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ, ମଣ୍ଡଳ ସଭାପତି, ପୁଲିସ କର୍ମଚାରୀ ଏହି ଗଣଦୌଡରେ ସାମିଲ ହୋଇଥିଲେ।

**ଟାଙ୍ଗୀ:** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଟାଙ୍ଗୀ ପୁଲିସ ଓ ଟେଟ୍ରାହେଡନ୍ କଲେଜ ପକ୍ଷରୁ ପାଳନ କରାଯାଇଛି। ଟାଙ୍ଗୀ



ଥାନା ଅଧିକାରୀ ବିକାଶ କୁମାର ସେଠୀ, ଟେଟ୍ରାହେଡନ୍ କଲେଜ ପ୍ରତିଷ୍ଠାତା ତ୍ରିଦେବ ବେହେରା, ସମାଜ ସେବୀ ତାପସ ମଲ୍ଲିକ ନେତୃତ୍ୱରେ ଶତାଧିକ କଲେଜ ଛାତ୍ର ଛାତ୍ରୀ ସହ ଅଞ୍ଚଳର ଅନେକ ଯୁବକ ଯୋଗ ଦେଇ ଏହି ଟାଙ୍ଗୀ କଏରାପାରି ଛକରୁ ଏକ ବିଶାଳ ପଦ ଯାତ୍ରା କରି ରାଷ୍ଟ୍ରୀୟ ଏକତା, ଜୟ ଯବାନ ଜୟ କିଶନ ନାରା ଦେଇ ଟିକରା ଟ୍ରେଟାହେଡନ୍ ହଷ୍ଟେଲ କ୍ୟାମ୍ପସରେ ଶେଷ ହୋଇଥିଲା। ଲୌହ ପୁରୁଷଙ୍କ ଜୀବନୀ ଓ ଶିକ୍ଷାରୁ ସମାଜକୁ ଅନୁପ୍ରାଣିତ କରିବା ଏକତା ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। କଲେଜ୍ ପ୍ରତିଷ୍ଠାତା ତ୍ରିଦେବ ବେହେରା, ଟାଙ୍ଗୀ ଥାନା ଅଧିକାରୀ ବିକାଶ କୁମାର ସେଠୀ, ତାପସ ମଲ୍ଲିକ ଏହି ମହାନ ବ୍ୟକ୍ତିତ୍ୱଙ୍କ ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ଥାନା ଏସ୍‌ଆଇ ହେମନ୍ତ କୁମାର ସାମଲ, ଏସ୍‌ପିଓ ହେମନ୍ତ ମଣିଆ, ବିଶ୍ୱଆଳି ଫାଣ୍ଡି ଅଧିକାରୀ ଶିକାନ୍ତ ବେହେରା, ଥାନା କର୍ମଚାରୀ ଲକ୍ଷ୍ମୀଧର ନାୟକ, ଦୁର୍ଯ୍ୟୋଧନ ମଲ୍ଲିକ, ସୁଶାନ୍ତ ବେହେରା, ଭକ୍ତ ଚରଣ ବିଶ୍ୱାଳ, ଟ୍ରେଟାହେଡନ୍ କଲେଜର ଅଧ୍ୟାପକ ଶୁଭ୍ରକାନ୍ତ ମହାପାତ୍ର , ସମାଜସେବୀ ଅମୂଲ୍ୟ କୁମାର ବେହୁରା, ଆକାଶ ପାତ୍ର ଓ ତ୍ରିନାଥ ମହାରଣା ଉପସ୍ଥିତ ଥିଲେ।

## ଆଗ୍ନିକଙ୍କୁ ମାଡ଼ ମାରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ବୋଲଗଡ଼ ,୩୧।୧୦/ଏନ୍ଏନ୍ଏସ୍:** ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ବୋଲଗଡ଼ ଥାପା ପୁଲିସ ମୁ୍ୟ ଅଭିଯୁକ୍ତକୁ ଗିରଫ କରିଛି। ବୋଲଗଡ଼ ଥାନା ତୃତୀୟାପଡ଼ା ସ୍ଥିତ ନେଳିଆ ପୋଖରୀ ନିକଟ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଥିବା ନଡ଼ିଆ ଗଛକୁ ପରିଷ୍କାର କରିବାକୁ ଯାଇ ଜଣେ ଯୁବକ ୩୩ କେଭି ବିଦ୍ୟୁତ ଆଘାତରେ ଆସି ଶୋଚନୀୟ ଭାବେ ମୃତ୍ୟୁ ଘଟିଥିଲା। ସୂଚନା ଯେ ଖଙ୍ଗୁରିଆ ଗ୍ରାମର ବିକ୍ରମ ପରିଡ଼ାଙ୍କ ସାନପୁଅ ଆଲୋକ ପରିଡ଼ା (୩୨) ନଡ଼ିଆ ଗଛ ସଫା କରିବାକୁ ଗଛରେ ଚଢ଼ିଥିଲେ। ତେବେ କୌଣସି ଅସାବଧାନତା ହେତୁ ସେ ଉଚ୍ଚ କ୍ଷମତା ସମ୍ପନ୍ନ ବିଶିଷ୍ଟ ବିଦ୍ୟୁତ ସଂସ୍ପର୍ଶରେ ଆସି ଗଛ ଉପରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମରଶରୀରକୁ ଗଛରୁ ତଳ ଭାଗକୁ ଆଣିବାକୁ ସ୍ଥାନୀୟ ଆଗ୍ନିକ ମାନଙ୍କର ବିଶେଷ ସହାୟତା ନିଆଯାଇଥିଲା। ତେବେ କୌଣସି କାରଣ ହେତୁ ମରଶରୀରଟି ପ୍ରାୟତଃ ୪୦ଫୁଟ ତଳକୁ ଖସି ପଡ଼ିଥିଲା। ଏହାକୁ କେନ୍ଦ୍ରକରି କିଛି ଯୁବକ ଆଗ୍ନିକମାନଙ୍କୁ ଅମାନୁଷିକ ଭାବେ ନିସ୍ଥୁକ ମାଡ଼ ମାରିଥିଲେ। ଯାହା ଫଳରେ ଘଟଣାସ୍ଥଳ ଏକ ପ୍ରକାର ରଣକ୍ଷେତ୍ର ପାଲଟି ଯାଇଥିଲା। ଏହି ଦୃଶ୍ୟଟି ଭାଇରାଲ ହୋଇଥିଲା। ଏହାକୁ ନେଇ ଆଗ୍ନିକମାନଙ୍କ ଉଚ୍ଚ ପଦସ୍ତ ଅଧିକାରୀ ଥାନାରେ ଏତଲା ଦେଇଥିଲେ। ପୁଲିସ ଏତଲାକୁ ଭିତ୍ତିକରି ଥାନା କେସ୍ ନଂ-୨୧୨/୨୫ରେ ମାମଲା ରୁଜୁ କରି ଖଙ୍ଗୁରିଆ ଗ୍ରାମର ରବୀନ୍ଦ୍ର ଲେଙ୍କା ଓରଫ ରବି(୪୦), ଚନ୍ଦ୍ରକାନ୍ତ ସାମନ୍ତରାୟ ଓରଫ ପାର୍ଥ(୨୫) ଓ ପ୍ରଭାକର ସାମନ୍ତରାୟ ଓରଫ ଗଉ(୧୯),




ଏହିପରି ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ହାଜତକୁ ପଠାଇଥିଲା। ତେବେ ଭାଇରାଲ ହୋଇଥିବା ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଲିସକୁ ଚକମା ଦେଖାଇ ଦୀର୍ଘ ଦିନ ଫେରାର ହୋଇଯାଇଥିଲା। ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ବୋଲଗଡ଼ ଥାନା ପୁଲିସ ପକ୍ଷରୁ ଜାଲ ବିଛା ଯାଇଥିଲା। କୌଣସି ସୂତ୍ରରୁ ପୁଲିସ ଖବର ପାଇ ଅତର୍କିତ ଚଢ଼ଉ କରି ମୁଖ୍ୟ ଅଭିଯୁକ୍ତକୁ ଗୁରୁବାର ଖୋର୍ଦ୍ଧା ଅଞ୍ଚଳରୁ ଗିରଫ କରି ନିଜ ହେପାଜତକୁ ନେଇଥିଲା। ମୁଖ୍ୟ ଅଭିଯୁକ୍ତ ବାଳ ଅପରାଧୀ ହୋଇଥିବାରୁ ତାକୁ ଶୁକ୍ରବାର ଜୁଭେନାଇଲ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଥିବା ଇନ୍ସପେକ୍ଟର ଲିଲି ପାଢ଼ୀ ସୂଚନା ଦେଇଛନ୍ତି।

## ମୁକୁଳା ଡ୍ରେନ୍ ନେଲା ଜୀବନ

**ପୁରୀ,୩୧।୧୦/ଏନ୍ଏନ୍ଏସ୍:** ପୁଣି ମୁକୁଳା ଡ୍ରେନ୍ ନେଲା ଜଣଙ୍କ ଜୀବନ। ପୁରୀ ସିଦ୍ଧମହାବୀର ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ଜଣଙ୍କ ହେଉଛନ୍ତି ସିଦ୍ଧ ମହାବୀର ଦାଦାବାଡ଼ି ଅଞ୍ଚଳର ଜିତେନ୍ଦ୍ର ମହାପାତ୍ର। ପୁରୀ ହସ୍ପିଟାଲରେ ଜିତେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଆଜି ଅପରାହ୍ଣରେ ଜିତେନ୍ଦ୍ର ତାଙ୍କ ବାଇକ୍ ଯୋଗେ ସିଦ୍ଧ ମହାବୀର ମନ୍ଦିର ନିକଟ ମଙ୍ଗଳା ଲେନ୍ ଦେଇ କୌଣସି କାର୍ଯ୍ୟରେ ଯାଉଥିଲେ। ସେହି ସମୟରେ ଗାଡ଼ି ସହିତ ଜିତେନ୍ଦ୍ର ଭାରସାମ୍ୟ ହରାଇ ମୁକୁଳା ଡ୍ରେନ୍‌ରେ ପଡ଼ି ଯାଇଥିଲେ। ମୁକୁଳା ଡ୍ରେନ୍‌ରୁ ବାହାରି ସେ ସିଧାସଳଖ ସିଦ୍ଧ ମହାବୀର ମନ୍ଦିରଠାରେ ଥିବା ପୁଷ୍କରିଣୀକୁ ଯାଇ ଧୁଆଧୋଇ ହେବା ପରେ ମନ୍ଦିର ସମ୍ମୁଖରେ ଠିଆ ହୋଇଥିଲେ। ହଠାତ୍ ସେ ନିସ୍ତେଜ ହୋଇ ପଡ଼ିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଅଟୋ ସାହାଯ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୁକୁଳା ଡ୍ରେନ୍‌ରେ ପଡ଼ି ମଇଳା ପାଣି ପିଇ ଦେଇଥିବା ଯୋଗୁଁ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ନଷ୍ଟ ଫସଲର କ୍ଷତିପୂରଣ ଦାବି

**କଣ୍ଟିଲୋ,୩୧।୧୦/ଏନ୍ଏନ୍ଏସ୍:** ଚଳିତ ବର୍ଷ ଲଘୁଚାପଜନିତ ବର୍ଷା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରି ପରିବାର ପୋଷିବା ପାଇଁ ଚାଷୀକୁଳ ବିଭିନ୍ନ ପ୍ରକାର ଫସଲ କରିଥିଲେ। କିନ୍ତୁ ବାତ୍ୟା ଯୋଗୁ ନିଶ୍ଚିତ ଭାବେ ଫସଲ ନଷ୍ଟ ହେବା ଶୁଣି ଧୈର୍ଯ୍ୟ ହରା ହୋଇ ଆଶଙ୍କା ଓ ଚିନ୍ତିତ ଅବସ୍ଥାରେ ଦିନ କାଟୁଛନ୍ତି। ବେଢ଼ି ଉପରେ କୋରଡ଼ା ମାଡ଼ ଯନ୍ତ୍ରଣା ଭଳି ବାତ୍ୟା ସହିତ ପଲ ପଲ ମାଙ୍କଡ଼ ଓ ବାର୍‌ହା ଫସଲ ନଷ୍ଟ କରିବା ଯୋଗୁ ଚାଷୀମାନଙ୍କର ଚିନ୍ତା ଦ୍ୱିଗୁଣିତ ହୋଇପଡ଼ିଛି। ଚାଷୀମାନେ ଚଳିତ ବର୍ଷ ଧାନ, ମାଣ୍ଡିଆ, ବାଇଗଣ, ଭେଣ୍ଡି, ଜହ୍ନି, ମକା, ସାରୁ, ବିନ୍‌ସ, ଝୁଡୁଙ୍ଗ, କାକୁଡ଼ି, ପୋଟଳ, କନ୍ଦମୂଳ ପ୍ରଭୃତି ଫସଲ କରିଥିଲେ। ଏ ସବୁ ବାତ୍ୟା ମୋନ୍ଥା, ମାଙ୍କଡ଼ ଓ ବାର୍‌ହ ଉପଦ୍ରବ ଯୋଗୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବେଢ଼ି ଉପରେ କୋରଡ଼ା ମାଡ଼ ଯନ୍ତ୍ରଣାଠାରୁ ଅତ୍ୟଧିକ ଯନ୍ତ୍ରଣା ଦାୟକ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ବ୍ଲକ ବଡ଼ ବାଣପୁର ପଞ୍ଚାୟତର ବାରଖୋଲା ଜଙ୍ଗଲ, ଭାପୁର ବ୍ଲକ ଧାନ ଚାଙ୍ଗଡ଼ା ପଞ୍ଚାୟତର ଗୋସିଂଘ ଜଙ୍ଗଲ ଏବଂ ଏହାର ଆଖ ପାଖ ଜଙ୍ଗଲରୁ ବାର୍‌ହା ପଲ ଧାନ ଫସଲ ଓ ପନିପରିବା ନଷ୍ଟ କରି ଦେଇଛନ୍ତି। ଫସଲ ନଷ୍ଟ ଗ୍ରାମଗୁଡ଼ିକର ଚାଷୀମାନେ ନିଜ ଭବିଷ୍ୟତ ନେଇ ଚିନ୍ତାରେ ରହିଛନ୍ତି। ଯଥା ଶୀଘ୍ର ଜଙ୍ଗଲ ବିଭାଗ ତରଫରୁ ବିହିତ ପଦକ୍ଷେପ ନିଆଯାଇ ଚାଷୀମାନଙ୍କ ମନରେ ଖୁସି ଆଣିବା ପାଇଁ ସେମାନଙ୍କୁ ତୁରନ୍ତ କ୍ଷତି ପୂରଣ ଦେବାକୁ ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ନୟାଗଡ଼ ଜିଲ୍ଲାପାଳ ଓ ଡିଏଫ୍‌ଓଙ୍କ ନିକଟରେ ଦାବି କରିଛନ୍ତି।



## ମଦ ବିକ୍ରିକୁ ବିରୋଧ କରି ମହିଳା ଥାନାର ଦ୍ୱାରସ୍ଥ



**ଓଡ଼ଗାଁ,୩୧।୧୦/ଏନ୍ଏନ୍ଏସ୍:** ଦିନକୁ ଦିନ ଓଡ଼ଗାଁ ଅଞ୍ଚଳରେ ଚୋରାମଦ, ଗଞ୍ଜେଇ, ବ୍ରାଉନ୍‌ସୁଗର୍ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ଯୁବପିଢ଼ି ସାମିଲହୋଇ ମଦବ୍ୟବସାୟ ଓ ମଦ୍ୟପାନ କରିବା ଯୋଗୁ ଚୋରି, ଡକାୟତି, ଦୁର୍ଘଟଣା ଆଦି ଘଟୁଛି। ଓଡ଼ଗାଁ ଥାନା କୋରପିଠା ପଞ୍ଚାୟତ ତୁଳସୀପୁର ଗ୍ରାମର ମହିଳାମାନେ ଦେଶୀମଦ ବିକ୍ରିବନ୍ଦ କରିବାକୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗାଁର କବିର ନାହାକଙ୍କ ପୁଅ ଦାଶରଥି ନାହାକ ପ୍ରତିଦିନ ଦେଶୀମଦ ବ୍ୟବସାୟ କରନ୍ତି। ମଦବିକ୍ରି ଯୋଗୁ ଗାଁର ଅନେକ ପରିବାର ଘରୁ ସୁନା, ରୁପା ଓ ବାସନକୁସନ ଆଦି ବିକ୍ରିକରି ସର୍ବସ୍ୱାନ୍ତ ହେଲେଣି। ଆମେ ବାରମ୍ବାର ମନାକଲେ ମଧ୍ୟ ସେ କର୍ଣ୍ଣପାତ ନକରିବା ଯୋଗୁ ଗାଁ ଭିତରେ ବିଭିନ୍ନ ଅଘଟଣମାନ ଘଟିଚାଲିଛି। ଆଜି ଗାଁର ୨୦ରୁ ଊର୍ଦ୍ଧ୍ୱ ମହିଳା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଚୋରା ମଦବିକ୍ରି କରିବା ସହିତ ଦୋଷୀମାନଙ୍କ ବିରୋଧରେ କଠୋରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ବରିଷ୍ଠ କିରାଣିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଓଡ଼ଗାଁ,୩୧।୧୦/ଏନ୍ଏନ୍ଏସ୍:** ଓଡ଼ଗାଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣି ବିମଳ କୁମାର ବାରିକ ଶୁକ୍ରବାର ଅବସରଗ୍ରହଣ କରିଛନ୍ତି। ଏ ଅବସରରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରଘୁନାଥ ମଲ୍ଲିକ ଓ ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ରାମକୃଷ୍ଣ ପରିଡ଼ା ମଞ୍ଚାସୀନ ଥିଲେ। ସିଆର୍‌ସିସି ଯଶୋବନ୍ତ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ସିଆରସିସି ବିଭୁତି ଭୂଷଣ ଘଡ଼େଇ, ହଟ୍ଟନାଥ ପ୍ରଧାନ, ଲଳିତ ମୋହନ ମିଶ୍ର, ରଘୁନାଥ ବସନ୍ତିଆ, ରାଜକିଶୋର ନାୟକ, ମନୋଜ କୁମାର ଦାସ ପ୍ରମୁଖ ଶ୍ରୀ ବାରିକଙ୍କ କାର୍ଯ୍ୟଶୈଳୀର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟାଳୟ ପକ୍ଷରୁ କିରାଣି ଲକ୍ଷ୍ମଣ କୁମାର ତ୍ରିପାଠୀ, ଦେବାଶିଷ ଶତପଥୀ, ନିରଞ୍ଜନ ରଥ, ଚିନ୍ମୟ କୁମାର ସାଥୁଆ, ରବୀନ୍ଦ୍ର କୁମାର, ସସ୍ମିତା ନାୟକ, ସ୍ୱାଗତିକା ମହାପାତ୍ର, ଅନୁଜ ନାୟକ ଏବଂ ସମସ୍ତ ସିଆର୍‌ସିସି ପ୍ରମୁଖ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସିଆର୍‌ସିସି ରାଜକିଶୋର ନାୟକ ଧନ୍ୟବାଦ୍ ଦେଇଥିଲେ।

**ବାଲୁଗାଁ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ**

## ଭଲ ପାଠ ପଢ଼, ଭବିଷ୍ୟତ ଗଢ଼: ମନ୍ତ୍ରୀ

**ବାଲୁଗାଁ,ବାଣପୁର, ୩୧।୧୦/ଏନ୍ଏନ୍ଏସ୍:** ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୭୭ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇ ଯାଇଛି। ୧୯୪୯ ମସିହା ଅକ୍ଟୋବର ୩୧ ତାରିଖରେ ପ୍ରତିଷ୍ଠା ଲାଭ କରିଥିବା ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନ ଚଳିତ ବର୍ଷ ୭୭ ବର୍ଷରେ ପଦାର୍ପଣ କରିଛି। ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଚିଲିକା ବିଧାୟକ ତଥା ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ବାଲୁଗାଁ ଏନ୍ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ୱାରିକାନାଥ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଘ୍ନେଶ୍ୱର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ମୁରଲୀଧର ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ପ୍ରଥମେ ଜାତିର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ଆୟୋଜିତ ସଭା ମଞ୍ଚରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯକ୍ରମକୁ ଉଦ୍‌ଘାଟନ କରିଥିଲେ।



ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଦବୋଧନ ଦେଇ କହିଥିଲେ ଯେ ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟ ଅନେକ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ଓ ସଂସ୍କାର ପ୍ରଦାନ କରି ସେମାନଙ୍କ ଜୀବନକୁ ଆଲୋକିତ କରିଛି। ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇବା ସହ ଶୃଙ୍ଖଳିତ ଭାବେ ଭଲ ପାଠ ପଢ଼ି ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଫଳରେ ଆଗାମୀ ଦିନରେ ବିଦ୍ୟାଳୟ ଆହୁରି ସୁନାମ ଅର୍ଜନ କରିବା ସହ ଛାତ୍ରଛାତ୍ରୀ ମାନେ ଆମ ଅଞ୍ଚଳ ପାଇଁ ଗୌରବ ଆଣିବେ ମୋର ଦୃଢ଼ ବିଶ୍ୱାସ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସୌଦାମିନୀ ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

## ଉର୍ଜାବାନ୍ ଓଡ଼ିଶା ପକ୍ଷରୁ ଜଳଛତ୍ର



**ପୁରୀ,୩୧।୧୦/ଏନ୍ଏନ୍ଏସ୍:** ପବିତ୍ର ଅଁଳା ନବମୀ ଉପଲକ୍ଷେ ଉର୍ଜାବାନ ଓଡ଼ିଶା ତରଫରୁ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଜଳଛତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ନାଣ୍ଡି ବଗୁଲି ସର୍ବତ, ଦହି ସର୍ବତ, ଟାଟା ଗ୍ଲୁକୋ, ପାଣି ବୋତଲର ବ୍ୟବସ୍ଥା କରାଯାଇଥିଲା। ଭୀଷଣ ଗୁଳଗୁଳି ହେଉଥିବାରୁ ଧାଡ଼ିରେ ଥିବା ଭକ୍ତମାନଙ୍କୁ ଜଳ ସିଞ୍ଚନ କରା ଯାଇଥିଲା। ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, ରଶ୍ମି ରଞ୍ଜନ ନାୟକ, ସନ୍ତୋଷୀ ଭୋଇ, କଳ୍ପନା ଦାସ, ଜିତେନ୍ଦ୍ର ପାତ୍ର, ଜଗନ୍ନାଥ ପଣ୍ଡା, ଦିଲ୍ଲୀପ ଚିନେରା, ଆଶିଷ ସାହୁ ଓ ସଚ୍ଚିଦାନନ୍ଦ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

ନିତି ଭାରତୀ

ଅନ୍ୟମାନଙ୍କ ସ୍ୱରରେ ସ୍ୱର ମିଳାଇବା ଖୁବ୍ ସହଜ। ନିଜର ସ୍ୱର ଉତ୍ତୋଳନ କରିବା ନିମନ୍ତେ ସାହସର ଆବଶ୍ୟକତା ରହିଛି। - ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ଶନିବାର, ୧ ନଭେମ୍ବର, ୨୦୨୫

# ଇତିହାସ ପୃଷ୍ଠାରେ ନୂଆପଡ଼ା ନିର୍ବାଚନ



ପ୍ରହଲାଦ କୁମାର ସିଂହ

ନୂଆପଡ଼ା ବିଧାନସଭା ଆସନ ପାଇଁ ଆସନ୍ତା ନଭେମ୍ବର ୧୧ ତାରିଖରେ ଚତୁର୍ଥ ଥର ଲାଗି ଉପନିର୍ବାଚନ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟା ପ୍ରାୟ ଅଢ଼େଇ ଲକ୍ଷ। ଅନୁସୂଚିତ ଜନଜାତି ବହୁଳ ଏହି ବିଧାନସଭା କ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ। ଏଠାରୁ ୪ ଥର ନିର୍ବାଚିତ ହୋଇ ବିଜେଡି ସରକାରରେ ମନ୍ତ୍ରୀ ଥିବା ରାଜେନ୍ଦ୍ର ଢୋଲକିଆଙ୍କ ଗତ ସେପ୍ଟେମ୍ବର ୮ ତାରିଖରେ ପରଲୋକ ହୋଇଯିବାରୁ ନୂଆପଡ଼ାରେ ଉପନିର୍ବାଚନର ଆବଶ୍ୟକତା ପଡ଼ିଛି। ବିଜେଡି ତାହାର ଆସନକୁ ପୁନର୍ବାର ଦଖଲ କରିବା ପାଇଁ ତତ୍ପର ଥିବା ବେଳେ ଆଗରୁ ଏହି ଆସନ ବିଭିନ୍ନ ସମୟରେ ନିଜ କବ୍‌ଜାରେ ରଖିଥିବା ବିଜେପି ଓ କଂଗ୍ରେସ ମଧ୍ୟ ନୂଆପଡ଼ାରେ ନିଜ ନିଜର ଦବ୍‌ଦବା ଜାହିର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିଶେଷକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ଲାଗି ନୂଆପଡ଼ା ଉପନିର୍ବାଚନ ପତିଆରାର ପ୍ରସଙ୍ଗ ହୋଇଛି। ଏବେ ନୂଆପଡ଼ାକୁ ବିଭିନ୍ନ ଦଳର ନେତାଙ୍କ ସୁଅ ଛୁଟୁଥିବାରୁ କେହି କେହି ମନ୍ତ୍ରୀପଡ଼ା କହୁଥିବା ବେଳେ ଆଉ କେହି କେହି କହୁଛନ୍ତି ନେତାପଡ଼ା।

୨୦୨୪ରେ ହୋଇଥିବା ବିଧାନସଭା ନିର୍ବାଚନରେ ନୂଆପଡ଼ା ଆସନରୁ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ୬୧,୮୨୨ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ପାଇଥିଲେ ୫୦,୯୪୦ ଭୋଟ। କଂଗ୍ରେସ ନେତା ଘାସିରାମ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବାରୁ ଦଳ ତାଙ୍କୁ ଦୂରେଇ ଦେଇଥିଲା। ଏବେ ପୁଣି କଂଗ୍ରେସ ଘାସିରାମଙ୍କୁ ଦଳକୁ ଫେରାଇ ଆଣି ଜିଲ୍ଲାରେ ସାଂଗଠନିକ ଦାୟିତ୍ୱ ଦେବା ସହିତ ଦଳୀୟ ପ୍ରାର୍ଥୀ କରିଛି। ଗତ ନିର୍ବାଚନରେ ଏଠାରୁ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪,୮୧୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିବା ବେଳେ ସେତେବେଳର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏଠାରୁ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୧୫,୫୦୧ ଖଣ୍ଡ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ।

୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବେଳକୁ ନୂଆପଡ଼ା ଥିଲା ସମ୍ବଲପୁର ଜିଲ୍ଲାରେ। ୧୯୩୭ରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଏଠାରୁ ଜିଣିଥିଲେ ଖଡ଼ିଆଳର ରାଜା ଲାଲା ଆର୍ତ୍ତତ୍ରାଣ ଦେଓ ନ୍ୟାସନାଲ୍ ପାର୍ଟିର ପ୍ରାର୍ଥୀ ଭାବେ। ୧୯୪୬ରେ ବି ସେ ଏହି ଆସନରୁ ଆଉ ଥରେ ବିଜୟୀ ହୋଇଥିଲେ। କିନ୍ତୁ ତାଙ୍କର ଦେହାନ୍ତ ହେବାରୁ ୧୯୪୭ରେ ନୂଆପଡ଼ା ଦେଖିଥିଲା ପ୍ରଥମ ଉପନିର୍ବାଚନ। ଏଠାରୁ ଆର୍ତ୍ତତ୍ରାଣଙ୍କର ଜଣେ ସମ୍ପର୍କୀୟ ରୁଦ୍ରମାଧବ ଦେଓ ଉପନିର୍ବାଚନ ଜିତିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ପ୍ରାକ୍-ସ୍ୱାଧୀନତା କାଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ହୋଇଥିବା ଦୁଇଟି ବିଧାନସଭା ନିର୍ବାଚନ ବେଳେ ଆସନ ସଂଖ୍ୟା ଥିଲା ୬୦। ସେଥିରୁ ୫୬ଟି ପାଇଁ ନିର୍ବାଚନ ହେଉଥିବା ବେଳେ ଅନ୍ୟ ୪ଟି ଆସନ ମନୋନୀତ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯାଉଥିଲା। ସେତେବେଳେ ତଫସିଲଭୁକ୍ତ ସଂପ୍ରଦାୟ, ମହିଳା, ମୁସଲମାନ, ଜମିଦାର, ଖ୍ରୀଷ୍ଟିଆନ୍, ଶ୍ରମିକ ପ୍ରତିନିଧି ଏବଂ ଶିଳ୍ପ ଓ ବାଣିଜ୍ୟ ପ୍ରତିନିଧିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଥିଲା। ସାର୍ବଜନୀନ ଭୋଟ ପ୍ରଥା ନଥିବାରୁ କେବଳ ଚୌକିଦାରୀ ଟିକସ ଦେଉଥିବା ଲୋକଙ୍କୁ ଭୋଟ ଦାନ ସୁଯୋଗ ମିଳୁଥିଲା। ୧୯୩୭ରେ ହୋଇଥିବା ପ୍ରଥମ ନିର୍ବାଚନରେ ସାରା ଓଡ଼ିଶାର ଭୋଟର ସଂଖ୍ୟା ଥିଲା ମାତ୍ର ୫,୨୦,୫୮୪।

ସ୍ୱାଧୀନତା ପରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ୧୯୫୧-୫୨ରେ ପ୍ରଥମ ନିର୍ବାଚନ ହେବା ବେଳକୁ ଓଡ଼ିଶାର ବିଧାୟକଙ୍କ ସଂଖ୍ୟା ଥିଲା ୧୪୦। ୧୦୭ଟି ନିର୍ବାଚନ ମଣ୍ଡଳୀରୁ ୧୪୦ ଜଣ ବିଧାୟକ ଭାବେ ନିର୍ବାଚିତ ହେଉଥିଲେ। ଏଠାରେ ଉଲ୍ଲେଖନୀୟ ଯେ ସେତେବେଳେ କେତେକ ଆସନକୁ ଯୁଗ୍ମ ନିର୍ବାଚନ ମଣ୍ଡଳୀ ଭାବେ ଘୋଷଣା କରାଯାଉଥିଲା। ଏହି ଯୁଗ୍ମ ନିର୍ବାଚନ ମଣ୍ଡଳୀରୁ ଜଣେ ସଂରକ୍ଷିତ ବର୍ଗର ଓ ଆଉ ଜଣେ ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀ ବିଧାୟକ ହେଉଥିଲେ। ଏହି କ୍ରମରେ ନୂଆପଡ଼ା ଯୁଗ୍ମ ବିଧାନସଭା କ୍ଷେତ୍ରରୁ ୧୯୫୧-୫୨ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅନୁପ ସିଂହଦେଓ ଓ ଚୈତନ୍ୟ ମାଝୀ ନିର୍ବାଚିତ ହୋଇଥିଲେ। ୧୯୫୭ରେ ହୋଇଥିବା ନିର୍ବାଚନରେ ଏହି ଯୁଗ୍ମ ନିର୍ବାଚନ ମଣ୍ଡଳୀରୁ ଅନୁପ ସିଂହଦେଓ ଓ ଘାସିରାମ ମାଝୀ ବିଜୟୀ ହୋଇଥିଲେ। ଘାସିରାମବାବୁ ସେତେବେଳେ ଥିଲେ ଗଣତନ୍ତ୍ର ପରିଷଦର ପ୍ରାର୍ଥୀ। ଅନୁପ ସିଂହଦେଓ ସେ ସମୟରେ ମହତାବଙ୍କ ସରକାରରେ ମନ୍ତ୍ରୀ ଥିଲେ। ୧୯୬୧ରେ ହୋଇଥିବା ତୃତୀୟ ବିଧାନସଭା ନିର୍ବାଚନରେ ଘାସିରାମ ମାଝୀ ଏହି ଆସନରୁ ସ୍ୱତନ୍ତ୍ର ଦଳର ପ୍ରାର୍ଥୀ ଭାବେ ଜିତିଥିଲେ। ସେତେବେଳକୁ ଯୁଗ୍ମ ନିର୍ବାଚନ ମଣ୍ଡଳୀ ବ୍ୟବସ୍ଥା ଉଠି ଯାଇଥିଲା। ୧୯୬୭ରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ଓଁକାର ସିଂହ ସ୍ୱତନ୍ତ୍ର ଦଳ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ପ୍ରାୟ ୭୦୦ ଭୋଟରେ ହରାଇ ଥିଲେ। ୧୯୭୧ରେ ଘାସିରାମବାବୁ ପୁଣି ଥରେ ଏଠାରୁ ସ୍ୱତନ୍ତ୍ର ଦଳର ପ୍ରାର୍ଥୀ ହିସାବରେ ବିଜୟୀ ହୋଇଥିଲେ।


୧୯୭୪ର ବିଧାନସଭା ନିର୍ବାଚନରେ ଓଁକାର ସିଂହ ବିଜୟୀ ହୋଇଥିଲେ ମଧ୍ୟ ନିର୍ବାଚନୀ ମାମଲାରେ ତାଙ୍କ ସଭ୍ୟ ପଦ ରଦ୍ଦ ହେବାରୁ ଏଠାରେ ହୋଇଥିଲା ଦ୍ୱିତୀୟ ଉପନିର୍ବାଚନ। ଏଥିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଜଗନ୍ନାଥ ପଟ୍ଟନାୟକ ତାଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ସ୍ୱତନ୍ତ୍ର ଦଳର ଘାସିରାମ ମାଝୀଙ୍କୁ ହରାଇ ନିର୍ବାଚିତ ହେଲେ। ପ୍ରଥମେ ସେ ନନ୍ଦିନୀ ଶତପଥୀ ଓ ପରେ ବିନାୟକ ଆଚାର୍ଯ୍ୟଙ୍କ ସରକାରରେ ମନ୍ତ୍ରୀ ଥିଲେ। ଜରୁରୀ ପରିସ୍ଥିତି ପରେ ୧୯୭୭ରେ ହୋଇଥିବା ବିଧାନସଭା ନିର୍ବାଚନରେ ଜନତା ପାର୍ଟିର ପ୍ରାର୍ଥୀ ଭାବେ ପୁଣି ଥରେ ଘାସିରାମ ମାଝୀ ନିର୍ବାଚିତ ହେଲେ। କିନ୍ତୁ ୧୯୮୦ ନିର୍ବାଚନରେ ଘାସିରାମବାବୁଙ୍କୁ ପରାସ୍ତ କରି ଏଠାରେ ବିଜୟୀ ହେଲେ କଂଗ୍ରେସର ଭାନୁପ୍ରସାଦ ଯୋଶୀ। ୧୯୮୫, ୧୯୯୦ ଓ ୧୯୯୫ରେ ଜନତା ଦଳର ପ୍ରାର୍ଥୀ ଭାବେ ଘାସିରାମବାବୁ ପୁନଃନିର୍ବାଚିତ ହୋଇଥିଲେ ନୂଆପଡ଼ାରୁ। ୧୯୯୦ରେ ସେ ବିଜୁ ପଟ୍ଟନାୟକଙ୍କ ସରକାରରେ ମନ୍ତ୍ରୀ ହୋଇଥିଲେ। ୧୯୯୭ରେ ଘାସିରାମ ମାଝୀ ବିଧାୟକ ଥିବାବେଳେ ମୃତ୍ୟୁବରଣ କରିବାରୁ ଏଠାରେ ତୃତୀୟ ଥର ପାଇଁ ଉପନିର୍ବାଚନ ହୋଇଥିଲା। ଏହି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜଗନ୍ନାଥ ପଟ୍ଟନାୟକ ବିଜେପିର ବସନ୍ତ କୁମାର ପଣ୍ଡାଙ୍କୁ ହରାଇ ବିଜୟ ଟୀକା ପିନ୍ଧିଲେ। ପରେ ଜଗନ୍ନାଥବାବୁ ଜାନକୀ ବଲ୍ଲଭ ପଟ୍ଟନାୟକ, ଗିରିଧର ଗମାଙ୍ଗ ଓ ହେମାନନ୍ଦ ବିଶ୍ୱାଳଙ୍କ ସରକାରରେ ମନ୍ତ୍ରୀ ରହିଥିଲେ।

୨୦୦୦ ମସିହାର ବିଧାନସଭା ନିର୍ବାଚନରେ ବିଜେପି ଏଠାରୁ ପ୍ରଥମ ଥର ପାଇଁ ଖାତା ଖୋଲିଥିଲା। ବିଜେଡି-ବିଜେପି ମେଣ୍ଟର ପ୍ରାର୍ଥୀ ଭାବେ ବସନ୍ତ କୁମାର ପଣ୍ଡା ନିର୍ବାଚିତ ହୋଇଥିଲେ। ତେବେ ୨୦୦୪ରେ ରାଜେନ୍ଦ୍ର ଢୋଲକିଆ ଏଠାରୁ କଂଗ୍ରେସ ଓ ବିଜେପି ପ୍ରାର୍ଥୀଙ୍କୁ ହରାଇ ସ୍ୱାଧୀନ ଭାବେ ବିଧାନସଭାକୁ ଯାଇଥିଲେ। ୨୦୦୯ରେ ବିଜେଡି ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଢୋଲକିଆ ଓ ୨୦୧୪ରେ ବିଜେପି ପ୍ରାର୍ଥୀ ଭାବେ ବସନ୍ତ କୁମାର ପଣ୍ଡା ନୂଆପଡ଼ାରୁ ବିଜୟୀ ହୋଇଥିଲେ। ୨୦୧୯ ଓ ୨୦୨୪ ନିର୍ବାଚନରେ ରାଜେନ୍ଦ୍ର ଢୋଲକିଆ ଏଠାରୁ ପୁଣି ବିଜେଡି ପ୍ରାର୍ଥୀ ଭାବେ ଜିଣିଥିଲେ। ୨୦୧୯ ନିର୍ବାଚନ ପରେ ସେ ନବୀନ ପଟ୍ଟନାୟକଙ୍କ ସରକାରରେ ମନ୍ତ୍ରୀ ହୋଇଥିଲେ। ୨୦୨୫ ସେପ୍ଟେମ୍ବର ମାସରେ ନୂଆପଡ଼ାର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ହେବାରୁ ଏଠାରେ ଏବେ ଚତୁର୍ଥ ଥର ପାଇଁ ଉପନିର୍ବାଚନ ହେଉଛି।

ନୂଆପଡ଼ାର ବିଶେଷତ୍ୱ ହେଉଛି ଏଠାରୁ ସ୍ୱର୍ଗତଃ ଘାସିରାମ ମାଝୀ ସର୍ବାଧିକ ୭ ଥର ବିଧାନସଭା ନିର୍ବାଚନ ଜିଣିଥିବା ବେଳେ ସ୍ୱର୍ଗତଃ ଢୋଲକିଆ ୪ ଥର ବିଧାୟକ ହେବାର ସୁଯୋଗ ପାଇଛନ୍ତି। ବସନ୍ତ ପଣ୍ଡା ଓ ଜଗନ୍ନାଥ ପଟ୍ଟନାୟକ ଏଠାରୁ ଦୁଇ ଥର ଲେଖାଏଁ ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏଠାରେ ମୁଖ୍ୟତଃ ବିଜେପି, ବିଜେଡି ଓ କଂଗ୍ରେସ ମଧ୍ୟରେ ଘମାଘୋଟ ଲଢ଼େଇ ଆରମ୍ଭ ହୋଇ ଯାଇଥିବା ବେଳେ କିଏ ଜିଣିବ ଓ କିଏ ହାରିବ, ତାହା ନୂଆପଡ଼ାବାସୀ ନିର୍ଦ୍ଧାରଣ କରିବେ।

ଏହି ଉପନିର୍ବାଚନ କଂଗ୍ରେସ ପାଇଁ ସମ୍ମାନ ରକ୍ଷା ପ୍ରସଙ୍ଗ ହୋଇଥିବା ବେଳେ ବିଜେଡି ତାହାର ଗଡ଼ କିପରି ସୁରକ୍ଷିତ ରଖିବ ସେଥିଲାଗି ଚିନ୍ତିତ। ରାଜ୍ୟରେ ବିଜେପି ସରକାର ଗଢ଼ାଯିବା ପରେ ପ୍ରଥମ ବିଧାନସଭା ଉପନିର୍ବାଚନ ନୂଆପଡ଼ା ଆସନରୁ ହେଉଥିବାରୁ ତାହା ବିଜେପି ପାଇଁ ଅଗ୍ନି ପରୀକ୍ଷା ଭଳି। ଏବେଠାରୁ ତିନି ଦଳର ପ୍ରଚାର ଅଭିଯାନକୁ ବ୍ୟାପକ କରିବା ଲାଗି ବହୁ ନେତା ନୂଆପଡ଼ାରେ ଡେରା ପକାଇଛନ୍ତି। କୋମନା, ଖଡ଼ିଆଳ ରୋଡ, ଟିକ୍ରାପଡ଼ା, ଦର୍ଲିପଡ଼ା, ଭେଲା, ତରବୋଡ଼ ଆଦି ଅଞ୍ଚଳରେ ବିଭିନ୍ନ ଦଳର ମାଳ ମାଳ ନେତା ବୁଲୁଛନ୍ତି। କେହି କେହି ଏଠାରେ ଥିବା ସୋନାବେଡ଼ା ଅଭୟାରଣ୍ୟର ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ବିଜେଡି, ବିଜେପି ଓ କଂଗ୍ରେସର ବହୁ ନେତା ଓ କର୍ମୀ ଏଠାକୁ ଛୁଟୁଛନ୍ତି। ଏକଦା ମରୁଡ଼ିପ୍ରବଣ ଅଞ୍ଚଳ ଭାବେ ପରିଚିତ ଥିବା ନୂଆପଡ଼ା ଗୋଟିଏ ଶିଳ୍ପ ବିହୀନ ଜିଲ୍ଲା। ୮୦ ଦଶକରେ ଏ ଅଞ୍ଚଳରେ ଘଟିଥିବା ଅନାହାର ମୃତ୍ୟୁ, ଝିଅ ଓ ଶିଶୁ ବିକ୍ରିଠାରୁ ଦାଦନ ପର୍ଯ୍ୟନ୍ତ ମାଳ ମାଳ ସମସ୍ୟାର ଭିତ୍ତିପ୍ରସ୍ତର ଉପରେ ସୃଷ୍ଟି ହୋଇଥିଲା ହଜାର ହଜାର କୋଟି ଟଙ୍କାର କେବିକେ ଯୋଜନା।

ଏଠାରେ ଅଳ୍ପ କେତୋଟି ହାତ ଗଣତି ସରକାରୀ ଡାକବଙ୍ଗଳାକୁ ଛାଡ଼ିଦେଲେ ଆଭିଜାତ୍ୟସଂପନ୍ନ ନେତାମାନଙ୍କ ଲାଗି ତାରକା ହୋଟେଲ ନାହିଁ। ତେଣୁ ଅଧିକାଂଶ ନେତା ପଡ଼ୋଶୀ ନିର୍ବାଚନ ମଣ୍ଡଳୀ ଓ ଛତିଶଗଡ଼ରେ ଆସ୍ଥାନ ଜମାଉଛନ୍ତି। ମତ ଗ୍ରହଣ ଦିବସ ପାଖେଇ ଆସୁଥିବା ବେଳେ ଏଠାରେ ରାଜନୈତିକ ଆରୋପ ଓ ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି। ଏବେ ଉପନିର୍ବାଚନ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ରକ୍ଷା ସହ ନିରାପତ୍ତା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ନୂଆପଡ଼ାରେ ବିଜୟ ମୁକୁଟ କିଏ ପିନ୍ଧିବ, ତାହା ନୂଆପଡ଼ାର ନିରବ ଜନମତ ଠିକଣା ସମୟରେ ସ୍ପଷ୍ଟ କରିଦେବ।■




ମୋ: ୯୪୩୭୦୧୭୩୯୫
prahalladsinha@gmail.com

# ଆମେରିକା-ଚୀନ୍ ବାଣିଜ୍ୟ ଯୁଦ୍ଧରେ ବିରତି

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ସହିତ ବିବାଦ ଆରମ୍ଭ କରି ବିଶ୍ୱ ବାଣିଜ୍ୟ କ୍ଷେତ୍ର ପ୍ରତି ବିପର୍ଯ୍ୟୟ ସୃଷ୍ଟି କରିବା ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ଯେ ସେ ଦକ୍ଷିଣ କୋରିଆର ବୁସାନ୍‌ଠାରେ ଚୀନ୍‌ର ସୁପ୍ରିମୋ ଜି ଜିନ୍‌ପିଙ୍ଗ୍‌ଙ୍କ ସଙ୍ଗେ ପ୍ରାୟ ୧୦୦ ମିନିଟ୍ ପର୍ଯ୍ୟନ୍ତ ଆଲୋଚନା କରିବା ପରେ ବ୍ୟବସାୟିକ ରାଜିନାମା ସମ୍ପନ୍ନ କରିବାରେ ସମର୍ଥ ହୋଇଛନ୍ତି। ଗତ ଗୁରୁବାର ଦିନ ପ୍ରାୟ ବର୍ଷକ ପରେ ସେମାନଙ୍କର ଉପରୋକ୍ତ ବୈଠକ ଅନ୍ତେ ସାରା ବିଶ୍ୱର ଦେଶମାନେ ବାଣିଜ୍ୟ ବ୍ୟୟସାୟକୁ ନେଇ ଆଶ୍ୱାସନାର ଦୀର୍ଘଶ୍ୱାସଟିଏ ନେଇଛନ୍ତି। ୨୦୧୯ ପରେ ପ୍ରଥମ ଥର ପାଇଁ ଶ୍ରୀଯୁକ୍ତ ଟ୍ରମ୍ପ୍ ଏବଂ ତାଙ୍କର ଚୀନ୍ ପ୍ରତିପକ୍ଷ ପରସ୍ପର ସହିତ ସଂଯୁକ୍ତ ରାଜିନାମାଗୁଡ଼ିକର ଏକ ସମାହାରର ଉପସଂହାରରେ ପହଞ୍ଚିବାକୁ ଏକ ଘଣ୍ଟା ଚାଳିଶ ମିନିଟ୍ ନେବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, କାରଣ ଏହା ବିଶ୍ୱ ବଜାରରେ ଆଶ୍ୱାସନା ଆଣିଦେବାର ପ୍ରତିଶ୍ରୁତି ବହନ କରେ। ଚୀନ୍ ବିରଳ ମୃତ୍ତିକାର ରପ୍ତାନୀ ଉପରେ ସଦ୍ୟ ଲାଗୁ କରିଥିବା କଟକଣାଗୁଡ଼ିକୁ ସ୍ଥଗିତ ରଖିବା ପାଇଁ ଆମେରିକୀୟ ରାଷ୍ଟ୍ରପତିଙ୍କୁ ପ୍ରତିଶ୍ରୁତି ଦେଇଛି। ଏହି ଧାତୁଗୁଡ଼ିକ ହାଇ-ଟେକ୍ ଉଦ୍ୟୋଗମାନଙ୍କ ପାଇଁ ଢେର୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ଏବଂ ଚୀନ୍ ସେଗୁଡ଼ିକର ଯୋଗାଣର ହାରାହାରି ୭୦ ପ୍ରତିଶତ ନିୟନ୍ତ୍ରଣ କରିଥାଏ। ବେଜିଂ ଆହୁରି ମଧ୍ୟ ଆମେରିକାକୁ ଆଶ୍ୱାସନା ଦେଇଛି ଯେ ଏହା ଫେଣ୍ଟାନିଲର ଉତ୍ପାଦନ ଏବଂ ଚୋରା କାରବାରକୁ ହ୍ରାସ କରିବା ନିମନ୍ତେ ଅଧିକ କାର୍ଯ୍ୟ କରିବ। ସୂଚନାଯୋଗ୍ୟ ଯେ ଫେଣ୍ଟାନିଲ ହେଉଛି ଏକ ସିନ୍ଥେଟିକ୍ ବା ମସୃଣ ନିଶା ଦ୍ରବ୍ୟ ଯାହା ପ୍ରତି ବର୍ଷ ଆମେରିକାରେ ହଜାର ହଜାର ସଂଖ୍ୟକ ଆମେରିକୀୟଙ୍କ ମୃତ୍ୟୁର କାରଣ ହୋଇଥାଏ। ଏହାର ପ୍ରତିବଦଳରେ ଆମେରିକା ଚୀନୀୟ ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍‌ର ହାରକୁ ୫୭ ପ୍ରତିଶତରୁ ୪୭ ପ୍ରତିଶତକୁ କମାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ଶ୍ରୀଯୁକ୍ତ ଟ୍ରମ୍ପ୍ ମଧ୍ୟ ଚୀନୀୟ ସାମଗ୍ରୀଗୁଡ଼ିକ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲାଗୁ କରିବାକୁ ଧମକକୁ ପ୍ରତ୍ୟାହାର କରି ନେଇଛନ୍ତି।

ଉଭୟ ନେତାଙ୍କର ଏହି ଦେବା-ନେବା ନୀତି ପଛରେ ଏକ ସାର୍ବଜନୀନ ବାର୍ତ୍ତା ରହିଛି। ବିଶ୍ୱର ନେତୃତ୍ୱ ନେବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉଭୟ ପରସ୍ପରକୁ ପ୍ରତି କ୍ଷେତ୍ରରେ ଆହ୍ୱାନ ମଧ୍ୟ ଦେଉଛନ୍ତି, ତାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ଧୀମତ୍ତାର କ୍ଷେତ୍ର ହେଉ କି ହେଉ ଭୂରାଜନୀତିକ ପ୍ରଭାବର କ୍ଷେତ୍ର। ସେମାନେ ଏକଥା ମଧ୍ୟ ଅନୁଭବ କରନ୍ତି- ଅନିଚ୍ଛା ସତ୍ତ୍ୱେ- ଯେ ସେମାନେ ପରସ୍ପରର ସହାୟତା ଆବଶ୍ୟକ କରନ୍ତି। ଆମେରିକାର ନିର୍ମାଣ କ୍ଷେତ୍ରର ପୁନରୁଦ୍ଧାର ପାଇଁ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କର ଯେତେଗୁଡ଼ିଏ ଯୋଜନା ରହିଛି, ଆଜିକା ସମୟରେ ବାସ୍ତବତା ହେଉଛି, ଚୀନ୍‌ର ଉତ୍ପାଦଗୁଡ଼ିକ ବିନା ଆମେରିକାରେ ଅଧିକାଂଶ ବାସଗୃହଗୁଡ଼ିକ ଆପାତତଃ ବନ୍ଧ୍ୟା ଦେଖାଯିବ। ଚୀନ୍‌ରୁ ବିଭିନ୍ନ ସାମଗ୍ରୀ ଆମଦାନୀ ନ କଲେ ଆମେରିକାରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ। ଆଉ ଚୀନ୍‌ର ବିରଳ ମୃତ୍ତିକା ଧାତୁଗୁଡ଼ିକ ବିନା ବୈଷୟିକ ଜ୍ଞାନକୌଶଳ ରେସ୍‌ରେ ଆମେରିକାର ନବଉଦ୍ଭାବନଗୁଡ଼ିକ ଏହାର ଶତ୍ରୁ ରାଷ୍ଟ୍ରମାନଙ୍କ ପଛରେ ପଡ଼ିଯିବ। ସମାନ ଭାବରେ ଏକଥା ମଧ୍ୟ ସତ୍ୟ ଯେ ଚୀନ୍‌ର ରପ୍ତାନୀ-ପ୍ରଚୋଦିତ ଅର୍ଥନୀତି ତିଷ୍ଠି ରହିବା ସହିତ ବୃଦ୍ଧିଲାଭ କରିବା ପାଇଁ ଆମେରିକାର ଖାଉଟିବାଦ ଆବଶ୍ୟକ କରେ। ଏହି ଦୁଇ ରାଷ୍ଟ୍ର ମଧ୍ୟରୁ ପ୍ରତ୍ୟେକ ଅପର ଉପରେ ସେମାନଙ୍କର ନିର୍ଭରଶୀଳତାକୁ ଦୂରେଇ ନେବାକୁ ବହୁ ବାର ଉଦ୍ୟମ କରିଛନ୍ତି। କିନ୍ତୁ ଏହା ସେତେ ସହଜ ହେବନାହିଁ କି ସେତେ ଶୀଘ୍ର ମଧ୍ୟ ହେବନାହିଁ। କିଛି ସଂଖ୍ୟକ ରାଷ୍ଟ୍ରଙ୍କ ଭଳି ଚୀନ୍ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ଟାରିଫ୍ ଧମକରୁ ଛାଡ଼ ପାଇବା ପାଇଁ ତାଙ୍କ ଆଗରେ ହାତ ଯୋଡ଼ି ଠିଆ ହୋଇ ନଥିଲା। ଏହା ନିଜ ଜିଦ୍‌ରେ ଅଟଳ ରହିଲା ଏବଂ ବର୍ତ୍ତମାନ ଏକ ସମ୍ମାନଜନକ ବ୍ୟବସାୟିକ କାରବାର ସମ୍ପାଦନ କରିବାର ପ୍ରତିଶ୍ରୁତି ଲାଭ କରି ବିଜୟୀ ହେଲା। ଆଉ ଏଇଠି ହିଁ ରହିଛି ଭାରତ ସମେତ ଅନ୍ୟାନ୍ୟ ବଡ଼ ଅର୍ଥନୀତିମାନଙ୍କ ନିମନ୍ତେ ଶିକ୍ଷାଟିଏ। ସର୍ବୋପରି, ଶ୍ରୀଯୁକ୍ତ ଟ୍ରମ୍ପ୍ ବ୍ୟବସାୟିକ କାରବାରର ଏକ ରାଜିନାମା ସମ୍ପାଦନ କରିବା କ୍ଷେତ୍ରରେ ସଫଳତାକୁ ଆତୁରତାର ସହିତ ଚାହୁଁଥିଲେ: ଚୀନ୍ ଦେଖାଇ ଦେଲା ଯେ ଅନ୍ୟାନ୍ୟ ଅନେକ ଦେଶ ଯାହା ହାସଲ କରିଛନ୍ତି, ତା' ଅପେକ୍ଷା ଏକ ଦୃଢ଼, ଧୈର୍ଯ୍ୟପୂର୍ଣ୍ଣ ମୂଲଚାଲ ଅଧିକ ସନ୍ତୁଳିତ ରାଜିନାମାଟିଏ ସମ୍ପାଦନ କରିବାରେ ସହାୟକ ହେବ।

ଚୀନ୍‌କୁ ଲକ୍ଷ୍ୟଭୁକ୍ତ କରି ଟ୍ରମ୍ପ୍ ଯେତେବେଳେ ତାଙ୍କର ସୁରକ୍ଷାବାଦୀ ବାକ୍‌ପଟୁତାକୁ ଆବିଷ୍କାର କରିବାରେ ସଫଳ ହୋଇଛନ୍ତି, ଏହା ସେତେବେଳେ ଆଉ ସେଇ ଦେଶ ହୋଇ ରହିନାହିଁ, ଯାହା ଉପରେ ସର୍ବାଧିକ ଆମେରିକୀୟ ଟାରିଫ୍‌ର ବୋଝ ଲଦି ହୋଇ ରହିଛି: ଭାରତ ଏବଂ ବ୍ରାଜିଲ ଉପରେ ବର୍ତ୍ତମାନ ଚୀନ୍‌ଠୁ ଅଧିକ ଟାରିଫ୍ ବୋଝ ରହିଛି। ଚୀନ୍ ବିରଳ ମୃତ୍ତିକା ଯୋଗାଣ କ୍ଷେତ୍ରରେ ସଂକୁଚନ ଆଣିବା ପରେ ଚୀନୀୟ ସାମଗ୍ରୀଗୁଡ଼ିକ ଦ୍ୱାରା ସାମ୍ନା କରାଯାଉଥିବା ଟାରିଫ୍‌କୁ ଶ୍ରୀଯୁକ୍ତ ଟ୍ରମ୍ପ୍ କମାଇବାକୁ ରାଜି ହେବା ଦର୍ଶାଉଛି ଯେ ତାଙ୍କର ବେପାରୀ ବୁଦ୍ଧିର ଶୈଳୀକୁ ଏକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତିବିନିମୟ ବେପାରୀ ଶୈଳୀ ହିଁ କେବଳ ମୁକାବିଲା କରି ପାରିଛି। ଆମେରିକା ନିମନ୍ତେ ସବୁ ଦେଶଙ୍କ ନିକଟରେ ଏମିତି ଏକ ବିରଳ ସାମଗ୍ରୀ ନାହିଁ ତା'ର ଟାରିଫ୍‌ର ମୁକାବିଲା କରିବା ସଙ୍ଗେ ସଙ୍ଗେ ତାକୁ ନିଜ ନିକଟରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ କରିବା ପାଇଁ। ଭାରତ ଅବଶ୍ୟ ସେହିସବୁ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ତେବେ ଆଉ ଗୋଟିଏ କାରଣ ପାଇଁ ମଧ୍ୟ ଭାରତ ଆମେରିକା-ଚୀନ୍ ସମ୍ପର୍କ ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଆପେକ୍ଷିକ ଭାବରେ ଏହି ଦୁଇ ଦେଶଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ଏହାର ପରିଣତିରେ ଭାରତ-ପ୍ରଶାନ୍ତ ମହାସାଗରରେ ଶାନ୍ତିର ବାତାବରଣ ହୁଏତ ପାଶ୍ଚାତ୍ୟ ଜଗତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଭାରତ ସହିତ ସମ୍ପର୍କର ସମୀକରଣକୁ ବଦଳାଇ ଦେବା ଦିଗରେ ପଥ କଢ଼ାଇ ନେଇପାରେ।■

# ବନ୍ଦେ ମାତରମ୍@୧୫୦: ଜାତିକୁ ଜାଗ୍ରତ କରିଥିବା ସଙ୍ଗୀତ

ଶବ୍ଦ ଛବି ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ, ଜନଜାଗରଣରେ ଦେଶଭକ୍ତିମୂଳକ ସଙ୍ଗୀତର ଏକ ବଡ଼ ଭୂମିକା ରହିଛି। ବହୁଭାଷୀ ଦେଶ ଭାରତର ବିଭିନ୍ନ ପ୍ରାନ୍ତରେ, ବିଭିନ୍ନ ଭାଷାରେ ଅନେକ ଭକ୍ତିମୂଳକ ଗୀତ ଲେଖାଯାଇଛି, ସାମୂହିକ ଭାବରେ ଗାନ କରାଯାଇଛି। ଏସବୁ ଗୀତ ଭିତରେ ୧୮୭୦ ଦଶକରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ସଂସ୍କୃତାଶ୍ରୟୀ ବଙ୍ଗଳା ଭାଷାରେ ରଚିତ 'ବନ୍ଦେ ମାତରମ୍' ଗୀତଟି ସର୍ବଭାରତୀୟ ସ୍ତରରେ ଅଧିକ ଗ୍ରାହ୍ୟ ଓ ମାନ୍ୟ ହୋଇ ପାରିଛି। ଏ ଗୀତଟି ହୋଇ ଉଠିଥିଲା ଭାରତୀୟ ଜନଜାଗରଣ, ଜାତୀୟତା ଓ ମାତୃଭୂମି ପ୍ରତି ଭକ୍ତିର ପ୍ରତୀକ। 'ବନ୍ଦେ ମାତରମ୍' ଶବ୍ଦ ବନ୍ଧଟି ହୋଇ ଉଠିଥିଲା ଭାରତର ସ୍ୱାଧୀନତାକାମୀ ଏକ ସ୍ଲୋଗାନ୍।

ଉତ୍ପତ୍ତି ଓ ରଚନା : ଊନବିଂଶ ଶତାବ୍ଦୀର ଶେଷ ଭାଗରେ ମୁଖ୍ୟତଃ ଔପନ୍ୟାସିକ ଭାବେ ପରିଚିତ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ (୧୮୩୮-୧୮୯୪) 'ବନ୍ଦେ ମାତରମ୍' ଗୀତଟିକୁ ସଂସ୍କୃତାଶ୍ରୟୀ ବଙ୍ଗଳା ଭାଷାରେ ରଚନା କରିଥିଲେ। କୁହାଯାଏ ଯେ ୧୮୭୬ରେ ସେ ଏ ଗୀତଟି ଲେଖିବାକୁ ସ୍ଥିର କରନ୍ତି। ସେତେବେଳେ ସେ ସରକାରୀ କର୍ମଚାରୀ। ସମ୍ପୂର୍ଣ୍ଣ ଗୀତଟି ଛଅଟି ପାରାଗ୍ରାଫ୍‌ର। ପରବର୍ତ୍ତୀ ସମୟରେ ଏହାକୁ ସେ ତାଙ୍କ ବଙ୍ଗଳା ଉପନ୍ୟାସ 'ଆନନ୍ଦମଠ' (୧୮୮୨) ରେ ସଂଲଗ୍ନ କରିଥିଲେ। 'ଆନନ୍ଦମଠ' ଉପନ୍ୟାସଟି ସନ୍ନ୍ୟାସୀ ବିଦ୍ରୋହ ଉପରେ ଆଧାରିତ। ୧୭୬୩ରୁ ୧୮୦୦ ଭିତରେ ଏହି ବିଦ୍ରୋହକୁ ଭାରତରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ବିରୋଧରେ ପ୍ରଥମ ଆନ୍ଦୋଳନଗୁଡ଼ିକ ମଧ୍ୟରୁ ପ୍ରମୁଖ ବୋଲି ଧରାଯାଏ।

'ବନ୍ଦେ ମାତରମ୍' ଗୀତରେ ଭାରତମାତାଙ୍କୁ ଦେବୀ ସ୍ୱରୂପ ମାତୃଭୂମି ଭାବେ ଅଭିବ୍ୟକ୍ତ କରାଯାଇଥିଲା। ତାହାର ଆରମ୍ଭିକ ଶ୍ଳୋକ 'ବନ୍ଦେ ମାତରମ୍! ସୁଜଳମ୍, ସୁଫଳମ୍, ମଳୟଜ ଶୀତଳମ୍...' ଭାରତକୁ ସମୃଦ୍ଧି, ସୌନ୍ଦର୍ଯ୍ୟ ଓ ଆତ୍ମିକ ଶକ୍ତିର ଭୂମି ଭାବେ ଚିତ୍ରିତ କରେ।

ସ୍ୱାଧୀନତା ଆନ୍ଦୋଳନରେ ଭୂମିକା: ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଭାରତରେ ଜାତୀୟତାବାଦୀ ଚେତନାର ପ୍ରସାର ହେବାକୁ ଲାଗିଲା। ୧୮୫୭ରେ ସିପାହୀ ବିଦ୍ରୋହ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ପାଇଁ ଏକ ବଡ଼ ଧକ୍କା ଥିଲା। ଏ ବିଦ୍ରୋହକୁ ଦମନ କରାଯାଇଥିଲା ସତ, କିନ୍ତୁ ଏଇଠୁ ଭାରତରେ ବ୍ରିଟିଶ ଶାସନର ନିଅଁଟି କିଛିଟା ଦୋହଲି ଯାଇଥିଲା। ୧୮୫୮ରେ ପରେ ଭାରତର ଶାସନ ଭାର ବ୍ରିଟିଶ ସରକାର ନେଲେ। ୧୮୫୯ ଜୁଲାଇରେ ବିଦ୍ରୋହକୁ ସମ୍ପୂର୍ଣ୍ଣ ଦମନ କରାଗଲା।


ଏହା ପରଠୁ ଭାରତୀୟ ବିଦଗ୍ଧ ସମାଜ ଏବଂ ଶିକ୍ଷିତ ତରୁଣ ଗୋଷ୍ଠୀ କ୍ରମଶଃ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହେବାକୁ ଲାଗିଲେ। ଭାରତର ସ୍ୱାଧୀନତା କଥା ସେତେବେଳକୁ ଦାବି ସ୍ତରକୁ ନ ଆସିଥିଲେ ବି ଅବଧାରଣା ସ୍ତରରେ ଦାନା ବାନ୍ଧିବାକୁ ଲାଗିଲା।

ଆନନ୍ଦ ମଠ ଉପନ୍ୟାସ ପ୍ରକାଶ ପାଇଲା ୧୮୮୨ରେ। ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପିତ ହେଲା। ୧୮୯୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ରବୀନ୍ଦ୍ରନାଥ ଠାକୁର ପ୍ରଥମେ ଏହି ଗୀତଟିକୁ ଗାଇଥିଲେ। କ୍ରମଶଃ ଏ ଗୀତଟି ଭାରତୀୟ ଜାତୀୟତାର ଏକ ପ୍ରତୀକ ହେବାକୁ ଲାଗିଲା। ଊନବିଂଶ ଶତାବ୍ଦୀର ଶେଷ ବେଳୁ ଦେଶରେ ଜାତୀୟତାବାଦୀ ଆନ୍ଦୋଳନ ମୁଣ୍ଡ ଟେକିବାକୁ ଲାଗିଲା। ୧୯୦୫ରେ ଲର୍ଡ଼ କର୍ଜନ ବଙ୍ଗ ବିଭାଜନ କଲେ। ଏହା ବିରୋଧରେ ବଙ୍ଗ ପ୍ରଦେଶ ସମେତ ସାରା ଦେଶରେ ଆନ୍ଦୋଳନ ମୁଣ୍ଡ ଟେକିଲା। ଏହା 'ସ୍ୱଦେଶୀ ଆନ୍ଦୋଳନ' ଭାବରେ ଅଧିକ ପରିଚିତ। ଏ ଆନ୍ଦୋଳନ ବେଳେ 'ବନ୍ଦେ ମାତରମ୍' ହୋଇ ଉଠିଲା- ରାଲିଙ୍ଗ କ୍ରାୟ। ଜନସଂଯୋଗକାରୀ ସ୍ଲୋଗାନ୍। ଆନ୍ଦୋଳନର ଫଳ ସ୍ୱରୂପ ୧୯୧୧ରେ ବଙ୍ଗ ବିଭାଜନ ନିଷ୍ପତ୍ତିକୁ ବାତିଲ କରାଗଲା। ୧୯୦୫ରୁ ୧୯୧୧ ସ୍ୱଦେଶୀ ଆନ୍ଦୋଳନ ବେଳେ 'ବନ୍ଦେ ମାତରମ୍' ଧ୍ୱନି ଲକ୍ଷ ଲକ୍ଷ ଲୋକଙ୍କୁ ଏକ ସୂତ୍ରରେ ବାନ୍ଧିଦେଲା।

ଅରବିନ୍ଦ ଘୋଷ, ବିପିନ ଚନ୍ଦ୍ର ପାଲ ଭଳି ନେତାମାନେ ଏହାକୁ ମାତୃଭୂମିର ମୁକ୍ତି ପାଇଁ ଆଧ୍ୟାତ୍ମିକ ଆହ୍ୱାନ ଭାବେ ବ୍ୟାଖ୍ୟା କରିଥିଲେ। ଅରବିନ୍ଦ ଘୋଷ (ପରବର୍ତ୍ତୀ ସମୟରେ ଋଷି ଶ୍ରୀ ଅରବିନ୍ଦ) ଏହାର ଇଂରାଜୀ ଅନୁବାଦ କରିଥିଲେ ଏବଂ ତାହା କର୍ମଯୋଗୀ ପତ୍ରିକାର ୨୦ ନଭେମ୍ବର ୧୯୦୯ ସଂଖ୍ୟାରେ ପ୍ରକାଶ ପାଇଥିଲା। ପରେ ଏ ଗୀତଟିକୁ ନରେଶ ଚନ୍ଦ୍ର ସେନଗୁପ୍ତ ସମେତ ଅନେକେ ଇଂରାଜୀ ଏବଂ ବିଭିନ୍ନ ଭାଷାରେ ଅନୁବାଦ କରିଥିଲେ। କ୍ରମଶଃ ଏହା ସ୍ୱାଧୀନତା ସଂଗ୍ରାମର ସ୍ଲୋଗାନ୍ ହୋଇ ଉଠିଲା।

ବନ୍ଦେ ମାତରମ୍ ସ୍ଲୋଗାନ୍‌ଟି ଏତେ ଜନପ୍ରିୟ ହୋଇଥିଲା ଯେ ୧୯୦୭ରେ ମ୍ୟାଡାମ ବିକାଜି କାମା ଜର୍ମାନୀରେ ପ୍ରଥମ ଭାରତୀୟ ଜାତୀୟ ପତାକାର ଯେଉଁ ନକ୍ସା କରିଥିଲେ, ସେଥିରେ ମଝିରେ ଲେଖା ଥିଲା : ବନ୍ଦେ ମାତରମ୍।

ବନ୍ଦେ ମାତରମ୍ ଗୀତ ଓ ଆନନ୍ଦ ମଠ ଉପନ୍ୟାସକୁ ବ୍ରିଟିଶ୍ ସରକାର ନିଷିଦ୍ଧ ଘୋଷଣା କରିଥିଲେ। ବିଂଶ ଶତାବ୍ଦୀ ଆରମ୍ଭରୁ ୧୯୪୭ ଯାଏଁ ବନ୍ଦେ ମାତରମ୍ ଗୀତ ଏବଂ ଆନନ୍ଦ ମଠ ଉପନ୍ୟାସ ନିଷିଦ୍ଧ ଥିଲା।




'ବନ୍ଦେ ମାତରମ୍'କୁ ନେଇ ବିବାଦ: ତଥାପି, ଏହି ଗୀତକୁ ନେଇ ବିବାଦ ହୋଇଥିଲା। ୧୯୩୦ ଦଶକରେ କେତେକ ମୁସଲିମ୍ ଲିଗ୍ ନେତା ଏହାର ଦେବୀ ସ୍ୱରୂପୀ ଚିତ୍ରଣକୁ ଧାର୍ମିକ ଭାବେ ବିବେଚନା କରି ଆପତ୍ତି ଜଣାଇ ଥିଲେ। ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା ପାଇଁ ୧୯୩୭ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ନିର୍ଣ୍ଣୟ କଲା ଯେ ଏ ଗୀତର କେବଳ ପ୍ରଥମ ଦୁଇଟି ଅଂଶ- ଯେଉଁଥିରେ ମାତୃଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି- ତାହାକୁ ଆଧିକାରିକ ଭାବେ ବ୍ୟବହାର କରାଯିବ।

ବନ୍ଦେ ମାତରମ୍ ଗୀତକୁ ନେଇ ଆସାମରେ ମଧ୍ୟ ବିବାଦ ହୋଇଥିଲା। ସେଠି ବିବାଦର ମୂଳରେ ଥିଲା ଭାଷା।

ସାମ୍ବିଧାନିକ ସ୍ଥିତି: ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ୨୪ ଜାନୁଆରୀ ୧୯୫୦ରେ ସମ୍ବିଧାନ ପ୍ରଣୟନ ସଭା (କନଷ୍ଟିଚୁଏଣ୍ଟ୍ ଆସେମ୍ବ୍ଲି) ବନ୍ଦେ ମାତରମ୍‌କୁ ଜାତୀୟ ଗୀତ (ନ୍ୟାସନାଲ ସଙ୍ଗ୍) ଭାବେ ଘୋଷଣା କଲେ। ହେଲେ ସମ୍ବିଧାନରେ 'ଜାତୀୟ ଗୀତ'ର କିଛି ଉଲ୍ଲେଖ ନାହିଁ। ଜନଗଣମନକୁ ଜାତୀୟ ସଙ୍ଗୀତ (ନ୍ୟାସନାଲ ଆନ୍ଥେମ୍) ଭାବେ ଘୋଷିତ କରାଗଲା। ଜାତୀୟ ସଙ୍ଗୀତକୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି ଉଲ୍ଲେଖ କରାଗଲା; ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ନ କଲେ ଦଣ୍ଡର ବ୍ୟବସ୍ଥା ମଧ୍ୟ କରାଗଲା।

ସାହିତ୍ୟ ଓ ସଂସ୍କୃତିରେ ଗୁରୁତ୍ୱ: ରାଜନୀତିର ସୀମା ଡେଇଁ 'ବନ୍ଦେ ମାତରମ୍' ତା'ର ୧୫୦ ବର୍ଷର ଜୀବନ କାଳରେ ଭାରତୀୟ ସମାଜ, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ସମେତ ସବୁ ଦୃଶ୍ୟଶ୍ରାବ୍ୟ କଳା କ୍ଷେତ୍ରରେ ଜାତୀୟତାବାଦୀ ପ୍ରେରଣାର ଉତ୍ସ ହୋଇ ରହିଛି। ଶ୍ରୀ ଅରବିନ୍ଦ କହିଥିଲେ: ବନ୍ଦେ ମାତରମ୍ ହେଉଛି ଦେଶାତ୍ମବୋଧକତାର ନୂଆ ମନ୍ତ୍ର। ମହାତ୍ମା ଗାନ୍ଧୀ ୧୯୩୯ ମସିହା ୧ ଜୁଲାଇ ହରିଜନ ପତ୍ରିକାରେ ଲେଖିଥିଲେ, 'ଏ ଗୀତ ସହିତ ଜଡ଼ିତ ହୋଇ ରହିଛି ପବିତ୍ର ଜାତୀୟ ସ୍ପନ୍ଦନ- purest national spirit.'

ବିଭିନ୍ନ ଭାଷାରେ, ବିଭିନ୍ନ ଶୈଳୀରେ ଏହା ଗାନ କରାଯାଇଛି। ପ୍ରଥମେ ଏ ଗୀତଟିକୁ ଦେଶ ରାଗରେ ସୁର ଦେଇଥିଲେ ଯଦୁନାଥ ଭଟ୍ଟାଚାର୍ଯ୍ୟ। ୧୮୯୬ରେ କଲିକତାଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନରେ ଏହାକୁ ଗାନ କରାଯାଇଥିଲା। ଆକାଶବାଣୀରେ ବି ଏହାକୁ ଦେଶ ରାଗରେ ଗାନ କରାଯାଏ। ଏହି ଭର୍ସନଟି ସବୁଠୁ ଅଧିକ ପ୍ରଚଳିତ। ତେବେ ଏ ଗୀତକୁ କାଫି ଏବଂ ଖମ୍ବାବତୀ ରାଗରେ ମଧ୍ୟ ଗାନ କରାଯାଇଛି।

ରାଗ ଯାହା ହେଉ ନା କାହିଁକି, ଏ ଗୀତର ଆତ୍ମା ହେଲା ମାତୃଭୂମି ପ୍ରତି ଭକ୍ତି। 'ବନ୍ଦେ ମାତରମ୍' ଗୀତ ଭାରତୀୟତା ଏବଂ ଜାତୀୟ ଏକତାର ପ୍ରତୀକ।■

ସଂଚାର ମାର୍ଗ, ଢେଙ୍କାନାଳ

# ଆଧ୍ୟାତ୍ମିକତାର ଆଧାର

ଅନେକ ପରିବାରରେ ଏମିତି ଘଟିଥାଏ। ଘରେ ଖାଇବା, ପିନ୍ଧିବା, ରହିବା ଆଦିର ସମସ୍ତ ସୁବିଧା ଥିଲେ ମଧ୍ୟ ଶାନ୍ତିରେ ରହିବାକୁ ମିଳେନା। ସାମାନ୍ୟ କଥାକୁ ନେଇ ପରସ୍ପର ଭିତରେ ବଚସା, ମତାନ୍ତର, ମନାନ୍ତର ହୁଏ। ଏସବୁ ପଛରେ ଅସଲ କଥାଟି ହେଉଛି, କର୍ମରେ ଶ୍ରଦ୍ଧା ନଥାଏ। ଆମକୁ ଯେଉଁ କାମ କରିବାକୁ ଅଛି, ତାହା ତ ନିଶ୍ଚିତ କରିବା। ତେବେ ସେଥିରୁ ଶ୍ରଦ୍ଧା ଟିକକ କାଢ଼ିନେବା କାହିଁକି ? ମନେକର, ତୁମକୁ ବଜାରରୁ ଯାଇ କିଛି ଜିନିଷ ଆଣିବାକୁ ହେବ। ଯଦି ସେହି ଜିନିଷ ତୁମେ ଆଣିବ, ତୁମ ବ୍ୟତୀତ ଅନ୍ୟ କେହି ଆଣିବେ ନାହିଁ, ତେବେ ବିରକ୍ତ ହୋଇ କାହିଁକି ଆଣିବ ? ବିରକ୍ତ ହେଲେ ତୁମେ ଆଣିବ, ଶାନ୍ତ ହେଲେ ବି ତୁମେ ଆଣିବ। ବିରକ୍ତ ହୋଇ କିଛି ଅଧିକ ଲାଭ ମିଳିଲା କି! ବରଂ ତୁମ ନିଜର କ୍ଷତି ହେଉଛି। କର୍ମ ସହିତ ଶ୍ରଦ୍ଧାକୁ ଯୋଡ଼ିଦେଲେ ସେଥିରେ ଆଉ ବିରକ୍ତି ଭାବ ଆସିବ ନାହିଁ।

ଉକ୍ତିଶତ
ପଦ୍ମାରବିନ୍ଦ

ଶିକ୍ଷକ ପଢ଼ାଇଲା ବେଳେ, ଚାଷୀ ଚାଷ କଲାବେଳେ, ଘରଣୀ ଘରକାମ କଲାବେଳେ, ପିଲାମାନେ ପଢ଼ିଲା ବେଳେ ନିଜ କର୍ମ ଉପରେ ଶ୍ରଦ୍ଧା ରଖିଲେ କାର୍ଯ୍ୟଟି ସୁରୁଖୁରୁରେ ହେବ। ଘରେ ରୋଷେଇ କଲାବେଳେ ଯଦି ଚିଡ଼ଚିଡ଼ା ସ୍ୱଭାବ ନେଇ ରୋଷେଇ କରାଯାଏ, ତା'ର ପ୍ରଭାବ ଖାଦ୍ୟ ଉପରେ ପଡ଼େ। ସେ ଖାଦ୍ୟକୁ ଯିଏ ଭୋଜନ କରନ୍ତି, ତାଙ୍କ ମନକୁ ସେହି ଚିଡ଼ଚିଡ଼ା ସ୍ୱଭାବ ମଧ୍ୟ ସଂକ୍ରମିତ ହୁଏ। ଟିକିଏ କଥାରେ ସମସ୍ତେ ଚିଡ଼ି ଉଠିଲେ ପରିବାରରେ ଅଶାନ୍ତି ହେବା ତ ସ୍ୱାଭାବିକ କଥା।

ସ୍ୱାମୀ କହିଲେ, ତୁମେ ତୀର୍ଥଯାତ୍ରାରେ ଯାଅ। ସ୍ତ୍ରୀ ମଧ୍ୟ ଆଦରରେ ବାହାରି ଗଲେ। ସ୍ୱାମୀ ବସ୍‌ରେ ବସାଇ ଦେଲେ। କିଛି ବାଟ ଗଲା ପରେ ସ୍ତ୍ରୀ ଟଙ୍କା ବ୍ୟାଗ୍ ଖୋଜିଲେ। ପାଇଲେ ନାହିଁ। ସ୍ୱାମୀଙ୍କୁ ଫୋନ୍ କଲେ। ସ୍ୱାମୀ କହିଲେ- 'ଟଙ୍କା ବ୍ୟାଗ୍ ତୁମେ ଘରେ ରଖି ଦେଇଛ।' ତା'ପରେ ସ୍ତ୍ରୀ ଫେରି ଆସିଲେ। ଆଉ ଦୂରକୁ ଯାତ୍ରା କଲେନାହିଁ। କାରଣ ବର୍ତ୍ତମାନ ସମୟରେ ଧନ ନଥିଲେ କେଉଁଆଡ଼େ ଯିବା ସମ୍ଭବ ନୁହେଁ। ସେମିତି ଆମ ଜୀବନ ହେଉଛି ଗୋଟିଏ ତୀର୍ଥଯାତ୍ରା। ଏହି ତୀର୍ଥଯାତ୍ରାରେ ସମ୍ବଳ ହେଉଛି ଶ୍ରଦ୍ଧା। ଶ୍ରଦ୍ଧାଯୁକ୍ତ ହୋଇ କର୍ମ କଲେ, ତାହା ଉପାସନାରେ ପରିଣତ ହୋଇଯାଏ। ଉପାସନା କହିଲେ କେବଳ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ୍‌ରେ ପୂଜା, ପ୍ରାର୍ଥନା କରିବା ନୁହେଁ। ଶ୍ରଦ୍ଧାଯୁକ୍ତ କର୍ମ ବି ଏକ ଉପାସନା। ଯଦି ପ୍ରତିଟି କର୍ମ ଉପାସନାରେ ପରିଣତ ହେଲା, ତେବେ ପରମାତ୍ମା ଆସି ପାଖରେ ଦେଖା ଦେବେ। ତାଙ୍କ ପୀଠକୁ ଯିବା ଦରକାର ନାହିଁ।

ଶ୍ରଦ୍ଧା ଭାବଟି କାହାକୁ ଶିଖାଇ ଦିଆଯାଏ ନାହିଁ। କର୍ତ୍ତବ୍ୟକୁ ଗୋଟିଏ ଗୁରୁ ଦାୟିତ୍ୱ ଭାବିନେଲେ ମନରେ ଶ୍ରଦ୍ଧା ଉପୁଜେ। ଅଥବା ଯେଉଁମାନଙ୍କ ପାଇଁ କାର୍ଯ୍ୟ କରାଯାଉଛି, ସେମାନେ ହେଉଛନ୍ତି ଭଗବାନ- ଏଇ ଭାବନାଟି ଆସିଗଲେ କାର୍ଯ୍ୟରେ ଶ୍ରଦ୍ଧା ଉପୁଜିବ। ଶ୍ରଦ୍ଧା ହେଉଛି ଜୀବନ ଯାତ୍ରାର ସମ୍ବଳ। ଆଧ୍ୟାତ୍ମିକତାର ଆଧାର।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ

## ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼




**ପାଟଣାଗଡ଼,୩୧।୧୦/ଏନ୍‌ଏନ୍‌ଏସ୍:** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାକୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ପୁଲିସ ପକ୍ଷରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳ ୭ଟାରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରୁ କଲେଜ ଛକ ପର୍ଯ୍ୟନ୍ତ ୩ କିମି ଗଣଦୌଡ଼ ହୋଇଛି। ଏଥିରେ ସାଧାରଣ ନାଗରିକଙ୍କଠୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ପୁଲିସ କର୍ମଚାରୀମାନେ ଭାଗ ନେଇଥିଲେ। ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀଙ୍କ ନେତୃତ୍ୱରେ ଶିଶୁମନ୍ଦିରର ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଓ ଗୁରୁ ମା'ମାନେ ଅଂଶଗ୍ରହଣ କରିଥିଲେ। ଏହି ଗଣଦୌଡ଼ ପ୍ରଥମେ ଶିଶୁ ବିଦ୍ୟାମନ୍ଦିରରୁ ବାହାରି ସହର ପରିକ୍ରମା କରି କଲେଜ ଛକ ପର୍ଯ୍ୟନ୍ତ ଯାଇ ପୁଣି ସେଠାରୁ ଶିଶୁ ବିଦ୍ୟାମନ୍ଦିରକୁ ଫେରିଥିଲା। ସେଠାରେ ସର୍ଦ୍ଦାର ପଟେଲ୍‌ଙ୍କ ଜୀବନୀ ଉପରେ ମୁଖ୍ୟଅତିଥି ପାଟଣାଗଡ଼ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀ ଆଲୋକପାତ କରିଥିଲେ।




**ଝାରସୁଗୁଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ସର୍ଦ୍ଦାର୍ ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡରୁ ମନମୋହନ ସ୍କୁଲ୍ ପର୍ଯ୍ୟନ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ଓ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରଘବେନ୍ଦ୍ର ଯୋଗଦେଇ ବସଷ୍ଟାଣ୍ଡ୍‌ରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସରଦାର୍ ପତାକା ଦେଖାଇ ଗଣଦୌଡ଼ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟା ବିକାଶ ଗ୍ରୁପ୍, ଝାରସୁଗୁଡ଼ା ବିକାଶ ହସ୍ପିଟାଲ୍, ସମ୍ବଲପୁର ସହରରେ ଥିବା ମହିଳା ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, ପଞ୍ଚପଡ଼ା ସ୍କୁଲ୍, ଅରବିନ୍ଦ ସ୍କୁଲ୍ ଓ ୨ୟ ବାଟାଲିୟନ୍‌ର ଯବାନଙ୍କ ସମେତ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଏସ୍‌ପି ଜେମ୍ସ ସମାଦ, ଅତିରିକ୍ତ ଏସ୍‌ପି ମଧୁଶିକ୍ତା ମିଶ୍ର, ଉମା ଶଙ୍କର ସିଂହ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ତୁଷାର କାନ୍ତ ମିଶ୍ର ଏହି ଦୌଡ଼ର ଆୟୋଜନ କରିଥିଲେ।



**ବଲାଙ୍ଗୀର,୩୧।୧୦/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ସହରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଏକତା ଦିବସ' ପାଳନ କରାଯାଇଛି। ଏହି ଅବସରରେ ବଲାଙ୍ଗୀରରେ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ୍ ଶିଓ୍ୱାଜି ଇସଲଓ୍ୱାର ଓ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଏହି ଦୌଡ଼ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ସାମିଲ ହୋଇଥିଲେ। ଏହି ଦୌଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ, ଅଧିକାରୀ, କର୍ମଚାରୀ, ଖେଳ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଶପଥପାଠ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଏବଂ ଡଃ. ବିଜୟାନନ୍ଦ ସେଠୀ ଉପସ୍ଥିତ ରହି ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।

ମ୍ୟାଲେରିଆରେ ଛାତ୍ରୀ ମୃତ

# ହଷ୍ଟେଲ୍ କର୍ତ୍ତୃପକ୍ଷଙ୍କ ଅବହେଳାର ଶିକାର

**ରାୟଗଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ବାଇସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତ ଛାତ୍ରୀ ଜଣଙ୍କ ହେଲେ ନନ୍ଦିନୀ ତାଡ଼ିଙ୍ଗି (୯)। ଘଟଣାରୁ ପ୍ରକାଶ, ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ମଙ୍ଗଳ ବିଭାଗର ହଷ୍ଟେଲ୍‌ରେ ରହୁଥିବା ନନ୍ଦିନୀଙ୍କୁ ଗତ ୨୯ ତାରିଖରେ ଜ୍ୱର ହୋଇଥିଲା।ପ୍ରଥମେ ବିଦ୍ୟାଳୟରେ ମ୍ୟାଲେରିଆ କିଟ୍ ମାଧ୍ୟମରେ ତାଙ୍କର ପରୀକ୍ଷା କରାଯାଇ ରାୟଗଡ଼ାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରକ୍ତ ପରୀକ୍ଷାରୁ ତାଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡ଼ିଥିଲା। ସେଠାରେ ନନ୍ଦିନୀକୁ ଆବଶ୍ୟକୀୟ ଔଷଧ ପ୍ରଦାନ କରି ପୁଣି ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲ୍‌କୁ ପଠାଯାଇଥିଲା। ସନ୍ଧ୍ୟାବେଳେ ନନ୍ଦିନୀର ପିତା ରାଜାରାଓ ହିମିରିକା ବିଦ୍ୟାଳୟକୁ ଆସି ତାକୁ ଘରକୁ ନେବା ପାଇଁ ଅନୁମତି ମାଗିଥିଲେ। ଏନେଇ ଏକ ଲିଖିତ ଦରଖାସ୍ତ ବିଦ୍ୟାଳୟର ହଷ୍ଟେଲ୍ କର୍ତ୍ତୃପକ୍ଷଙ୍କୁ ଦେଇ ନନ୍ଦିନୀକୁ ନିଜ ଗ୍ରାମ ଡାଙ୍ଗଯୋଡ଼ିକୁ ନେଇ ଆସିଥିଲେ। ଘରକୁ ଆଣିବାର ୨୪ ଘଣ୍ଟା ପରେ ନନ୍ଦିନୀ ମୃତ୍ୟୁବରଣ କରିଥିବା ନେଇ ପରିବାରବର୍ଗ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଏହି ଘଟଣା ସମ୍ପର୍କରେ ସୂଚନାପାଇ ରାୟଗଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଘଟଣାର ତଦନ୍ତ ପାଇଁ ରାୟଗଡା ବ୍ଲକ୍ ସଂପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ବ୍ଲକ୍ ସଂପ୍ରସାରଣ ଅଧିକାରୀ ତଦନ୍ତ କରିଥିବା ଜଣାପଡ଼ିଛି।

ସୂଚନାରୁ ଜଣାପଡ଼ିଛି ନନ୍ଦିନୀକୁ ଘରକୁ ନେବା ପରେ ଡାକ୍ତରୀ ଚିକିତ୍ସା ଛାଡ଼ି ଗୁଣିଆଙ୍କୁ ଦେଖାଯାଇଥିଲା। ଫଳରେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟରେ ଅବନ୍ନତି ଘଟି ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ତେବେ ବିଭାଗର ବାରମ୍ବାର ତାଗିଦ୍ ସତ୍ତ୍ୱେ ଦାୟିତ୍ୱରେ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ରୋଗରେ ପଡ଼ିଥିବା ଛାତ୍ରଛାତ୍ରୀଙ୍କୁ ଡାକ୍ତରଖାନାରେ ଚିକିତ୍ସା ନକରାଇ ଦରଖାସ୍ତ ଦେଲା ପରେ କ'ଣ ପାଇଁ ପରିବାରକୁ ହସ୍ତାନ୍ତର କରୁଛନ୍ତି ସେନେଇ

**ବିଭାଗୀୟ ତାଗିଦ୍ ସତ୍ତ୍ୱେ ଚିକିତ୍ସା ବଦଳରେ ପରିବାରକୁ ହସ୍ତାନ୍ତର କରାଯାଉଛି**

ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କୌଣସି ପ୍ରକାର ରୋଗ ହେଲେ ଗୁଣିଗାରେଡ଼ି, ଦିସାରୀ ଓ କ୍ୱାକ୍ ଦ୍ୱାରା ଚିକିତ୍ସା କରାଇବା ସାଧାରଣ କଥା। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ପାଲଙ୍କୁ ପଚାରିବାରୁ ଗୁରୁବାର ରାତିରେ ନନ୍ଦିନୀଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାରବର୍ଗ ଫୋନ୍ କରିଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ଆଣିବାକୁ କୁହାଯାଇଥିଲେ ମଧ ସେମାନେ ଆଣିନଥିଲେ ଏବଂ ନନ୍ଦିନୀର ମୃତ୍ୟୁ ହୋଇଯାଇଥିଲା ବୋଲି ଶ୍ରୀ ପାଲ କହିଛନ୍ତି। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କହିଛନ୍ତି ଯେ ଘଟଣା ସମ୍ପର୍କରେ ଆମେ ଜିଲ୍ଲାପାଳଙ୍କୁ ଅବଗତ କରିଛୁ ଏବଂ ତଦନ୍ତ ପରେ ଯଦି କାହାର ତ୍ରୁଟି ସାମ୍ନାକୁ ଆସେ ତା'ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଗ୍ରହଣ କରାଯିବ।

## ବିଶ୍ୱ ମିତବ୍ୟୟିତା ଦିବସରେ ଆଲୋଚନାଚକ୍ର



**ଝାରସୁଗୁଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ୍ ପୁଲିସ ବନିତା ମାଝୀ ସାଇବର୍ ଅପରାଧ ଉପରେ ଆଲୋକପାତ କରିଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର୍ ପ୍ରତାପ ଚନ୍ଦ୍ର ଭୋଇ ସ୍ୱଳ୍ପ ସଞ୍ଚୟ ଯୋଜନା ଏବଂ ଡାକଘରର ଜୀବନ ବୀମା ସମ୍ପର୍କରେ ବୁଝାଇଥିଲେ। ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶିରପାଣି ନାୟକ ଚିଟ୍‌ଫଣ୍ଡ ଅନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ବରିଷ୍ଠ ଶାଖା ପରିଚାଳକ ହରିଶ ସଜ୍ଜନାପୁ ଭାରତ ସରକାରଙ୍କ ଜୀବନବୀମା ଓ ପେନସନ୍ ଯୋଜନା ଉପରେ ଆଲୋକପାତ କରିଥିଲେ। ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୨ ବାଇକ୍ ଚୋର ଗିରଫ

**ରାଉରକେଲା,୩୧।୧୦/ଏନ୍‌ଏନ୍‌ଏସ୍:** ସେକ୍ଟର୍-୭ ଥାନାର ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି କରିବା ଅଭିଯୋଗରେ ପୁଲିସ୍ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛୋଟୁ ନାଗ ଓ କାର୍ତ୍ତିକ ନାଗ। ଗୋଟିଏ ବାଇକ୍ ଚୋରି ଘଟଣାର ତଦନ୍ତ କରିବା ସମୟରେ ପୁଲିସ୍ ଆଉ ୩ଟି ଚୋରା ବାଇକ୍‌ର ସନ୍ଧାନ ପାଇଥିଲା। ଉଭୟଙ୍କଠାରୁ ମୋଟ୍ ୪ଟି ଚୋରା ବାଇକ୍ ଉଦ୍ଧାର କରାଯାଇଛି। ସୂଚନାନୁସାରେ, ସେକ୍ଟର୍-୧୫ର ନାଗେଶ୍ୱର ନାଏକ ଗତ ୨୮ ତାରିଖ ଛଟ୍ ପୂଜା ପାଇଁ ସେକ୍ଟର୍-୭ରେ ଥିବା ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ। ସେଠାରେ ସେମାନେ ପୂଜାରେ ବ୍ୟସ୍ତ ଥିବାବେଳେ ଏହାର ସୁଯୋଗ ନେଇ ତାଙ୍କ ବାଇକ୍‌କୁ କେହି ନେଇଯାଇଥିଲା। ଏନେଇ ସେ ସେକ୍ଟର୍-୭ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଜୋନ୍-୧ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ଦଳ ଗଠନ କରି ପୁଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କଠାରୁ ୩ଟି ନମ୍ବର ପ୍ଲେଟ୍ ଥିବା ବାଇକ୍ ଓ ଗୋଟିଏ ନମ୍ବର ପ୍ଲେଟ୍ ନଥିବା ବାଇକ୍ ଜବତ କରାଯାଇଛି। ଉଭୟ ସମସ୍ତ ବାଇକ୍ ପ୍ଲାଣ୍ଟ ସାଇଟ୍ ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ରାଉରକେଲା,୩୧।୧୦/ଏନ୍‌ଏନ୍‌ଏସ୍:** ଆର୍‌ଏସ୍‌ପି ପକ୍ଷରୁ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୫.୦ର ଅଂଶଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ଅଂଶସ୍ୱରୂପ କାରଖାନା ପରିସରରେ ଥିବା ବିଭିନ୍ନ ବିଭାଗରେ ସଫେଇ କରାଯାଇଛି। ଏଥିରେ ହଟ୍ ଷ୍ଟ୍ରିପ୍ ମିଲ୍-୨, ଏଚ୍‌ଏସ୍‌ଏମ୍ ଓ ଆନୁସଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଇଲେକ୍ଟ୍ରିକାଲ୍ ବିଭାଗର ଜିଏମ୍ ତଥା ଏଚ୍‌ଏସ୍ ରଞ୍ଜିତ କୁଜୁର୍, ଏଚ୍‌ଏସ୍‌ଏମ୍-୨ (ଅପରେସନ୍)ର ଜିଏମ୍ ତଥା ଏଚ୍‌ଓଏସ୍ ଡି କେ ଯାଦବ ଓ ଏଚ୍‌ଏସ୍‌ଏମ୍-୨ (ମେକାନିକାଲ୍)ର ଜିଏମ୍ ତଥା ଏଚ୍‌ଓଏସ୍ ସୁବ୍ରତ କାନୁନ୍‌ଗୋ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ସ୍ୱଚ୍ଛତା ଶପଥପାଠ କରାଯାଇଥିଲା। ବିଭାଗୀୟ କର୍ମଚାରୀ ଓ ଠିକା ଶ୍ରମିକମାନେ ଆଖପାଖ ଅଞ୍ଚଳରେ ବ୍ୟାପକ ସଫେଇ କରିଥିଲେ। ସେହିପରି କ୍ୟାପ୍‌ଟିଭ୍ ପାଓ୍ୱାର୍ ପ୍ଲାଣ୍ଟ-୧ରେ ଅନୁରୂପ ଅଭିଯାନ କରାଯାଇଥିଲା। ଏଥିରେ ପାଓ୍ୱାର୍ ବିଭାଗର ସିଜିଏମ୍ ଦୀପକ ରାୟ ନେତୃତ୍ୱ ନେଇ ସାମୂହିକଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ପରେ ବିଭାଗ ପରିସରରେ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଅନୁରୂପ ଭାବେ କୋକ୍ ଓଭନ୍‌ରେ ଏହି ଅଭିଯାନ କରାଯାଇଥିଲା। ଏଥିରେ କୋକ୍ ଓଭାନ୍‌ର ଜିଏମ୍ ବି ମାରାଣ୍ଡି ନେତୃତ୍ୱ ନେଇଥିଲେ। ଆର୍‌ଏସ୍ (ଏମ୍)ର ଅନୁଷ୍ଠିତ ଅଭିଯାନରେ ସପ୍‌ସ ଆର୍‌ଏସ୍ (ଏମ୍)ର ଜିଏମ୍ ଏସ୍ ପରମାଣିକ ନେତୃତ୍ୱରେ ନେଇଥିବାବେଳେ ସାମୂହିକଙ୍କୁ ସ୍ୱଚ୍ଛତା ଶପଥପାଠ ସହ ବ୍ୟାପକ ସ୍ୱଚ୍ଛ ଅଭିଯାନ କରାଯାଇଥିଲା। ଏହି ଅଭିଯାନ ଗୁଡ଼ିକୁ ମାନବ ସମ୍ବଳ ବିଭାଗର ଅଧିକାରୀ ଯଥା ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର୍ ସମ୍ବିତ ନନ୍ଦୀ, ଆସିଷ୍ଟାଣ୍ଟ ମ୍ୟାନେଜର୍ ସୁଶ୍ରୀ ଦିବ୍ୟା ସାହୁ ଓ ଡେପୁଟି ମ୍ୟାନେଜର୍ ଆଲୋକ କୁମାରଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା।

ସୁନା ଦୋକାନୀଙ୍କଠୁ ଗହଣା ଲୁଟ୍ ଘଟଣା

## ଗହଣା ଓ ଟଙ୍କା ଜବତ, ୩ ଗିରଫ



**ମାଲକାନଗିରି,୩୧।୧୦/ଏନ୍‌ଏନ୍‌ଏସ୍:** ସୁନା ଦୋକାନୀଙ୍କଠାରୁ ସୁନା ଗହଣା ଓ ନଗଦ ଟଙ୍କା ଛଡ଼ାଇ ନେବା ଘଟଣାରେ ମାଲକାନଗିରି ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି। ଏହାସହ ୧୨୦ ଗ୍ରାମ୍ ସୁନା, ୪.୫ ଲକ୍ଷ ଟଙ୍କା, ବାଇକ୍ ଓ ଏକ କାର୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୋରିଗୁମ୍ମାର ସୁମନ କୁମାର ଅଚର୍ଯ୍ୟା (୨୫), ଜୟପୁରର କେ ମୁରଲୀ (୩୫) ଓ ନବରଙ୍ଗପୁରର ଏ ଶ୍ରୀନିବାସ ଆଚାର୍ଯ୍ୟ (୫୫)। ସୁନା ବ୍ୟବସାୟୀ ସୁବାସ ରାଜାରାମ ପାଟିଲ୍ (୪୫) ଗତ ଜୁଲାଇ ୩ ତାରିଖ ରାତି ୯ଟାରେ ଦୋକାନ ବନ୍ଦ କରି ମାଲକାନଗିରି ପୌରାଞ୍ଚଳସ୍ଥିତ ବଣ୍ଡାବାକୁଲି ଗୁଡ଼ା ଘରକୁ ଫେରୁଥିବାବେଳେ ତାଙ୍କ ପାଖରେ ଥିବା ସୁନା ବ୍ୟାଗ୍ ଓ ନଗଦ ଟଙ୍କାକୁ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଛଡ଼ାଇ ନେଇଥିଲେ। ଏନେଇ ମାଲକାନଗିରି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁର୍ନୀତି ନିବାରଣ ସପ୍ତାହରେ ସଚେତନତା ଶୋଭାଯାତ୍ରା




**ଜୟପୁର,୩୧।୧୦/ଏନ୍‌ଏନ୍‌ଏସ୍:** ଦୁର୍ନୀତି ନିବାରଣ ସପ୍ତାହରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟରାସ୍ତା ଓ ରାଜାନହର ଦେଇ ପୁଣି ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାକୁ କୁଳପତି ଦେବୀ ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ କୁଳ ସଚିବ ମହେଶ୍ୱର ଚନ୍ଦ୍ର ନାୟକଙ୍କ ସହ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଦୁର୍ନୀତି ନିବାରଣ ଆମ ସମସ୍ତଙ୍କ ଦାୟିତ୍ୱ ଉପରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ପରେ ଶପଥପାଠ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁଳପତି ଦେବୀ ପ୍ରସାଦ ମିଶ୍ର, ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ସରକାରୀ ଓକିଲ ଶଶିଧର ପଟ୍ଟନାୟକ ଉପସ୍ଥିତ ଥିଲେ।

## ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କ ଅସଦାଚରଣ ଅଭିଯୋଗ



**ରାୟଗଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ରାୟଗଡ଼ାସ୍ଥିତ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନରେ ଜଣେ ଛାତ୍ରୀଙ୍କୁ ଜନୈକ ଅଧ୍ୟାପକଙ୍କ ଅସଦାଚରଣ ଅଭିଯୋଗ ସାମ୍ନାକୁ ଆସିଛି। ଉକ୍ତ ଘଟଣାକୁ ବିରୋଧ କରି ଛାତ୍ରଛାତ୍ରୀମାନେ ଫାଟକ ସମ୍ମୁଖରେ ଧାରଣା ଦେବାସହ ନ୍ୟାୟ ଦାବିରେ ନାରାବାଜି କରିଥିବା ଦେଖିବାକୁ ମିଳିଛି। ପ୍ରଥମ ସେମିଷ୍ଟାର୍ ଛାତ୍ରୀଙ୍କୁ ଗଣିତ ବିଭାଗ ପକ୍ଷରୁ ଅଧ୍ୟାପକ ପ୍ରଦୀପ ତ୍ରିପାଠୀ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଇଣ୍ଟରନାଲ୍ କମିଟିର ଯାଞ୍ଚ ପରେ ବି କାର୍ଯ୍ୟାନୁଷ୍ଠାନ ହୋଇନଥିଲା ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଗତ ୨୫ ତାରିଖରେ ଅଧ୍ୟାପକ ଜଣଙ୍କ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଅଧ୍ୟକ୍ଷଙ୍କୁ ଅଭିଯୋଗ ହୋଇଥିଲା। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଏପରି ଅଭିଯୋଗ ହୋଇଥିବା ନେଇ ଜଣେ ଛାତ୍ର ପ୍ରକାଶ କରିଛନ୍ତି। ଉକ୍ତ ପ୍ରଧ୍ୟାପକଙ୍କୁ ବଦଳି କରିବା ସହ ଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ନେଇ ଛାତ୍ରଛାତ୍ରୀ ଅଡ଼ି ବସିଛନ୍ତି। ତେବେ କଂଗ୍ରେସ ଓ ବିଜେପି ରାଜନୈତିକସ୍ତରରେ ଘଟଣାକୁ ଉଠାଉଥିବା ବେଳେ ପୁଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ଦେଇଛି। ପ୍ରକାଶଥାଉକି ଅନୁଷ୍ଠାନର ଫାଟକ ଆଗରେ ପରିସ୍ଥିତି ଏଭଳି ସୃଷ୍ଟି ହୋଇଥିଲା ଯେ ପୁଲିସ୍ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରି ପୀଡ଼ିତା ଓ ତାଙ୍କ ବାପାଙ୍କୁ ରାୟଗଡ଼ା ସଦର ଥାନାକୁ ଆଣି ରାୟଗଡ଼ା ତହସିଲଦାର୍ ତଥା ମାଜିଷ୍ଟ୍ରେଟ୍ ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମ୍ମୁଖରେ ବୟାନ ରେକର୍ଡ କରିଥିଲା।

# ୧ରୁ ବିପିୟୁଟି ହାକାଥନ୍ ଓ ଟେକ୍ କାର୍ଣ୍ଣିଭାଲ୍



**ରାଉରକେଲା,୩୧।୧୦/ଏନ୍‌ଏନ୍‌ଏସ୍:** ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ନଭେମ୍ବର ୧ ତାରିଖରୁ ବିଶ୍ୱବିଦ୍ୟାଳୟର ୨ଟି ପ୍ରମୁଖ କାର୍ଯ୍ୟକ୍ରମ ବିପିୟୁଟି ହାକାଥନ୍-୨୦୨୫ର ଦ୍ୱିତୀୟ ସଂସ୍କରଣ ଓ ଟେକ୍ କାର୍ଣ୍ଣିଭାଲ-୨୦୨୫ର ଶୁଭାରମ୍ଭ ହେବ। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ହଜାର ହଜାର ଟେକ୍‌ନୋକ୍ରାଟ୍ ସହ ପ୍ରମୁଖ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଓୟୁଟିଆର୍ ଓ ବୁର୍ଲାର ଭିଏସ୍‌ଏସ୍‌ୟୁଟିର କୁଳପତି ଉପସ୍ଥିତ ରହିବେ। ବିପିୟୁଟି ହାକାଥନ୍-୨୦୨୫ରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମାଧାନ କରିବା ପାଇଁ ଏସ୍‌ଡିପିଆଇ, ରୋମାନ୍ ଟେକ୍‌ନୋଲୋଜିସ୍, ଓସେସିଏଲ୍, ଓକାକ୍, ଏମ୍‌ଇଆଇଏଲ୍ ଓ ଡିଏଡିବି ଭଳି ପ୍ରତିଷ୍ଠିତ ଶିଳ୍ପ ଅଂଶୀଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୧୦ଟି ବାସ୍ତବ ସମସ୍ୟା ଚିହ୍ନଟ କରାଯାଇଛି। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଓ ସଂଲଗ୍ନ ମହାବିଦ୍ୟାଳୟରୁ ୪୬୦ ଦଳରେ ୨,୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ ପାଇଁ ପଞ୍ଜିକରଣ କରିଛନ୍ତି। ଏହି କାର୍ଯ୍ୟକ୍ରମର ବିଜେତାଙ୍କୁ ୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଆକାରରେ ପ୍ରଦାନ କରାଯିବ। ଏଥିରେ ସମଗ୍ର ଓଡ଼ିଶାର ମୋଟ୍ ୨୪୮ ଜଣ ଛାତ୍ରଛାତ୍ରୀ ୨୨ଟି ମହାବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିବେ।

ସେହିପରି ଟେକ୍ କାର୍ଣ୍ଣିଭାଲ୍‌ର ଏହା ଦ୍ୱିତୀୟ ସଂସ୍କରଣ ଯାହା ନଭେମ୍ବର ୧ରୁ ଆରମ୍ଭ ହେବ। ଏହା ଅଧୀନରେ ଡିସେମ୍ବର ମଧ୍ୟରେ ରାଜ୍ୟର ୨୪ଟି ବୈଷୟିକ, ୧୩ଟି ସାଂସ୍କୃତିକ ଓ ୭ଟି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ ବିପିୟୁଟିର ଅନୁବନ୍ଧିତ ଓ ସଂଲଗ୍ନ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଡିସେମ୍ବରରେ ଉପରୋକ୍ତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯିବ। ଛାତ୍ରଛାତ୍ରୀ କୈନ୍ଦ୍ରିକ କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଟେକ୍‌ନୋକ୍ରାଟ୍‌ଙ୍କ ମଧ୍ୟରେ ଏକ ନୂତନ ଉତ୍ସାହ ସୃଷ୍ଟି କରିବ ଏବଂ ବିପିୟୁଟି ପାଇଁ ଏହା ନୂତନ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ। ରାଜ୍ୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବ। ଏଥିସହ ରାଉରକେଲାର ୪୦ଟି ସ୍କୁଲ୍‌ର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ଆସିବେ ଯାହା ସେମାନଙ୍କୁ ପ୍ରେରଣା ଯୋଗାଇବ। ଏପରି ଅନୁଭବ ପିଲାଙ୍କ ସୃଜନାତ୍ମକ ଚିନ୍ତାଧାରାରେ ଉନ୍ନତି ପାଇଁ ଉତ୍ସାହ ସୃଷ୍ଟି କରିବ ବୋଲି ଏହି ସମ୍ମିଳନୀରେ ବିପିୟୁଟିର କୁଳପତି ପ୍ରଫେସର୍ ଅମୀୟ କୁମାର ରଥ, କୁଳସଚିବ ନିଶି ପୁନମ୍ ମିଞ୍ଜ, ହାକାଥନ୍‌ର ସଂଯୋଜକ ଡ. ଡି ଚନ୍ଦ୍ରଶେଖର ରାଓ ଓ ଟେକ୍ କାର୍ଣ୍ଣିଭାଲ୍‌ର ସଂଯୋଜକ ଡ.ଶୁଭେନ୍ଦୁ କୁମାର ରଥଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ନିତିଦିନ NITIDIN

# ତୁଳସୀକ୍ଷେତ୍ରରେ ହବିଷିଆଳୀଙ୍କ ପଞ୍ଚକ ବ୍ରତ



**କେନ୍ଦ୍ରାପଡ଼ା,୩୧।୧୦/ଏନ୍‌ଏନ୍‌ଏସ୍:** ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ଆନୁକୂଲ୍ୟରେ ତୁଳସୀକ୍ଷେତ୍ରରେ ପ୍ରତ୍ୟେକ ବର୍ଷ ଭଳି ଆଜି ହବିଷଆଳୀଙ୍କ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଉନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମ୍ବାଦ ଓ ଆମ ଓଡିଶାର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ମାତୃଭାଷାକୁ ବଞ୍ଚାଇ ରଖିବାକୁ ସମସ୍ତେ ପ୍ରୟାସ ଜାରି ରଖନ୍ତୁ ବୋଲି କହିଥିଲେ। ପ୍ରତ୍ୟେକ ଘରେ ମାତୃଭାଷାର ବ୍ୟବହାର କରାଯିବା ସହିତ ପ୍ରତ୍ୟେକ ଘରୁ ନିଶାକୁ ନିବାରଣ କରାଯାଉ। ମା'ମାନଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ଏଥିସହିତ ଶ୍ରୀ ପଟ୍ଟନାୟକ ପ୍ରତ୍ୟେକ ଘରେ ନାରୀମାନେ ଏକଜୁଟ ହୋଇ ନାରୀ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ନାରୀଶକ୍ତିକୁ ସମର୍ଥନ ଜଣାଇ ଆମେ ଏଭଳି ଏକ ଓଡିଶା ଗଠନ କରିବା ଯାହା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିବ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର.ଆୟାର ଯୋଗଦେଇ ଦୀର୍ଘ ୭ବର୍ଷ ଧରି ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ପଞ୍ଚୁକ ବ୍ରତ ପାଳନ ପାଇଁ ଶ୍ରୀ'ମାଙ୍କ ଏଭଳି ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ ଯୋଗଦେଇ କହିଲେ ସର୍ବଦା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ବିଶ୍ୱଶାନ୍ତି ପାଇଁ ଶ୍ରୀ'ମାଙ୍କ ଉଦ୍ୟମ ରହିଆସିଛି। ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିନା ସରକାରୀ ସହାୟତାରେ ଶ୍ରୀ'ମା ଏଭଳି ମହତ କାର୍ଯ୍ୟ ୭ବର୍ଷ ହେବ କରିଆସୁଥିବାରୁ ରାଜ୍ୟ ସରକାର ଏଥିପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଜାଗରଣ ସମନ୍ୱୟର କ୍ଷେତ୍ରପ୍ରମୁଖ ବିନୟ କୁମାର ଭୂୟାଁ ଯୋଗଦେଇ ତୁଳସୀକ୍ଷେତ୍ରରେ ହବିଷଆଳୀଙ୍କ ପାଇଁ ଆୟୋଜିତ ପଞ୍ଚକ ବ୍ରତ ନିମନ୍ତେ ସରକାରୀ ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ଠାରୁ ଏଥି ପାଇଁ ସରକାରୀ ଅନୁଦାନ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଥିଲେ। ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ଗୋଏଙ୍କା, ଦ୍ରୌପଦୀ ରାଉତ, ସୁମିତ୍ରା ପାଢ଼ୀ, ଗବେଷକ ନିରଞ୍ଜନ ମେକାପ, ବଳଦେବସେନାର ସଭାପତି ପପୁନ ସ୍ୱାଇଁ ଓ ସାଥି, ଧର୍ମଜାଗରଣ ସମନ୍ୱୟର ଶଶାଙ୍କ ଜେନା, ମାଧବ ପ୍ରଧାନ, ଅଭିଜିତ ଦାସ, ବ୍ରହ୍ମଚାରୀ ନୃସିଂହ ନାଥ ଓ ଶିବାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨ଶହରୁ ଉର୍ଦ୍ଧ୍ୱ ହବିଷ୍ୟାଳୀ ମା'ମାନେ ଏଥିରେ ଉପସ୍ଥିତ ଥିଲେ।

## ସ୍ତ୍ରୀର ନିଖୋଜକୁ ୪୫ ଦିନ ବିତିଲା

# ଋଣ ଟଙ୍କା ନମାଗିବାକୁ ପୋଷ୍ଟର୍ ମାରିଲେ ସ୍ୱାମୀ



**ଢେଙ୍କାନାଳ,୩୧।୧୦/ଏନ୍‌ଏନ୍‌ଏସ୍:** ସ୍ତ୍ରୀର ନିଖୋଜ ନେଇ ଥାନାରେ ସ୍ୱାମୀ। ଭୁବନ ବ୍ଲକ୍ ଭୂଷଳ ପଞ୍ଚାୟତ ସାଇରାମ ଗ୍ରାମରେ ଘଟିଛି ଏଭଳି ଘଟଣା। ଗାଁର ଯୁବକ କୃଷ୍ଣ ଚନ୍ଦ୍ର ମଲ୍ଲିକ କେନ୍ଦୁଝର ଜିଲ୍ଲାରେ ଏକ ଘରୋଇ ସଂସ୍ଥାରେ ଡ୍ରାଇଭର ଭାବେ କାମ କରୁଥିବା ବେଳେ ଘରେ ତାଙ୍କ ବାପା ମା' ୩ ଛୁଆଙ୍କ ସହ ସ୍ତ୍ରୀ ରହୁଥିଲେ। ସ୍ୱାମୀ ଘରେ ରହୁ ନଥିବାର ସୁଯୋଗ ନେଇ ଜଣେ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ ସହ ମହିଳା ଜଣକ ସମ୍ପର୍କ ବୃଦ୍ଧି ପାଇଥିଲା। ଏପରିକି ତାଙ୍କ ଛୋଟପୁଅକୁ ସାଙ୍ଗରେ ନେଇ ମହିଳାଜଣକ ପ୍ରେମିକ ସହ ବାହାରକୁ ବୁଲିବାକୁ ଯାଇ ହୋଟେଲରେ ମଧ ରହିଥିବା ଅଭିଯୋଗକାରୀ ସ୍ୱାମୀ ଅଭିଯୋଗରେ କହିଛନ୍ତି। ତାଙ୍କ ସ୍ତ୍ରୀ ପ୍ରେମିକକୁ ଘରର ବହୁ ଟଙ୍କା ଦେଇଥିବା ଅଭିଯୋଗ କରି ସମ୍ପୃକ୍ତ ସ୍ୱାମୀ ଭୁବନ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ପୁଲିସ ଅଭିଯୋଗ ଗ୍ରହଣ କରି ଏକ ନିଖୋଜ ମାମଲା ରୁଜୁ କରିଥିବା ଜଣାପଡିଛି। ସେପ୍ଟେମ୍ବର ୧୬ରେ କୃଷ୍ଣ ତାଙ୍କ ସ୍ତ୍ରୀଙ୍କୁ ଯାଜପୁର ଜିଲ୍ଲାର ଏକ ସ୍ଥାନରୁ ଉଦ୍ଧାର କରି ଭୁବନ ଥାନାକୁ ଆଣିଥିଲେ। କୃଷ୍ଣଙ୍କ ସହିତ ତାଙ୍କ ସ୍ତ୍ରୀ ଘରକୁ ଯାଇଥିଲେ। ବରଂ ତାଙ୍କ ସମ୍ପର୍କୀୟ ମାଉସୀ ଥାନାରେ ଚୁକ୍ତିନାମା ଲେଖି ନେଇଥିଲେ ବି ଅଦ୍ୟାବଧି ଥାନାରେ ହାଜର କରୁ ନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସକୁ ଜଣାଇଲେ ବି ପୁଲିସ ସହଯୋଗ ମିଳୁନି ବୋଲି ଅଭିଯୋଗ କରିଛନ୍ତି କୃଷ୍ଣ। କୃଷ୍ଣଙ୍କ ଅଭିଯୋଗ ଅନୁଯାୟୀ ନୟାଗଡ଼ ଜିଲ୍ଲା ରଣପୁର ଥାନା ବ୍ରଜସୁନ୍ଦରପୁର ଗ୍ରାମର ସମ୍ପର୍କୀୟଙ୍କ ସହାୟତାରେ ତାଙ୍କ ସ୍ତ୍ରୀ ରହିଛି। ତାଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲେ ସମସ୍ତ ଘଟଣାର ପର୍ଦ୍ଦାଫାଶ ହୋଇପାରନ୍ତା। ଅପରପକ୍ଷେ ଗାଁ ଓ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଥିବା କୃଷ୍ଣଙ୍କ ସ୍ତ୍ରୀ ଖୋଜିବାକୁ ଯାଇ ଦୈନିକ କିଛି ଲୋକ କୃଷ୍ଣଙ୍କ ଘରେ ଟଙ୍କା ପାଇଁ ଝଗଡା କରୁଛନ୍ତି। ଇତି ମଧ୍ୟରେ କୃଷ୍ଣ ଡ୍ରାଇଭର କାର୍ଯ୍ୟକୁ ଯାଇପାରୁ ନାହାନ୍ତି। ଘରେ ପୁଅ ଝିଅଙ୍କ ସେବାରେ ଦିନଯାଉଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ସେଠାରୁ ମିଳିଥିବା କପିକୁ ନିଜ ଘର ଆଗରେ ଲଗାଇ ଦେଇଛନ୍ତି କୃଷ୍ଣ। କିଭଳି ଋଣ ଆଦାୟ କାରୀଙ୍କ କବଳରୁ ମୁକ୍ତି ପାଇବେ ଏବଂ ନିଜ ସ୍ତ୍ରୀକୁ ଫେରିପାଇବେ। ଅନ୍ୟ ଉପାୟ ନପାଇ ଏବେ ଜିଲ୍ଲା ଆରକ୍ଷୀ ଅଧକ୍ଷକଙ୍କୁ ଗୁହାରି କରିବେ ବୋଲି ଅଭିଯୋଗକାରୀ କୃଷ୍ଣ ସୂଚନା ଦେଇଛନ୍ତି।

# ବ୍ଲକ୍‌ସ୍ତରୀୟ ସାଇବର୍ ସୁରକ୍ଷା ଅଭିଯାନ



**ଜଗତସିଂହପୁର,୩୧।୧୦/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଓଡ଼ିଶା ପୁଲିସ ଆନୁକୂଲ୍ୟରେ ସାଇବର୍ ସୁରକ୍ଷା ଅଭିଯାନ ଅକ୍ଟୋବର ୧୮ରୁ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଆଜି ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ତୁଳଙ୍ଗ ପର୍ଶୁରାମ ଜି.ୟୁ ଉଚ୍ଚବିଦ୍ୟାଳୟ ପରିସରରେ ତିର୍ତ୍ତୋଲ ପୁଲିସ ପକ୍ଷରୁ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକ ପଥ ପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ କିପରି ସାଇବର ଠକେଇରୁ ସୁରକ୍ଷା ପାଇପରିବେ ସେ ଦିଗରେ କଳାକାରମାନେ ନାଟକ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତିର୍ତ୍ତୋଲ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ୍ତ କୁମାର ସେଠୀ ଓ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ନାଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ପର୍ଶୁରାମ ବାରିକ, କୃଷ୍ଣଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସମିତି ସଭ୍ୟ ଦେବୀ ପ୍ରସାଦ ପାଳ, ମାନସ ରଞ୍ଜନ ପରିଡ଼ା, ବୃନ୍ଦାବନ ବିଶ୍ୱାଳ, ଅଶୋକ ରାଉତରାଏ, ଜ୍ଞାନରଞ୍ଜନ ସାହୁ, ପରେଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ତିର୍ତ୍ତୋଲ ଥାନା ଷ୍ଟାଫ୍ ଗୁନଲତା ଜେନା ଓ ପରେଶ ମହାପାତ୍ର ଯୋଗ ଦେଇଥିଲେ।

# ସ୍ମାର୍ଟ ମିଟର୍‌କୁ ଓକିଲ ସଂଘ ପକ୍ଷରୁ ବିରୋଧ

**ଢେଙ୍କାନାଳ,୩୧।୧୦/ଏନ୍‌ଏନ୍‌ଏସ୍:** ଆଜି ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ସଭାଗୃହରେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଟିପିସିଓଡିଏଲ୍‌ର ମନମୁଖୀ କାର୍ଯ୍ୟ ଯଥା ଜିଲ୍ଲାର ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରିବା, ବିନା କାରଣରେ ପୂର୍ବରୁ ଲଗାଯାଇଥିବା ମିଟର୍ ଗୁଡିକୁ ଡିଫେକ୍ଟିଭ୍ ଦେଖାଇବା ଏବଂ ଏଥିପାଇଁ ମୋଟା ଅଙ୍କର ଜୋରିମାନା ଲାଗୁ କରିବା, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ କରିବା ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଶୋଷଣ କରିବା, ସାଧାରଣ ଲୋକଙ୍କୁ ଭୟଭୀତ କରାଇ ଜବରଦସ୍ତ ସେମାନଙ୍କ ଘରେ ସ୍ମାର୍ଟ ମିଟର ବସାଇବା ଏବଂ ଠିକ୍ ଭାବରେ ସର୍ଭିସ୍ ପ୍ରୋଭାଇଡ୍ ନ କରିବା ବିରୋଧରେ ବାରମ୍ବାର ଜିଲ୍ଲାବାସୀଙ୍କ ଠାରୁ ଅଭିଯୋଗ ପାଇବା ପରେ ଆଜି ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ତରଫରୁ ଏହି ଜରୁରୀ ବୈଠକ କରାଯାଇଥିଲା। ଟିପିସିଓଡିଏଲ୍‌କୁ କୌଣସି ମତେ ଏହି ମନମୁଖୀ ତଥା ଜନ ବିରୋଧି କାର୍ଯ୍ୟ କରାଇ ନ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲ୍ଲାର କୌଣସି ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍ କୌଣସି ପ୍ରକାରର ହଇରାଣ ହରକତ କରିବାକୁ ଚେଷ୍ଟା କଲେ ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ଏହାର ତୀବ୍ର ବିରୋଧ କରିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଗଲା। ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ନିଜ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ସର୍ଭିସ୍‌କୁ ସ୍ମାର୍ଟ ପାଇଁ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଚେତାବନୀ ପ୍ରଦାନ କରାଯାଇଥିଲା। ଜିଲ୍ଲା ଓକିଲ ସଂଘ ସଦାସର୍ବଦା ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଲଢି ଆସିଛି ଏବଂ ଏଥର ମଧ ଜିଲ୍ଲାବାସୀଙ୍କ ସହିତ ଓକିଲ ସଂଘ ସର୍ବଦା ଛିଡାହୋଇ ରହିବ ଏବଂ ଜିଲ୍ଲାବାସୀଙ୍କ ପ୍ରତି କୌଣସି ପ୍ରକାରର ଅନ୍ୟାୟକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଟିପିସିଓଡିଏଲ୍‌ର ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜିଲ୍ଲା ଓକିଲ ସଂଘକୁ ଡକାଯାଇ ସେମାନଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ନିଷ୍ପତି ଗ୍ରହଣ କରାଗଲା। ସେ ପର୍ଯ୍ୟନ୍ତ କୌଣସି ଉପଭୋକ୍ତା ନିଜ ଘରେ ସ୍ମାର୍ଟ ମିଟର ନ ଲଗାଇବା ପାଇଁ ଜିଲ୍ଲାବାସୀଙ୍କୁ ଓକିଲ ସଂଘ ତରଫରୁ ଅନୁରୋଧ କରାଯାଇଛି। ଏହି ବୈଠକରେ ସଂଘର ଉପସଭାପତି ଟଙ୍କଧର ବେହେରା, ସଂପାଦକ ତାପସ କୁମାର କବିଶତପଥୀ, ସହ ସଂପାଦକ ଉତ୍ତମ ଦାସ, କାର୍ଯ୍ୟକାରୀ ସଦସ୍ୟ ପ୍ରେମାନନ୍ଦ ବିହାରୀ ଏବଂ ବରିଷ୍ଠ ଆଇନ୍‌ଜୀବୀ ନବ କିଶୋର ଗୁରୁ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ନରେଶ ପଟ୍ଟନାୟକ, ଶ୍ୟାମସୁନ୍ଦର ପଣ୍ଡା, ସୁରେନ୍ଦ୍ର ମିଶ୍ର, ସୟ କୁମାର ମିଶ୍ର, ପ୍ରତାପ ତ୍ରିପାଠୀ, ସୁବୋଧ ମହାନ୍ତି, ଶିବସାଇ ମହାପାତ୍ର, ପଙ୍କଜ ଲୋଚନ ସାହୁ, ଦୁର୍ଗା ଶତପଥୀ, ସୁଭାଶିନୀ ମହାଖୁଡ, ସ୍ୱଦେଶ ରଞ୍ଜନ ଖୁଣ୍ଟିଆଙ୍କ ସମେତ ଶତାଧିକ ଆଇନ୍‌ଜୀବୀ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

**କେନ୍ଦ୍ରାପଡା,୩୧।୧୦/ଏନ୍‌ଏନ୍‌ଏସ୍:** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି ସକାଳେ ଏକତା ଦୌଡ ଅନୁଷ୍ଠିତ ହୋଇଯାଇଛି। ଏକତା ଦୌଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗାରାପୁରରୁ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ନିଜେ ଜିଲ୍ଲାପାଳ ଏହି ଗଣଦୌଡରେ ଗରାପୁର ପର୍ଯ୍ୟନ୍ତ ସାମିଲ ହୋଇଥିଲେ। ଜିଲ୍ଲା କ୍ରୀଡ଼ା ବିଭାଗ ତରଫରୁ ଆୟୋଜିତ ଏହି ଗଣଦୌଡ଼କୁ ଜିଲ୍ଲାପାଳ ରଘୁରାମ ଆର ଆୟର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ସହିତ ଶପଥ ପାଠ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ସମେତ ବିଭିନ୍ନ ସ୍କୁଲ କଲେଜ ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ,କ୍ରୀଡା ସଂଘର ଖେଳାଳି ଏବଂ ଅନ୍ୟ ସମସ୍ତ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ।

# ସାମୁଦ୍ରିକ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ




**ପାରାଦୀପ,୩୧।୧୦/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ଅକ୍ଟୋବର ୩୧ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇ ରନ୍ ଫର୍ ୟୁନିଟ୍ ଗଣଦୌଡ଼ ଆୟୋଜିତ ହୋଇଥାଏ। ଚଳିତ ବର୍ଷ ସର୍ଦ୍ଦାର ପଟେଲ୍‌ଙ୍କ ୧୫୦ତମ ଜନ୍ମ ଜୟନ୍ତୀ ସମଗ୍ର ଦେଶରେ ପାଳିତ ହେଉଥିବା ଅବସରରେ ପାରାଦୀପ ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଓ ଆମ ପୁଲିସ କାର୍ଯ୍ୟକ୍ରମ ଶୁକ୍ରବାର ପାରାଦୀପ ଆଦର୍ଶ ଥାନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ଯୋଗଦେଇ ସର୍ଦ୍ଦାର ପଟେଲ୍‌ଙ୍କ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ପୁଲିସ ବିଭାଗ ପକ୍ଷରୁ ହେବାକୁ ଥିବା ରନ୍ ଫର୍ ୟୁନିଟ୍ ଗଣଦୌଡ଼ ଏବଂ ସାଇବର୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଆଦର୍ଶ ଥାନା ଅଧିକାରୀ ଶ୍ରୀ ବାରିକ ପୁଲିସ କର୍ମଚାରୀ, ସାମ୍ବାଦିକ ତଥା ଦେଶବାସୀଙ୍କ ମଧ୍ୟରେ ଏକତା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି, ଜଟାଧାର ମୁହାଁଣ ସାମୁଦ୍ରିକ ଥାନା ଅଧିକାରିଣୀ କଲ୍ୟାଣୀମୟୀ ଷେଣ୍ଡଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଏକତା ଦିବସ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କରଙ୍କ ସମେତ ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ଜଟାଧାର ମୁହାଁଣ ଥାନା ଅଧିକାରିଣୀ କଲ୍ୟାଣମୟୀ ଷେଣ୍ଡ, ଆଦର୍ଶ ଥାନା ଅତିରିକ୍ତ ଅଧିକାରୀ ପ୍ରତାପ କୁମାର ଦାଶ ଓ ନିଶା ସେଠୀଙ୍କ ସମେତ ବହୁ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ମହାକାଳପଡ଼ା ବ୍ଲକ୍ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

# ଦୁଇମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**କେନ୍ଦ୍ରାପଡା,୩୧।୧୦/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍‌ର ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବା ନିମନ୍ତେ ମହାକାଳପଡା ପଞ୍ଚାୟତ ସମିତିର ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦପତ୍ର ଓ ବୈଠକରେ ଆଗତ ହେବାକୁ ଥିବା ପ୍ରସ୍ତାବିତ ସଂକଳ୍ପ କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଅଗଷ୍ଟ ୫ରେ ସଂପୃକ୍ତ ସଦସ୍ୟମାନେ ପ୍ରଦାନ କରିଥିଲେ। କିନ୍ତୁ ଅଦ୍ୟାବଧି ସେହି ବରାଦପତ୍ର ଓ ପ୍ରସ୍ତାବିତ ସଂକଳ୍ପ ଉପରେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍ ଶ୍ରୀ ନାୟକ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ସମିତି ଆଇନ-୧୯୬୮ର ଧାରା ୪୬(ଖ)(୨)ର ଉପଧାରା (୧)ର (କ) ଅନୁଯାୟୀ ଭୋଟଦାନ ଅଧିକାର ଥିବା ଅନ୍ୟୁନ ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ବରାଦପତ୍ର ସହିତ ବୈଠକରେ ଆଗତ ହେବାକୁ ଥିବା ପ୍ରସ୍ତାବିତ ସଂକଳ୍ପର ନକଲ ଉପଜିଲ୍ଲାପାଳ ପାଇବା ପରେ ତତ୍‌କ୍ଷଣାତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଉପଧାରା (୧)ର (ଗ) ଅନୁଯାୟୀ ଉପଜିଲ୍ଲାପାଳ ସେହି ଅନସ୍ଥା ପ୍ରସ୍ଥାବ ଆଗତ ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଡକାଇବେ। ଏହି ବୈଠକ ନିମନ୍ତେ ସ୍ଥାନ, ତାରିଖ ଓ ସମୟ ଧାର୍ଯ୍ୟ କରିସାରିବା ପରେ ଧାର୍ଯ୍ୟ ତାରିଖର ଅନ୍ୟୁନ ୭ଦିନ ପୂର୍ଣ୍ଣ ଦିବସ ପୂର୍ବରୁ ଭୋଟଦାନ ଅଧିକାର ଥିବା ପ୍ରତ୍ୟେକ ସଦସ୍ୟମାନଙ୍କୁ ବରାଦପତ୍ର ଏବଂ ପ୍ରସ୍ତାବିତ ସଂକଳ୍ପର ନକଲ ସହିତ ନୋଟିସ ଦ୍ୱାରା ଅବଗତ କରାଇବା କଥା। କିନ୍ତୁ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମ୍ୟାଜିଷ୍ଟ୍ରେଟ୍ ଶ୍ରୀ ନାୟକ ମହାକାଳପଡ଼ା ପଞ୍ଚାୟତ ସମିତିର ଏକ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ସ୍ୱାକ୍ଷରିତ ବରାଦପତ୍ର ଓ ପ୍ରସ୍ତାବିତ ସଂକଳ୍ପ ପାଇବାର ପାଖାପାଖି ୩ମାସ ପରେବି ପଞ୍ଚାୟତ ସମିତି ଆଇନର ଧାରା ୪୬(କ)ର ଉପଧାରା (୨) (ଗ) ଅନୁଯାୟୀ କୌଣସି ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଯାହା ପଞ୍ଚାୟତ ସମିତି ଆଇନକୁ ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି।

# ୩୫୦୦ ଟଙ୍କା ଭତ୍ତା ପାଇଁ ହଜାରେ ଖର୍ଚ୍ଚ



**ଆଳି,୩୧।୧୦/ଏନ୍‌ଏନ୍‌ଏସ୍:** ସରକାର ଭିନ୍ନକ୍ଷମମାନଙ୍କୁ ୩୫୦୦ ଟଙ୍କା ଭତ୍ତା କରିଛନ୍ତି। କିନ୍ତୁ ସେହି ଟଙ୍କା ପାଇବା ପାଇଁ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଖର୍ଚ୍ଚ କରିବାକୁ ପଡୁଛି ହଜାରେ ଟଙ୍କା। ପଡିନିପାଳ ଗାଁ ରୁ ହଜାରେ ଟଙ୍କା ଅଟୋ ଭଡ଼ା କରି ଆଳିରେ ପହଞ୍ଚି ବ୍ୟାଙ୍କ୍‌ରୁ ୩୫୦୦ ଟଙ୍କା ଉଠାଉଛନ୍ତି। ପ୍ରତିମାସ ହଜାରେ ଅଟୋ ବାଲାକୁ ଦେଇ ପଇସା ନେଲେ ମୋର କଣ ଲାଭ ହେଲା କହି ତାଙ୍କୁ ହାତରେ ଟଙ୍କା ଦେବାକୁ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗକୁ କେହି ଶୁଣୁ ନଥିବା ପ୍ରକାଶ କରିଛନ୍ତି। ଏଭଳି ଏକ ଅଭିଯୋଗ ଆଣିଛନ୍ତି ପଦାନୀପାଳ ପଞ୍ଚାୟତର ରାମଚନ୍ଦ୍ର ଜେନା। ସେ ଅଭିଯୋଗ କରିଛନ୍ତି ଯେ ସେ ୯୦ ପ୍ରତିଶତ ଭିନ୍ନକ୍ଷମ। ପୂର୍ବରୁ ପ୍ରତିମାସ ସେ ପଞ୍ଚାୟତରୁ ଭତ୍ତା ଉଠାଉ ଥିଲେ। ମାତ୍ର ତାଙ୍କୁ ଏବେ ପଞ୍ଚାୟତ ବଦଳରେ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇବାକୁ ପଡୁଛି। ବ୍ୟାଙ୍କ୍‌କୁ ଟଙ୍କା ଉଠାଇବା ପାଇଁ ହେଲେ ତାଙ୍କୁ ହଜାର ଟଙ୍କା ଦେଇ ଅଟୋରେ ଯିବାକୁ ପଡୁଛି। ୩୫୦୦ ଟଙ୍କା ଭତ୍ତା ପାଇ ଅଟୋକୁ ହଜାରେ ଦେଲେ ତାଙ୍କର କିଛି ଲାଭ ହେଉନି। ୩୫୦୦ ଟଙ୍କାରେ ଯେଉଁ ଖର୍ଚ୍ଚ କରୁଥିଲେ ସେହି ଖର୍ଚ୍ଚ କରିବାକୁ ତାଙ୍କ ନିକଟରେ ଟଙ୍କା ରହୁନି। ତାଙ୍କୁ ପୁନର୍ବାର ପଞ୍ଚାୟତରେ ହାତକୁ ଟଙ୍କା ଦେବା ନିମନ୍ତେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀଙ୍କ ସହ ଆଳି ବିଡିଓଙ୍କୁ ଜଣାଇଥିଲେ। ମାତ୍ର ତାଙ୍କ ସମସ୍ୟାକୁ କେହି ଶୁଣୁ ନାହାଁନ୍ତି। ତୁରନ୍ତ ବ୍ଲକ୍ ପ୍ରଶାସନ ଏହି ସମସ୍ୟାର ସମାଧାନ କରିବାକୁ ରାମଚନ୍ଦ୍ର ଜେନା ଦାବି କରିଛନ୍ତି। ଏ ନେଇ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ମିଳିଛି। ସେହି ହିତାଧିକାରୀ ତାଙ୍କ ପଞ୍ଚାୟତ ନିକଟରେ ଥିବା ଯେ କୌଣସି ବ୍ୟାଙ୍କ୍‌ରେ (ଏନପିସିଆଇ ମ୍ୟାପିଙ୍ଗ)କରାଇ ଦେଲେ ସେଇଠୁ ଟଙ୍କା ଉଠାଇ ପାରିବେ। ଯଦି ଏହା କୌଣସି କାରଣ ବସତଃ ନହୋଇ ପାରେ ତେବେ ତାଙ୍କୁ ହାତରେ ଭତ୍ତା ଯୋଗାଇ ଦିଆଯିବା ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

**AFFIDAVIT**

By virtue of an affidavit sworn before the Notary, Bhubaneswar, Khurda on Dated 01.09.2025 I, Amiya Baraj, S/o Gorahari Baraj permanent resident of At- Parinuapara, PO- Dashipur, PS- Rajkanika, Dist- Kendrapara, Odisha, Pin- 754219 declare that I have changed the name of my minor son from Abinash Baraj (Old Name) to Abhinash Baraj (New Name). Henceforth, he shall be known as ABHINASH BARAJ (New Name) for all purposes.

Sd/- Amiya Baraj

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 29/10/2025 I, SUKRAMANI MUNDA , D/o- Rengada Munda of vill- Mamalaposi, Po- Bayapandadhar, Ps- Kanjipani, Dist- Keonjhar, Pin-758018 Declare that I have changed my son's name from LAKHIN MUNDA to LAKHAN MUNDA. Hence forth, he shall be known as **LAKHAN MUNDA** for all purposes.

SUKRAMANI MUNDA

**AFFIDAVIT**

By Virtue of an affidavit sworn before the Executive Magistrate, Athgarh that I have changed my name from Roji Behera to Puspalata Behera (Daughter of Prasanna Behera & Mili Behera), Village- Sankarpur, Po- Sankarpur, Dist- Dhenkanal for all purposes.

**AFFIDAVIT**

By virtue of an affidavit sworn before (Executive Magistrate / Noatary Public), Keonjhar dated 25.10.2025, I Basudev Parida, Address : At- Kainsi, Po- Ukhunda, Ps- Sadar, Dist - Keonjhar, Pin-758032, declare that I have changed the name of my son from Lalita Parida (Old Name) to Lalit Kumar Parida (New Name). Henceforth, to he shall be known as **Lalit Kumar Parida** for all purposes.

Basudev Parida
(Application Name)

**AFFIDAVIT**

By virtue of an affidavit sworn before the Notary Public, Cuttack, dtd.23.10.2025, I, Manorama Ojha, aged about 51 years, D/o- Surendra Ojha, W/o- Nabakishore Maharana, At- Ojha Sahi, Dadhapatna, Po/Ps- Baranga, Dist- Cuttack, Pin-754005, Odisha do hereby declare that my daughter's correct name is Sushree Dibyanshi which has been mentioned in her Board certificate but her Aadhaar card (No. 645391370155) name has been wrongly mentioned as Sushree Dibyanshi Priyadarshini. Henceforth, he shall be known as **Sushree Dibyanshi** for all purposes.

Sd/- Manorama Ojha

# ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**ପାରାଦୀପ,୩୧।୧୦/ଏନ୍‌ଏନ୍‌ଏସ୍:** ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ଇଣ୍ଡିଆନ୍ ଅଏଲ୍ ପାରାଦୀପ ପକ୍ଷରୁ ଅକ୍ଟୋବର ୩୧ଶୁକ୍ରବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ମୁଖ୍ୟ କୌଶିକ ବସୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସମସ୍ତ ବରିଷ୍ଠ ଅଧିକାରୀ, ସିଆଇଏସ୍‌ଏଫ୍ ଏବଂ ଡିଜିଆର୍‌ମାନଙ୍କୁ ରାଷ୍ଟ୍ରୀୟ ଏକତାର ଶପଥପାଠ କରାଇଥିଲେ। ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ଅଧୁନା ଭାରତୀୟ ରାଷ୍ଟ୍ର ଗଠନ ପାଇଁ ବିବିଧ ରାଜ୍ୟଗୁଡକୁ ଏକତ୍ର କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ନକଲି ରୁପା ଦେଇ ଦୁଇ ଗିରଫ

**କୁଆଖିଆ,୩୧।୧୦/ଏନ୍‌ଏନ୍‌ଏସ୍:** ଗହଣା ଦୋକାନରେ ନକଲି ରୁପା ଦେଇ ଅସଲି ରୁପା ନେଇ ପଳାଉଥିବା ବେଳେ ଆଜି ୨ଜଣଙ୍କୁ କୁଆଖିଆ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ମଧୁବନ ଅଞ୍ଚଳର ସନ୍ତୋଷ ସାହୁଙ୍କ ଦୋକାନରେ ନକଲି ରୁପା ଦେଇ ଅସଲି ରୁପା ନେଇ ପଳାଉଥିବା ବେଳେ ସନ୍ତୋଷ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। କୁଆଖିଆ ପୁଲିସ କୌଶଳ କ୍ରମେ ଆଜି ୨ଜଣଙ୍କୁ ଚୌଦ୍ୱାର ଥାନା ଚଷାପଡା ଗ୍ରାମର ବଂଶୀଧର ପାତ୍ରଙ୍କ ପୁଅ ଦିଲ୍ଲୀପ ପାତ୍ର ଓ ଅନ୍ୟଜଣେ ଧର୍ମଶାଳା ମୀର୍ଜାପୁର ଗ୍ରାମର ନିର୍ମଳ ସାହୁଙ୍କ ପୁଅ ଯସମନ ସାହୁଙ୍କୁ ଧରି ଜେରା କରିବା ପରେ ଗିରଫ କରିଥିଲେ। ଏ ନେଇ କେଶ ନଂ ୪୪୨ରେ ମାମଲା ରୁଜୁ କରାଯାଇ ଏସ୍‌ଆଇ ଅନିତା ଜେନାଙ୍କୁ ତଦନ୍ତ ଭାର ଦିଆଯାଇଥିଲା।

# ପୋଖରୀରୁ କୁମ୍ଭୀର ଉଦ୍ଧାର, ଲୋକେ ଆତଙ୍କିତ



**ପଟ୍ଟାମୁଣ୍ଡାଇ,୩୧।୧୦/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପୁଣି କୁମ୍ଭୀର ଆତଙ୍କ। ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୧୫ନଂ ୱାର୍ଡ ଅଳଭା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୋଖରୀରେ ୧୦ଫୁଟ ଲମ୍ବର ଏକ କୁମ୍ଭୀର ଭାସୁଥିବାର ପରିବାର ଲୋକ ଓ ଗ୍ରାମବାସୀ ଦେଖିବା ପରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ପ୍ରକାଶ, ଗତକାଲି ବିଳମ୍ବିତ ରାତିରେ ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତାରେ ଅଳଭା ଗାଁ ନିକଟରେ ୧୦ ଫୁଟର କୁମ୍ଭୀର ଶୋଇ ଥିବାର ଟ୍ରକ୍ ଚାଳକ ଦେଖି ଟ୍ରକ୍ ଅଟକାଇ ଥିଲେ। ଖବରପାଇ ସ୍ଥାନୀୟ ଲୋକେ ଆସିଯିବାରୁ କୁମ୍ଭୀର ନିକଟରେ ଥିବା ପୋଖରୀକୁ ଖସିଯାଇଥିଲା।ଆଜି ସକାଳୁ କୁମ୍ଭୀର ଭାସୁଥିବା ଖବରପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଲାଗିଥିଲା। ସ୍ଥାନୀୟ ଲୋକମାନେ ଭୟଭୀତ ହୋଇ କୁମ୍ଭୀର ଉଦ୍ଧାର ପାଇଁ ବନବିଭାଗକୁ ଖବର ଦେଇଥିଲେ। ତେବେ ପୋଖରୀରେ ଛଡା ଯାଇଥିବା ଲକ୍ଷାଧିକ ଟଙ୍କାର ମାଛକୁ କୁମ୍ଭୀର ଖାଇଥିବା ନେଇ ଅଭିଯୋଗ କରିଛନ୍ତି ମାଛ ଚାଷୀ। ଏନେଇ ବନବିଭାଗ କ୍ଷତି ପୂରଣ ଦେବାପାଇଁ ଦାବି ହୋଇଛି। ବନବିଭାଗ ଅଧିକାରୀ ଅଳଭା ଗ୍ରାମରେ ପହଞ୍ଚି ଜାଲ ଦ୍ୱାରା କୁମ୍ଭୀରକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା କୁମ୍ଭୀରକୁ ନେଇ ଡାଙ୍ଗମାଳ ସେକ୍ସନରେ ଛଡ଼ାଯିବ ବୋଲି ଫରେଷ୍ଟର ପ୍ରଦୀପ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

**ଯାଜପୁର,୩୧।୧୦/ଏନ୍‌ଏନ୍‌ଏସ୍:** ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସ୍ୱଚ୍ଛତା ଆମର ସହଭାଗୀ ଦାୟିତ୍ୱ ବିଷୟବସ୍ତୁ ଉପରେ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ଭିଡ଼ିଓ କନଫରେସିଙ୍ଗ ହଲ, ସିଭିଲ କୋର୍ଟ ପରିସରରେ ଏକ ଶପଥ ପାଠ କରାଯାଇଛି। ଏହି ଶପଥ ପାଠ ସମାରୋହରେ ଅଦାଲତର ସମସ୍ତ ବିଚାର ପତି ଯଥା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ଜିଲ୍ଲାର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ଅଭିଜିତ ପଲେଇ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦୈୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧରୀ, ରେଜିଷ୍ଟ୍ରାର ସିଭିଲ କୋର୍ଟ ମାନସ ରଞ୍ଜନ ସାମନ୍ତରାୟ,ବରିଷ୍ଠ ଦୈୱାନୀ ବିଚାରପତି ଲୋପାମୁଦ୍ରା ବେହେରା, ଦେୱାନୀ ବିଚାରପତି, ସୁନିତା ବିଶ୍ୱାଳ ଅଂଶ ଗ୍ରହଣ କରିଥିଲେ। ପ୍ରାଧିକରଣର ଅଧକ୍ଷ ଅଦାଲତର ସମସ୍ତ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥପାଠ କରାଇଥିଲେ। ଏହି ସମାରୋହକୁ ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ତଥା ଅତିରିକ୍ତ ଦେୱାନୀ ବିଚାରପତି ନେହା ଅଗ୍ରୱାଲ ପରିଚାଳନା କରିଥିଲେ।

ୟୁକୋ ବ୍ୟାଙ୍କ UCO BANK
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ଅଞ୍ଚଳ କାର୍ଯ୍ୟାଳୟ, ୨ୟ ମହଲା, ସି-୨,
ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୧୭

**ଗାଡି ବିକ୍ରୟ ନିମନ୍ତେ**

ଏକ ଅବ୍ୟବହୃତ ପୁରୁଣା ଟାଟା ୱିଙ୍ଗର୍ ଗାଡି **ସ୍କ୍ରାପ୍ (ରଦ୍ଦି)** ଭିତ୍ତିରେ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି । ଇଚ୍ଛୁକ ନିଲାମଧାରୀମାନଙ୍କୁ ଅନୁରୋଧ କି, ସେମାନେ ବ୍ୟାଙ୍କର ୱେବ୍‌ସାଇଟ୍ **www.ucobank.com** ଦେଖନ୍ତୁ ଏବଂ ଅନ୍ତିମ ତାରିଖ: ୦୭.୧୧.୨୦୨୫ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ବିଡ୍ ଦାଖଲ କରନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୧.୧୧.୨୦୨୫ ଅଞ୍ଚଳ ପ୍ରବନ୍ଧକ

# ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କ ପାଇଁ ଜମି କିସମ ପରିବର୍ତ୍ତନ ଫି’ ଛାଡ଼

**ଭୁବନେଶ୍ୱର, ୩୧।୧୦/ଏନ୍‌ଏନ୍‌ଏସ୍ :** ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କ ପାଇଁ ଆଉ କିସମ ପରିବର୍ତ୍ତନ କରିବାକୁ ପଡ଼ିବନି। କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗୀଙ୍କୁ କିସମ ପରିବର୍ତ୍ତନ ଫି ଓ ଭଡ଼ା ଛାଡ଼ ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବରୁ କିସମ ପରିବର୍ତ୍ତନ ପାଇଁ ଜମି ବେଞ୍ଚ୍ ମାର୍କର ୧% ଦେବାକୁ ପଡୁଥିଲା। ଏଥିସହ ୧% ଭଡ଼ା ମଧ୍ୟ ଦେବାକୁ ପଡୁଥିଲା। ଏବେ ଏହି ୨ଟି ଯାକ ଛାଡ଼ କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରର ପୋର୍ଟାଲ୍‌ରେ ଥିବା ସହ ଜିଲ୍ଲା କମିଟି ଅନୁମୋଦିତ ହୋଇଥିଲେ ସୁବିଧା ମିଳିବ। ସଂରକ୍ଷିତ ଅଞ୍ଚଳ, ପ୍ରତିରକ୍ଷା ଓ ପ୍ରତ୍ନତାତ୍ତ୍ୱିକ ଜମି ପାଇଁ ଏହି ସୁବିଧା ଲାଗୁ ହେବନି। ଉଦ୍ୟୋଗୀମାନେ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଲେ ଜମି ଫେରସ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଓଡ଼ିଆଣୀବେଶରେ ଦର୍ଶନ ...

ଦିଆଯାଇଥିଲା। ଅଗ୍ନିକମାନଙ୍କ ସହିତ ଅଗ୍ନିଶମ ବିଭାଗ ଅଧିକାରୀ ଉପସ୍ଥିତ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଆମ୍ବୁଲାନ୍ସ ସହିତ ସଜାଗ ରହିଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଯାତ୍ରା ସଫଳତା ନିମନ୍ତେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ବ୍ଲକ ଅଧକ୍ଷ ସୁନିଲ କୁମାର ପଣ୍ଡା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ବିଜୟ କେତନ ବେହେରା, ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ ପ୍ରକାର ପରିଡା, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ଓ ସମସ୍ତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଶାନ୍ତି ଶୃଙ୍ଖଳାର ସହିତ ଅଁଳା ନବମୀ ଯାତ୍ରା ପରିଚାଳନା କରିଥିଲେ। ପୂର୍ବଦିନରୁ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକ ଓ ଫୁଲରେ ସଜ୍ଜା ଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସହିତ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସତ୍ୟବାଦୀ ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ୩ ଦିନ ବ୍ୟାପି ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ଶ୍ରୀରାଧା ଉତ୍ସବ ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। ପଲ୍ଲିଶ୍ରୀ ମେଳାରେ ପ୍ରଦର୍ଶନ ମଣ୍ଡପରେ ମିଶନ ଶକ୍ତି, ଓରମାସ ଓ ଜିଲ୍ଲା ଶିଳ୍ପ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଷ୍ଟଲ ଖୋଲାଯାଇଛି। ଭିଡରେ ଅପରାଧ ରୋକିବା ନିମନ୍ତେ ମନ୍ଦିର ପରିସର ଓ ବାହାରେ ସିସିଟିଭି କ୍ୟାମେରା ଲଗାଯାଇଥିଲା। ଡଗ୍ ସ୍କ୍ୱାଡ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ସହିତ ମନ୍ଦିର ସିଂହଦ୍ୱାରରେ ମେଟାଲ୍ ଡିଟେକ୍ଟର୍ ଲଗାଇ ପୁଲିସ ଯାଞ୍ଚ କରିଥିଲେ ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୧୧ ଡିଏସ୍‌ପି, ୨୧ ଇନ୍‌ସପେକ୍ଟର, ୭୧ ଏସ୍‌ଆଇ ଓ ଏଏସ୍‌ଆଇ, ୯୨ହାବିଲଦାର ଓ କନେଷ୍ଟବଳ, ୧୦ ଟ୍ରାଫିକ ଆରକ୍ଷୀ ଓ ୨୩ ପ୍ଲାଟୁନ ଫୋର୍ସଙ୍କ ସହିତ ୨୫୦ ଗୃହ ରକ୍ଷୀଙ୍କୁ ନିୟୋଜିତ କରାଯାଇଥିଲା।

### ୨୧ବର୍ଷ ବୟସ ହୋଇଥିଲେ ...

ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତାହାର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଚିଠି ଲେଖିଛି ବିଭାଗ।

### ୨୦୩୦ ସୁଦ୍ଧା ୧୫ ଲକ୍ଷ ...

ବୁଝିଥିଲେ। ରାଜ୍ୟ ଜଳ ବିଜ୍ଞାନ ତଥ୍ୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ରିୟଲ ଟାଇମ୍ ଭିତ୍ତିରେ ରାଜ୍ୟରେ ଜଳ ପରିଚାଳନା କାର୍ଯ୍ୟ ତନଖି କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉପବିଭାଗ ପରିଦର୍ଶନ କରି ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟରେ ସନ୍ତୋଷ ବ୍ୟକ୍ତକରି ରାଜ୍ୟ ସରକାରଙ୍କ ଲକ୍ଷ୍ୟପୂରଣ ପାଇଁ ଆପଣମାନେ ଆହୁରି ପ୍ରତିବଦ୍ଧତାର ସହ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମୁତୟନ ହେବେ ୧୫ ପ୍ଲାଟୁନ୍ ...

୫ ଗୋଟି ବେଶ ଯାହାକି ଆଶୁତୋଷ, ଚନ୍ଦ୍ରଚୂଡ଼ ବେଶ ଏବଂ ସୋମବାର ଦିନ ବଡ଼ଓଷା ପର୍ବରେ ବାବାଙ୍କର ବଡ଼ସିଂହାର ବେଶ ତା’ ପରଦିନ ହରିହର ଏବଂ ପୂର୍ଣ୍ଣିମା ଦିନ ଯୋଗୀବେଶ କରାଯିବ ଯିବ ବୋଲି ପୂଜକ ସମାଜ ପକ୍ଷରୁ କିର୍ତ୍ତୀଚନ୍ଦ୍ର ପତ୍ରୀ ପ୍ରକାଶ କରିଛନ୍ତି। ଏହାସହିତ ବେଢ଼ା ମଧ୍ୟରେ ପାନୀୟଜଳ, ଶୌଚାଳୟ, ଅସ୍ଥାୟୀ ପାଇଖନା ଏବଂ ଆଶୁ ଚିକିତ୍ସାର ବ୍ୟବସ୍ଥା କରାଯାଇଛି ବୋଲି ଦେବୋତ୍ତର ସୁପର୍‌ଭାଇଜର୍ ଭବାନି ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

### ସ୍ୱାସ୍ଥ୍ୟ ନାରୀ ଅଭିଯାନକୁ ...

ଅଭିଯାନର ଲକ୍ଷ୍ୟ ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ବୃଦ୍ଧି କରିବା, ରୋଗର ଶୀଘ୍ର ଚିହ୍ନଟ ସୁନିଶ୍ଚିତ କରିବା ଏବଂ ପରିବାରଗୁଡ଼ିକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ରହିଛି। ଏହି ପଦକ୍ଷେପର ଦର୍ଶନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ମୋଦୀ ବାରମ୍ବାର କହିଆସୁଛନ୍ତି ଯେ, ‘ଆମର ମା’ ଏବଂ ଭଉଣୀମାନେ - ଆମର ନାରୀ ଶକ୍ତି - ଆମ ଦେଶର ପ୍ରଗତି ପାଇଁ ମୂଳଦୁଆ। ଯଦି ଜଣେ ମା’ ସୁସ୍ଥ, ତେବେ ସମଗ୍ର ପରିବାର ସୁସ୍ଥ ରହେ।’

### ସରିଲା ଇ-କେୱାଇସି ...

ନୟାଗଡ଼ରେ ୩୫,୧୮୧, ମାଲକାନଗିରିରେ ୨୮,୮୮୫, ସମ୍ବଲପୁରରେ ୨୬,୦୮୪, କନ୍ଧମାଳରେ ୨୫,୪୨୫, ନୂଆପଡ଼ାରେ ୨୬,୩୫୯, ସୋନପୁରରେ ୨୩,୬୧୭, ଗଜପତିରେ ୨୩,୨୧୧, ଝାରସୁଗୁଡ଼ାରେ ୧୫,୮୬୭ ଓ ବୌଦ୍ଧରେ ୧୪,୪୨୧ ଉପଭୋକ୍ତା ଇ-କେୱାଇସି କରିନଥିବା ଜଣାପଡ଼ିଛି।

### ହାଲୁକା ଗାଡ଼ି ଚଳାଚଳ ...

ନେଇ ସ୍ଥିତି ଆପାତତଃ ସ୍ପଷ୍ଟ ହୋଇଥିବାରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସେପଟ୍ଟେମ୍ବର ୧୬ତାରିଖରେ ଏକ ବଡ଼ଧରଣର ଭୂସ୍ଖଳନ ଯୋଗୁଁ ୧୫୭ନମ୍ବର ଜାତୀୟ ରାଜପଥରେ ଥିବା କଳିଙ୍ଗା ଘାଟିର ପ୍ରାୟ ୫୦ଫୁଟ ରାସ୍ତା ଧୋଇଯାଇଥିଲା। ଫଳରେ ଉଭୟ ଜିଲ୍ଲା ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବାରମ୍ବାର ବର୍ଷା ଏବଂ ପଥର ଖସିବା କାରଣରୁ ପୁନଃରୁଦ୍ଧାର କାମ ବାଧାପ୍ରାପ୍ତ ହୋଇଥିଲା। ଏପଟେ ଉଭୟ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ସମେତ ଆଖପାଖ ଜିଲ୍ଲାମାନଙ୍କର ଲୋକେ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। କଳିଙ୍ଗା ଏବଂ ଦୁର୍ଗାପ୍ରସାଦର ବ୍ୟବସାୟୀ ମାନେ ଅନେକ କ୍ଷତିର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ଘାଟିରାସ୍ତା ଖୋଲିବା ପାଇଁ ପଥ ପରିଷ୍କାର ହୋଇ ଥିବାରୁ ଲୋକଙ୍କ ମନରେ ଆନନ୍ଦ ଖେଳିଯାଇଛି।

### ୧୦ ବର୍ଷିଆ ପ୍ରତିରକ୍ଷା ...

ସୂତ୍ରପାତ କରିବ। ପ୍ରତିରକ୍ଷା ଆମର ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରମୁଖ ସ୍ତମ୍ଭ ଭାବରେ ରହିବ। ଏକ ମୁକ୍ତ, ଖୋଲା ଏବଂ ନିୟମ-ଭିତ୍ତିକ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଆମର ସହଭାଗୀତା ଗୁରୁତ୍ୱପୂର୍ଣ୍ଣ’। ସୂଚନାଯୋଗ୍ୟ, ଏହି ଚୁକ୍ତିନାମା ଚଳିତ ବର୍ଷ ଜୁଲାଇ-ଅଗଷ୍ଟରେ ସମାପ୍ତ ହେବା କଥା ଥିଲା, କିନ୍ତୁ ପାକିସ୍ତାନ ସହିତ ବିବାଦ ସମାପ୍ତ କରିବାରେ ଟ୍ରମ୍ପଙ୍କ ଭୂମିକା ବିଷୟରେ ଭାରତର ବିରକ୍ତି ଏହାକୁ ବିଳମ୍ବ କରିଥିଲା। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ହେଉଛି ଯେ, ନଭେମ୍ବର ସୁଦ୍ଧା ଏକ ଦୀର୍ଘ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖି ଦୁଇ ଦେଶ ଏବେ ଏକ ଉଚ୍ଚ-ପଦବୀ ବାଣିଜ୍ୟ ଆଲୋଚନାରେ ଲିପ୍ତ ଅଛନ୍ତି।

# ଅଁଳା ନବମୀରେ ଶ୍ରୀରାଧା ପାଦ ଦର୍ଶନକଲେ ଶ୍ରଦ୍ଧାଳୁ

**ଜଟଣୀ,୩୧।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗଦରଥୀପୁର ଗ୍ରାମର ଐତିହାସିକ ମନ୍ଦିର ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ଦେବଙ୍କ ୪ର୍ଥ ବାର୍ଷିକ ଅଁଳାନବମୀ ଉପଲକ୍ଷେ ଶ୍ରୀରାଧାପାଦ ଦର୍ଶନ ଉତ୍ସବ ପାଳିତ ହୋଇଯାଇଛି। ସୂଚନା ମୁତାବକ କାହିଁ କେଉଁ ପୂର୍ବଜ ଅମଳରୁ ସନ ୧୬୬୩ ମସିହାରେ ଗଡ଼ ରଥିପୁର ଦୁର୍ଗରେ ବାସ କରୁଥିବା ଗଜପତି ଶ୍ରୀ ମୁକୁନ୍ଦ ଦେବଙ୍କ ଅଧୁନା ଗଡ଼ ରଥିପୁର ଗ୍ରାମରେ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିର ନିର୍ମାଣ କରି ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ସନ ୧୭୩୦-୩୧ ମସିହା ମୋଗଲ ଆକ୍ରମଣ ସମୟରେ ମୋଗଲ ସୁବେଦାର ତିର୍କୀ ଖାଁ ତୋପ କମାଣ ଲଗାଇ ରଥିପୁର ଦୁର୍ଗ ତଥା ଅଞ୍ଚଳରେ ଥିବା ଘରଦ୍ୱାର ଓ ମନ୍ଦିର ଆଦିର ଆକ୍ରମଣ ଆଶଙ୍କା କରି ଗଜପତି ୧୭୩୨ ମସିହା ଜାନୁଆରୀ ୩ ତାରିଖରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ବିଗ୍ରହମାନଙ୍କୁ ନେଇ ଚିଲିକା ନିକଟ କଣ୍ଟାଳବାଇ ଗ୍ରାମରେ ମନ୍ଦିର କରି ପ୍ରତିଷ୍ଠା କରିଥିଲେ। ପରେ ପରେ ରଥିପୁର ମନ୍ଦିର ତିର୍କୀ ଖାଁଙ୍କ କାମାଣ୍ଡୋମାନଙ୍କ ଦ୍ୱାରା ବିଧ୍ୱସ୍ତ ହୋଇଥିଲା। ଅଧୁନା ଏହି ବିଗ୍ରହମାନେ ପୁରୀ ନିକଟ ସାକ୍ଷୀଗୋପାଳଠାରେ ପୂଜା ପାଉଛନ୍ତି। ଏଠିକାର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବାନୁଯାୟୀ ବର୍ତ୍ତମାନ ସାକ୍ଷୀଗୋପାଳଠାରେ



ଯେଉଁ ରାଧାକୃଷ୍ଣ ମୂର୍ତ୍ତି ପୂଜା ପାଉଛନ୍ତି ସେହି ମୂର୍ତ୍ତି ଗଡ଼ରଥୀପୁର ମନ୍ଦିରରୁ ଯାଇଛି। ରଥିପୁରଠାରେ ଏହି ଭଗ୍ନ ମନ୍ଦିର ଅନେକ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ପରେ ସରକାରଙ୍କ ମନ୍ଦିରର ପୁନଃରୁଦ୍ଧାର ଉଦାସୀନତା ହେତୁ ଗ୍ରାମବାସୀଙ୍କ ସହାୟତାରେ ମନ୍ଦିରର ଉନ୍ନତି କରିବା ସହ ନୂତନ ରାଧାକୃଷ୍ଣ ବିଗ୍ରହ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରିବା ସଙ୍ଗେ ସଙ୍ଗେ ବିଗତ ଚାରିବର୍ଷ ହେବ କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ‘ରାଧାପାଦ ଦର୍ଶନ’ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା।



**କୋଣାର୍କ :** କୋଣାର୍କ ଭୁବନେଶ୍ୱର ମୁଖ୍ୟରାସ୍ତା ପାର୍ଶ୍ୱ ବନାଖଣ୍ଡି ଛକ ନିକଟରେ ରେ ଥିବା ‘ରାଧା ଗୋବିନ୍ଦ ଧାମ ଆଶ୍ରମ’ ପରିସରରେ ଆଜି ଲକ୍ଷ୍ମୀଙ୍କର ପବିତ୍ର କାର୍ତ୍ତିକ ମାସ ଅଁଳା ନବମୀ ତିଥିରେ ‘ମାଆ ରାଧା ଦେବୀ’ଙ୍କ ପାଦଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ କୃପାଳୁଜୀ ମହାରାଜାଙ୍କ ପ୍ରଚାରିକା ଡକ୍ଟର ଭକ୍ତିଶ୍ୱରୀ ଦେବୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୋର୍‌ରୁ ରାଧା ଗୋବିନ୍ଦଙ୍କ ମୂର୍ତ୍ତିକୁ ସୁଗନ୍ଧିତ ଜଳରେ ସ୍ନାନ ପରେ ମାତା ରାଧା ଦେବୀଙ୍କୁ ନୂତନ ବସ୍ତ୍ର ପିନ୍ଧାଯାଇ ବିଭିନ୍ନ ପ୍ରକାର ପୁଷ୍ପରେ ସୁସଜ୍ଜିତ କରାଯାଇଯାଇଥିଲା। ମା’ଙ୍କ ପାଦ ସାଜସଜ୍ଜା କରି ଧୂପ, ଦୀପ, କର୍ପୂର ଆଳତୀ ସହିତ ଭଜନ କୀର୍ତ୍ତନ, ହୁଳହୁଳି ପଡ଼ିଥିଲା। ଦିନତମାମ ଶତାଧିକ ଉପସ୍ଥିତ ଶ୍ରଦ୍ଧାଳୁ ମା’ ରାଧାଙ୍କ ଭଜନ କୀର୍ତ୍ତନ କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମା’ ରାଧା ଦେବୀଙ୍କ ପାଦପୂଜା ସହିତ ପାଦଦର୍ଶନ କରୁଥିଲେ।

**କଣ୍ଟିଲୋ :** ଶୁକ୍ରବାର ଅଁଳା ନବମୀରେ କଣ୍ଟିଲୋ ଗ୍ରାମରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ମନ୍ଦିର ପରିସରରେ ପୂଜା ପାଉଥିବା ସାକ୍ଷୀଗୋପିନାଥ ମନ୍ଦିର ଓ ନୀଳମାଧବ ମନ୍ଦିର ଦକ୍ଷିଣ ଦ୍ୱାରା ପାର୍ଶ୍ୱରେ ଥିବା ରାଧାମୋହନ ମଠରେ ଶ୍ରଦ୍ଧାଳୁମାନେ ରାଧାଙ୍କ ଯୁଗ୍ମ ପାଦ ଦର୍ଶନ କରିଛନ୍ତି। ଏହି ଅବସରରେ ଶହଶହ ସଂଖ୍ୟାରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବଡ଼ ଏକାଦଶୀଠାରୁ ପଞ୍ଚୁକ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀ ନୀଳମାଧବ ଭିନ୍ନ ଭିନ୍ନ ବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ପୂଜକ ସମାଜ ସଭାପତି ଓ ସେବାୟତମାନେ ସୂଚନା ଦେଇଛନ୍ତି।





**ଫୁଲନଖରା :** କଟକ ମହାନଗର ନିଗମ ୫୮ନମ୍ବର ୱାର୍ଡ ଅନ୍ତର୍ଗତ ନୂଆଗଡ଼ ଅନନ୍ତ ବଳିଆ ଆଶ୍ରମରେ ଥିବା ନୀଳମାଧବଙ୍କ ପରିସରରେ ଥିବା ସୁଭଦ୍ରାଙ୍କ ପୀଠରେ ରାଧାପାଦ ଦର୍ଶନ ହୋଇଯାଇଛି। ମା’ସୁଭଦ୍ରା ରାଧାଙ୍କ ବେଶରେ ଆଜି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ଦିନ ତମାମ ଭଜନ କୀର୍ତ୍ତନ ଓ ନାମଯଜ୍ଞ ସହିତ ମା’ ଦୁଲ୍ଲାଦେବୀଙ୍କ ମାର୍ଜ୍ଜନା, ଚଣ୍ଡିପାଠ ଓ ସନ୍ଧ୍ୟାରେ ବାବା ବଳିଆଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଆଶ୍ରମରେ ପ୍ରଥମ କରି ମାଧବ ରାଜଭୋଗ ତଥା ବରାଦି ପ୍ରସାଦ ପ୍ରଚଳନ ଆଜିଠାରୁ ଶୁଭାରମ୍ଭ ହେଲା। ଅନନ୍ତ ବଳିଆ ସେବାସଂଘ ସଦସ୍ୟ ଓ ନୂଆଗଡ଼ ଗ୍ରାମବାସୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

**ନୟାହାଟ :** ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ଜଗଜ୍ଜନନୀ ମା’ ରାଧାରାଣୀଙ୍କ ପାଦ ଦର୍ଶନ ଉତ୍ସବ ଆଜି ପାଳିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ କାର୍ତ୍ତିକ ଅବକାଶ ପଠନ ଓ ମଙ୍ଗଳ ଆଳତି ପରେ ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ଶ୍ରୀ ବିଗ୍ରହ ଓ ପାଦୁକା କୀର୍ତ୍ତନ କରାଯାଇ ସମାଧି ମନ୍ଦିରରୁ ରାଧା ପାଦ ପଦ୍ମ ମନ୍ଦିରକୁ ଅଣା ଯାଇଥିଲା।

ସେଠାରେ ମା’ ରାଧାରାଣୀଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ପରେ ଶହ ଶହ ଭକ୍ତ ଏକତ୍ରିତ ହୋଇ ପାଦ ପଦ୍ମ ମନ୍ଦିରରେ ଭଜନ କୀର୍ତ୍ତନ କରି ମା’ଙ୍କ କୃପା ଭିକ୍ଷା ଲାଭ କରିଥିଲେ। କିମ୍ବଦନ୍ତି କହେ, ମା’ରାଧା ରାଣୀ ଉତ୍ତରାୟା ଦେବୀ ହୋଇଥିବାରୁ ବର୍ଷକ ଯାଏ ମା’ଙ୍କ ବସ୍ତ୍ର ପରିଧାନ ଉତ୍ତରାଞ୍ଚଳ ରୀତି ଅନୁଯାୟୀ ପାଦ ଲୁଚି ରହିଥାଏ। ହେଲେ ପବିତ୍ର ଅଁଳା ନବମୀରେ ମା’ଙ୍କ ଜନ୍ମଦିନ ହୋଇଥିବାରୁ ଏହି ଦିନ ଭକ୍ତମାନେ ଆନନ୍ଦରେ ପାଦ ଦର୍ଶନ କରିଥାନ୍ତି। ଏହି କ୍ରମରେ ଗତକାଲି ଆଶ୍ରମ ପରିସରରେ ଗୋଷ୍ଠ ଚନ୍ଦ୍ରମା ପୂଜା ଉତ୍ସବ ଯଥା ବିଧିରେ ପାଳନ କରାଯାଇଛି ବୋଲି ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଆସନ୍ତା ନଭେମ୍ବର ୧ ତାରିଖରୁ ଶରତ ରାସ ଉତ୍ସବ ପାଞ୍ଚ ଦିନ ବ୍ୟାପି ଚାଲୁ ରହିବ।





**ଚାରିଛକ :** ଚାରିଛକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଆଜି ଅଁଳା ନବମୀ ପାଳିତ ହୋଇଯାଇଛି। ଚାରିଛକ ନିକଟସ୍ଥ ଓରପଟ ଜଗନ୍ନାଥ ମନ୍ଦିର, ନୂଆଗାଁ, ଭାଣପୁର, ଚହଟା, ଅମରେଶ୍ୱର, ପଥରପଦା, ସୁଧବାରିମୂଳ, ଛବାଟିଆ, ଭୋଦର, ବିଶିମାତ୍ରୀ, ଛଣିଜଙ୍ଗ, ଆମ୍ପୋର ଆଦି ଗ୍ରାମରେ ଥିବା ଅଁଳା ଗଛରେ ନବବସ୍ତ୍ର ପରିଧାନ ପରେ ସେହି ଗଛକୁ ପୂଜାର୍ଚ୍ଚନା ସହ ନିକଟରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

**ଅସ୍ତରଙ୍ଗ :** ପବିତ୍ର ଅଁଳା ନବମୀ ତିଥିରେ ପ୍ରାଚୀ ନଦୀକୂଳରେ ଥିବା ବହୁ ପୁରାତନ ଅଁଳା ବୃକ୍ଷ ମୂଳରେ ପୂଜା ପାଠ ହୋମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୬୦ ବର୍ଷ ଧରି ମଙ୍ଗୁଳି ଭାଇନା (ମହାବାହୁ)ଙ୍କ ତତ୍ତ୍ୱାବଧାନରେ ଏହି ପୂଜା ପାଠ ଚାଲୁ ରହିଛି। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ବୃକ୍ଷ ମୂଳେ ଘିଅ ଦ୍ୱୀପ ଜାଳିବା ସହ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବୁଲି ସ୍ୱାଇଁ, ବିଶ୍ୱଜିତ ସାହୁ, ମଙ୍ଗୁବାବା, ଶିରି ଭାଇନା, ପଦ, ବିଷ୍ଣୁ, ଭବାନୀ, ବାପି ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।





**ଡେଲାଙ୍ଗ :** ଡେଲାଙ୍ଗ ବ୍ଲକ୍‌ର ପ୍ରସିଦ୍ଧ ବେନୁପଡ଼ା ଗାଦିବ୍ରହ୍ମ ମଠ ପରିସରରେ ପବିତ୍ର ଅଁଳା ନବମୀ ମହୋତ୍ସବ ମଠର ପ୍ରତିଷ୍ଠାତା ଓ ଭବିଷ୍ୟ ମାଳିକା ରଚୟିତା ମହାପୁରୁଷ ବାଇଦାସଙ୍କ ମାତୃଶ୍ରାଦ୍ଧ, ୫ମ ମହାପୁରୁଷ ନୀଳାଦ୍ରୀ ଦାସଙ୍କ ଶ୍ରାଦ୍ଧ ପାରମ୍ପରିକ ନୀତିକାନ୍ତି ସହ ଅନୁଷ୍ଠିତ ହୋଇଛି। ଭୋର୍ ୫ଟାରେ ମଠରେ ଅଧିଷ୍ଠିତ ୫ ମହାପୁରୁଷଙ୍କ ଗାଦି ଓ ରାଧାକୃଷ୍ଣଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତୀ, ମଇଲମ, ସ୍ନାନ, ଫୁଲ ଓ ତୁଳସୀ ଲାଗି, ବାଲଧୂପ, ବିଭୂତି ପ୍ରଦାନ, ପଖାଳ ଭୋଗ, ମଧ୍ୟାହ୍ନ ଧୂପ, ସନ୍ଧ୍ୟାରେ ଚୂଡ଼ା ଓ ଗୁଡ଼ ଭୋଗ, ବିଳମ୍ବିତ ରାତିର ବଡ଼ ମହୋତ୍ସବ ଓ ପ୍ରସାଦ ବିତରଣ ଆଦି ନୀତିକାନ୍ତି ସମ୍ପନ୍ନ ହୋଇଛି। ମହାପୁରୁଷ ବାଇଦାସଙ୍କ ମାତୃଶ୍ରାଦ୍ଧ ସହ ୫ମ ମହାପୁରୁଷ ନୀଳାଦ୍ରି ଦାସଙ୍କ ପାରମ୍ପରିକ ଶ୍ରାଦ୍ଧ, ଜଗଦ୍ଧାତ୍ରୀ ମା’ ବସୁଧାଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହି ମଠଟି ମାଟିବ୍ରହ୍ମ ବିଶ୍ୱାସ ଉପରେ ଆଧାରିତ ହୋଇଥିବାରୁ କୃଷିଜୀବୀମାନଙ୍କ ଆସ୍ଥା ବିଶ୍ୱାସ ରହିଛି। ସ୍ୱତନ୍ତ୍ର ସମିଧରୁ ପ୍ରସ୍ତୁତ ବିଭୂତି ଏହି ମଠର ମୁଖ୍ୟ ଆକର୍ଷଣ। ଶ୍ରଦ୍ଧାଳୁମାନେ ନିଜ କ୍ଷେତର ରୋଗ ପୋକ ନାଶ ହେଉ କିମ୍ବା ଶିଶୁମାନଙ୍କ ରୋଗ ହେଉ, ଗାଦିବ୍ରହ୍ମଙ୍କ ବିଭୂତି ଏହି ସମସ୍ତ ସମସ୍ୟାର ଉପଚାର ବୋଲି ବିଶ୍ୱାସ ରହିଛି। ବେନୁପଡ଼ାରେ ପ୍ରତିଷ୍ଠିତ ମୂଳ ଗାଦି ସହ ଓଡ଼ିଶା ତଥା ବିଭିନ୍ନ ଜିଲ୍ଲା ଓ ଆଖପାଖ ଗ୍ରାମରେ ୭୫୨ ଶାଖା ଗାଦି ରହିଛି। ଚାଷୀମାନଙ୍କ କ୍ଷେତର ପ୍ରଥମ ଉତ୍ପାଦିତ ଫସଲ ଗାଦିବ୍ରହ୍ମଙ୍କୁ ଅର୍ପଣ କଲେ ଚାଷୀ ପରିବାରର ସମୃଦ୍ଧ ହେବା ବିଶ୍ୱାସ ରହିଥିବାରୁ ଅଁଳା ନବମୀ ଅବସରରେ ବିଭିନ୍ନ ଶାଖା ଗାଦି ଓ ଚାଷୀମାନେ ଉତ୍ପାଦିତ ଫସଲ, ଫଳ, ପନିପରିବା, ଆଦି ଅଁଳା ନବମୀରେ ଅର୍ପଣ କରିଥାନ୍ତି। ମହନ୍ତ ଶ୍ରୀ ଶିଶିର ଦାସ ଗୋସ୍ୱାମୀ ମହାରାଜ ଶ୍ରଦ୍ଧାଳୁମାନଙ୍କୁ ମଠର ମୁଖ୍ୟ ଆକର୍ଷଣ ‘ବିଭୂତି’ ପ୍ରଦାନ କରିଥିଲେ । ମାନସିକ ଧାରୀ ପିତାମାତାମାନେ ସେମାନଙ୍କ ଶିଶୁମାନଙ୍କୁ ଆଣି ମଠ ବେଢ଼ା ଓଳାଇବା, ପରିବା କାଟିବା ଆଦି କରସେବା ପରମ୍ପରାରେ ନିୟୋଜିତ କରାଇବା ଦେଖିବାକୁ ମିଳିଥିଲା। ମନ୍ଦିର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗାଦିବ୍ରହ୍ମ ଯୁବ ପରିଷଦ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସହାୟତା ଦିଆଯାଉଛି। ଡେଲାଙ୍ଗ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଚଳିତ ବର୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିଲା।

## ଭଙ୍ଗାବ୍ରିଜ୍‌ରୁ ପଡ଼ି ଛାତ୍ରୀ ଆହତ

**କଣାସ,୩୧।୧୦/ଏନ୍‌ଏନ୍‌ଏସ୍:** କଣାସ ବ୍ଲକ ଏବଂ ବ୍ରହ୍ମଗିରି ବ୍ଲକକୁ କରମଳାଠାରେ ଲୁଣାନଦୀ ଉପରେ ସଂଯୋଗ କରୁଥିବା ସେତୁଟି ଦୀର୍ଘଦିନ ହେଲା ଭାଙ୍ଗିଯାଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ପ୍ରତ୍ୟେକ ଦିନ ଅଭିରାମ ପରମହଂସଙ୍କ ଶହ ଶହ ଭକ୍ତ ଏହି ସେତୁଦେଇ ଶାନ୍ତିଧାମ ଆଶ୍ରମକୁ ଆସନ୍ତି ଏବଂ ଅଭିରାମ ନୋଡାଲ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଏହି ସେତୁ ଉପରଦେଇ ବିଦ୍ୟାଳୟକୁ ଆସିଥାଆନ୍ତି। ଆଜି ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ନାୟକ ଏହି ସେତୁ ଦେଇ ଆସୁଥିବାରୁ ସେତୁର ଦୁଇ ପାର୍ଶ୍ୱ



ବାଡ଼ ଭାଙ୍ଗିଯାଇଥିବାରୁ ଅପର ପାର୍ଶ୍ୱରୁ ଆସୁଥିବା ଏକ ଯାନକୁ ଦେଖି ସେତୁରେ ସାଇଟ୍ ହୋଇଯିବାରୁ ନଦୀ ଭିତରକୁ ଖସିପଡ଼ିଥିଲେ। ନଦୀ ଭିତରେ କମ୍ ଜଳ ସହିତ ଦଳ ଥିବାରୁ ସାମାନ୍ୟ ଆହତ ହୋଇଥିଲେ। ଛାତ୍ରୀ ଜଣଙ୍କ ଖସିପରିବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତଷବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସେତୁ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ସତ୍ୟବାଦୀ ବିଧାୟକ, ବ୍ରହ୍ମଗିରି ବିଧାୟକ ଏବଂ କେତେକ ମନ୍ତ୍ରୀଙ୍କ ନିକଟରେ ଦାବି ହୋଇ ଆସୁଥିଲେ ମଧ୍ୟ ସେତୁ ନିର୍ମାଣ କାର୍ଯ୍ୟ ହୋଇ ପାରୁନାହିଁ। ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

## ବାଲି ନେବାକୁ କେନ୍ଦ୍ରକରି ସ୍ୱାମୀ-ସ୍ତ୍ରୀଙ୍କୁ ଆକ୍ରମଣ, ୩ ଗିରଫ

**ଓଡ଼ଗାଁ,୩୧।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଜାରିଙ୍ଗି ନୂଆସାହିରେ ବାଲି ନେବାକୁ କେନ୍ଦ୍ରକରି ସ୍ୱାମୀ-ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାରିଙ୍ଗି ନୂଆସାହିର ଗୋଲେଖ ନାୟକଙ୍କ ଘର ଆଗରେ ବାଲି ଗଦା ହୋଇଥିବାରୁ ପଡ଼ିଶା ଘର ମିନି ସାହୁ ଓ ଝିଅ ପଦ୍ମା ସାହୁ କାହାକୁ କିଛି ନ ଜଣାଇ ବାଲି ନେଇଯାଇଥିଲେ। ଏହା ଜାଣିବା ପରେ ଗୋଲେଖ ଓ ତାଙ୍କ ପତ୍ନୀ ପାଞ୍ଚାଳି ନାୟକ ତାଙ୍କୁ ବାଲି ଆଣି ଦେବାକୁ କହିଥିଲେ। ବାଲି ନେବାଦେବାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହିତ ମିନି ସାହୁ (୪୨), ଝିଅ ପଦ୍ମା ଓରଫ ସୀମା ସାହୁ(୨୪) ଓ ପୁତୁରା ଶୁଭଙ୍କର ବେହେରା(୨୨) ମିଶି ଗୋଲେଖଙ୍କୁ ଆକ୍ରମଣ କରିଥିଲେ। ଗୋଲେଖ ତଳେ ପଡ଼ିଯିବା ପରେ ତାଙ୍କୁ ଏକ ଠେଙ୍ଗାରେ ପିଟିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ତାଙ୍କୁ ଛଡ଼େଇବାକୁ ଯାଇ ପତ୍ନୀ ପାଞ୍ଚାଳି ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ତେବେ ଗୋଲେଖଙ୍କୁ ପ୍ରଥମେ



ଓଡ଼ଗାଁ ଓ ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ସ୍ତ୍ରୀ ପାଞ୍ଚାଳି ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତକରି ମାଆ ମିନି, ଝିଅ ପଦ୍ମା ଓ ପୁତୁରା ଶୁଭଙ୍କରକୁ ଗିରଫକରି କୋର୍ଟ ଚାଲାଣ କରିଛି।

## ଅଳଙ୍କାର ଦୋକାନରୁ ଚୋରି ଉଦ୍ୟମ, ୨ ଲୁଟେରା ଗିରଫ

**ବାଲୁଗାଁ,୩୧।୧୦/ଏନ୍‌ଏନ୍‌ଏସ୍:** ଗୁରୁବାର ବିଳମ୍ବିତ ରାତ୍ରିରେ ବାଲୁଗାଁ ଚିଲିକା ରୋଡ୍ ସ୍ଥିତ ଏକ ସୁନା ଅଳଙ୍କାର ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମବେଳେ ପୁଲିସ ହାତରେ ୨ ଲୁଟେରା ଧରାପଡ଼ିଛନ୍ତି। ସେମାନେ ହେଲେ ସ୍ଥାନୀୟ ବିଦ୍ୟାଧରପୁର ସାହିରେ ରହୁଥିବା କାଳିଆ ଦାସ ଏବଂ ବଙ୍ଗୀୟ ତାଳପଟି ସାହିର ରାହୁଲ ବିଶ୍ୱାସ। ପ୍ରକାଶ ଯେ ଚିଲିକା ରୋଡ୍‌ରେ ରାମଚନ୍ଦ୍ର ସାହୁଙ୍କ ଶମ୍ଭୁ ଜୁଏଲାରୀ ନାମକ ଅଳଙ୍କାର ଦୋକାନ ରହିଛି। ଗୁରୁବାର ବିଳମ୍ବିତ ରାତ୍ରି ପ୍ରାୟ ୨ଟାରେ ଏହି ଦୁଇ ଦୁର୍ବୃତ୍ତ ଉକ୍ତ ଅଳଙ୍କାର ଦୋକାନ ଗ୍ରୀଲ୍ ତାଲା ଭାଙ୍ଗି ଲୁଟ ଉଦ୍ୟମ କରୁଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ବାଲୁଗାଁ ଥାନା ପାଟ୍ରୋଲିଂ ଗାଡ଼ି ଦେଖି ଲୁଟେରା ଦ୍ୱୟ ଦୌଡ଼ିଥିଲେ। ପୁଲିସ ସେମାନଙ୍କୁ ପିଛା କରି କାବୁ କରିବାରେ ସଫଳ ହୋଇଥିଲା। ଦୋକାନ ମାଲିକଙ୍କ ଅଭିଯୋଗ କ୍ରମେ ବାଲୁଗାଁ ପୁଲିସ କେସ୍ ନଂ-୩୫୮/୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି।

ପ୍ରେମ ଦୁନିଆର ସବୁଠାରୁ ବଡ଼ ଶକ୍ତି ଓ ଏହା ସତ୍ତ୍ୱେ ବି ଆମେ ଯାହା କଳ୍ପନା କରିପାରିବା ତାହା ସବୁଠାରୁ ନମ୍ର।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ବାଲି ଯାତରା


ପ୍ରଦ୍ୟୁମ୍ନ ପଟ୍ଟନାୟକ

ଅଳ୍ପ ଅଳ୍ପ ଶୀତ ଆସଇ ମାଡ଼ି
ସକାଳ ସଞ୍ଜରେ ପଡ଼େ କୁହୁଡ଼ି।
ଦକ୍ଷିଣକୁ ଧୀରେ ଗଲେ ସୂରୁଜ
ଚଉରା ମୂଳରେ ରଙ୍ଗ ମୁରୁଜ।
ଧରାକୁ ଆସିଛି କାର୍ତ୍ତିକ ମାସ
ଜେଜେମା କରିଛି ବ୍ରତ ହବିଷ।
କ୍ଷେତରେ ଝୁଲୁଛି ପାଚିଲା ଧାନ
ଚାଷୀ ଭାଇଙ୍କର ଉଲ୍ଲାସ ମନ।
ଆଗକୁ ଆସୁଛି ପୁନେଇଁ ତିଥି
ବୋଇତ ବନ୍ଦାଣ ପାଳିବା ନୀତି।
ନଈ ପୋଖରୀକୁ ସକାଳୁ ଯାଇ
କଦଳୀ ପାଟୁକା ଦେବା ଭସାଇ।
ମନେ ପକାଇବା ପୂର୍ବ ଗୌରବ
ଅତୀତ ବଣିଜ ଆମ ସାଧବ।
ବାଲି ଜାଭା ଦ୍ୱୀପେ ବେପାର କରି
ଆସୁଥିଲେ ଧନ ଦରବ ଧରି।
ବୋଇତ ଲଗାଇ ନଦୀ ତଟରେ
ବିପଣି ମେଲାଇ ଦେଇ ସେଠାରେ।
ବିକ୍ରି କରିଥାନ୍ତି କେତେ ଦରବ
ବିଦେଶୁ ଆଣିବା ରତ୍ନ ବିଭବ।
ସେଥିପାଇଁ ଆମ ବାଲି ଯାତରା
ଆମର ସଂସ୍କୃତି ଐତିହ୍ୟ ପରା।

**ଫ୍ଲାଟ୍ ନମ୍ବର-୧୦୧, ପ୍ରକାଶ ଦୀପ ଟାୱାର, ଜୟ ଦୁର୍ଗା ନଗର, ଭୁବନେଶ୍ୱର-୦୬**
**ମୋ: ୯୯୬୮୨୮୦୮୯୬**



## ବାଲିଯାତ ଆମ ଗରବ


ସସ୍ମିତା ସ୍ୱାଇଁ

ବାଲିଯାତ ଆମ ଗରବ
ସସ୍ମିତା ସ୍ୱାଇଁ
କୁନି କହେ କୁନା କାନରେ
ଖୁସି ନାହିଁ କି ତୋ ମନରେ!
କାର୍ତ୍ତିକ ପୁନେଇଁ ଆସିବ
କେତେ ରଙ୍ଗ ଢଙ୍ଗ ଭାସିବ।
ପଇସା ଆସିଛି ହାତକୁ
ବୁଲିଯିବା ବାଲିଯାତକୁ।
ଅଜା ଆଈ ସାଥେ ବୁଲିବା
ଖୁସିରେ ଦୋଳିରେ ଝୁଲିବା।
କେତେଯେ ଦୋକାନୀ ଆସିବେ
ପସରା ମେଲାଇ ବସିବେ।
ଠୁଙ୍କାପୁରି ଭାରି ଗରମ
ରସାବଳି ମିଠା ନରମ।
ଦହିବରା ଆଳୁ ଦଅମ
ତା'ର ସୁଆଦକି କଅମ!
ପଇସା ଘଡ଼ିଟେ କିଣିବା
ଯତନେ ଘରକୁ ଆଣିବା।
ସଞ୍ଚୟଟା ବଡ଼ ବଳରେ
ଲାଗିବ ଠିକଣା ବେଳରେ।
ବାହାରି ଯିବାରେ ସଅଳ
ବାଟ ହୋଇଯିବ ଗହଳ।
କଟକର ଗଣ ପରବ
ବାଲିଯାତ ଆମ ଗରବ।

**ଶିଶିଲୋ, ବାଳକାଟି, ଖୋର୍ଦ୍ଧା**
**ମୋ: ୯୮୬୧୦୬୯୮୨୯**

## ଆମ ଗର୍ବ, ଆମ ଗୌରବ



### ରାମଚନ୍ଦ୍ର ବେହେରା


ଜନ୍ମ ତାରିଖ: ୦୮ ନଭେମ୍ବର ୧୯୬୬
ଜନ୍ମସ୍ଥାନ/ଠିକଣା: ତେନ୍ତୁଳିପଦା, କନକପୁର, ଜି: ଜଗତସିଂହପୁର-୭୫୪୧୩୬
ମୋ: ୭୩୫୫୬୩୪୩୪୬

ରାଜ୍ୟରେ ଜଣେ ଜଣାଶୁଣା ଶିଶୁସାହିତ୍ୟିକ। ଉଭୟ ଗଳ୍ପ ଓ କବିତା ରଚନାରେ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି। ଚକାଚକା ଭଉଁରୀ ନାମକ ଏକ ଶିଶୁ କବିତା ସଂକଳନ ପ୍ରକାଶ ପାଇଛି। ଏହା ଛଡ଼ା ଆଧୁନିକ କବିତା, ଗୀତି କବିତା, ଗଳ୍ପ, ପ୍ରବନ୍ଧ ଓ ଭ୍ରମଣ କାହାଣୀ ରଚନାରେ ଦକ୍ଷତା ମଧ୍ୟ ରହିଛି। କବିତା ସମକାଳ ସମ୍ମାନ ଓ ରାଜ୍ୟସ୍ତରୀୟ ଶିଶୁ ଲେଖକ ସମ୍ମିଳନୀ ଶିଶୁସାହତ୍ୟି ପ୍ରତିଭା ସମ୍ମାନ ଆଦି ପୁରସ୍କାର ଓ ସମ୍ମାନରେ ସମ୍ମାନିତ।

**ଆମ ପ୍ରଶ୍ନ:** ଶିଶୁସାହିତ୍ୟରେ ଯୁକ୍ତାକ୍ଷର ବ୍ୟବହାର ଜରୁରୀ କି ?

**ଆପଣଙ୍କ ଉତ୍ତର:** କବିତା ସବୁବେଳେ ଆବୃତ୍ତି ଭିତ୍ତିକ। ପିଲାଟିଏ କବିତା ପଢ଼ିଲା ବେଳେ ଯେଭଳି ଅଧାରେ ନ ଛୁଣ୍ଟେ, ସେଥିପ୍ରତି ଲେଖକ ସବୁବେଳେ ସଜାଗ ରହିବା ଜରୁରୀ। ଯୁକ୍ତାକ୍ଷର ରହିଲେ ପିଲାଟିଏ ସ୍ୱାଭାବିକ ଓ ସାବଲୀଳ ଢଙ୍ଗରେ କବିତାଟିଏ ପଢ଼ିବା ସମ୍ଭବ ହେବ ନାହିଁ। ଏହା ଦ୍ୱାରା କବିତାର ଛନ୍ଦ ମଧ୍ୟ ନଷ୍ଟ ହେବ। ପିଲା ଅଧାରେ ଅଟକିବ। ଯୁକ୍ତାକ୍ଷର ଯୋଗୁ କବିତାର ମାଧୁର୍ଯ୍ୟ ମଧ୍ୟ ନଷ୍ଟ ହେବ। ତେବେ ଯେଉଁ କ୍ଷେତ୍ରରେ କୌଣସି ଯୁକ୍ତାକ୍ଷରର ପ୍ରତିଶବ୍ଦ ନଥାଏ, ସେଭଳି ପରିସ୍ଥିତିରେ ଯୁକ୍ତାକ୍ଷର ବ୍ୟବହାର କରିବାକୁ ଲେଖକ ବାଧ୍ୟ। ଶିଶୁସାହିତ୍ୟରେ ପିଲାର ଜ୍ଞାନ ବୃଦ୍ଧି ବଡ଼କଥା ନୁହେଁ, ମନୋରଞ୍ଜନ ନିହାତି ଜରୁରୀ। ତେଣୁ ଯୁକ୍ତାକ୍ଷର ନଥିବା କବିତାକୁ ପିଲାଟିଏ ପାଣି ଭଳି ସ୍ୱାଭାବିକ ଭାବେ ପଢି ତାହାର ଆନନ୍ଦ ନେଇପାରିବ।

## କେ' ହେବ ତା'ର ସରି



ତରୁ ଲତାଙ୍କ ସବୁଜ ଶିରୀ
ଦେଖିଲେ ଖୁସି ଝରେ
ଦିଅନ୍ତି ସିଏ ଫୁଲ ଓ ଫଳ
ଆମରି ପେଟ ପୂରେ।
ପରଜାପରି କଳା ଭଅଁର
ଆସନ୍ତି ଉଡ଼ି ଉଡ଼ି
ଅତି ସରାଗେ ମହୁ ଶୋଷନ୍ତି
ଟିକି ଡେଣାକୁ ଝାଡ଼ି।
କୋଳି ହେଉବା ପାଚିଲା ଫଳ
ପାଟିକୁ ଲାଗେ ବାଗ
ଦେହରେ ଦିଏ ଶକତି ଭରି
ଦୂରେଇ ଯାଏ ରୋଗ।
ବିଲରେ ହସେ ଫସଲ କେତେ
ଯୋଗାଏ ଭାତ ଡାଲି
ତା' ପାଇଁ ପରା ଜଗତ ଜିଏଁ
ପାରିବ କିଏ ଭୁଲି।
ଗ୍ରୀଷମ କାଳେ ଗଛର ଛାଇ
ମନକୁ ନିଏ କିଣି
ଆମକୁ ଦିଏ ଶୁଦ୍ଧ ପବନ
ବିଷ ଦରବ ଛାଣି।
ଗଛ ଓ ଲତା ପରିବେଶକୁ
ରଖଇ ନିରିମଳ
ଯା' ପାଇଁ ଆସେ ବରଷା କାଳ
ଦିଏ ଶୀତଳ ଜଳ।
ସବୁକୁ ଯିଏ କୋଳରେ ଧରି
ପାଳଇ ମାଆ ପରି
ସେଇ ଆମରି ଧରଣୀ ମାଆ
କେ' ହେବ ତା'ର ସରି।

ଗପ

## ଲଙ୍କାମରିଚ କଲା ବିଚାର


ଡ଼. କାଳିକିଙ୍କର

ଲଙ୍କା ମରିଚ ଦେଖିଲା ଯେ ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ସମସ୍ତେ ପରସ୍ପର ଯୁକ୍ତି କରୁଛନ୍ତି ଯେ କିଏ ବଡ଼। ଲଙ୍କା ମରିଚ ଚୁପଚାପ ଏକଥା ଶୁଣୁଥିଲା।
ଜହ୍ନି କହୁଛି- ସଞ୍ଜରେ ମୋ ଫୁଲ କେଡ଼େ ସୁନ୍ଦର, ଜହ୍ନ ଦେଖି କହେ ମୁଁ ଆପଣାର।
ଏକଥା ଶୁଣି ଭେଣ୍ଡି କହିଲା- କୁନି ଝିଅଙ୍କର ଆଙ୍ଗୁଠି ପରି- କହନ୍ତି ସଭିଏଁ ମୁହିଁ ସୁନ୍ଦରୀ।
ଲାଉ ଓହଳି ପଡ଼ି କହିଲା- ମୋ ପରି ସୁନ୍ଦର କିଏ ବା ଅଛି- ଘର ଚାଳିଆରେ ଶେଜ ପାରିଛି।
କଖାରୁ କହିଲା- ଗରିବ କି ଧନୀ ସଭିଙ୍କ ପ୍ରିୟ- ମୋ ଆଦର ପତ୍ର ଡାଳର ସହ।
କଲରା କହିଲା- ଏ ଯୁଗରେ ମୋର ଚାହିଦା ବେଶି -ସଭିଙ୍କୁ ହେଲାଣି ଡାଏବେଟିସି।
ସେଇବାଟ ଦେଇ କୁନୁ, ଟୁନୁ, ମନୁ ଆଦି ଯାଉଯାଉ ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ଆଦିଙ୍କ ଯୁକ୍ତିତର୍କ ଶୁଣିଲେ। ଲଙ୍କାମରିଚ କହିଲା- ପିଲାମାନେ ତୁମେ ଏମାନଙ୍କ ଭିତରୁ ବଡ଼ କିଏ କହିଦିଅ। ସେମାନେ ପରସ୍ପର ଯୁକ୍ତିତର୍କ କରୁଛନ୍ତି। ଏମିତି ଯୁକ୍ତିତର୍କ ଭଲ ନୁହେଁ। ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ଆଦି କହିଲେ ହଁ ଠିକ୍ କଥା ପିଲାମାନେ, ତୁମେ ହିଁ ବିଚାର କରି କୁହ ଆମ ଭିତରୁ ବଡ଼ କିଏ ? ଲଙ୍କାମରିଚ ଯାହା କହୁଛି ଠିକ୍ କହୁଛି। ଯୁକ୍ତିତର୍କ କରିବା ଉଚିତ୍ ନୁହଁ।
କୁନୁ କହିଲା ହଁ ଯେ, ତେବେ ଲଙ୍କାମରିଚ ମଧ୍ୟ ତୁମମାନଙ୍କ ପରି ବଡ଼ କି ନୁହେଁ ତାର ମଧ୍ୟ ଜାଣିବା ଦରକାର। କାରଣ ଲଙ୍କାମରିଚ ବିନା ତୁମମାନଙ୍କୁ ନେଇ ତିଆରି ବ୍ୟଞ୍ଜନ ସୁଆଦିଆ ନୁହେଁ ବୋଲି ଜେଜେମା ଓ ମାଆ କହୁଥିଲେ।



ହାତ ଯୋଡି ଲଙ୍କାମରିଚ କହିଲା ନା ଭାଇ ନା, ମୁଁ ତ ସାମାନ୍ୟ। ମୋତେ ବଡ଼ ବୋଲି ବୋଲେଇ ହେବାର ଆଦୌ ଅଧିକାର ନାହିଁ। ଏମିତି ଦେଖିଲେ ଭଗବାନଙ୍କର ସୃଷ୍ଟିରେ ସମସ୍ତେ ସମାନ। ଭଗବାନ ହିଁ ବଡ଼। କାରଣ ସେ ଆମକୁ ସୃଷ୍ଟି କରିଛନ୍ତି। ସ୍ରଷ୍ଟାଙ୍କୁ ଛାଡ଼ି ସୃଷ୍ଟି ଗର୍ବ କରିବା ଉଚିତ୍ ନୁହେଁ। ଯୁକ୍ତିତର୍କ କରିବା ମଧ୍ୟ ଉଚିତ୍ ନୁହେଁ।
ବାଃ, ଲଙ୍କାମରିଚର କଥା ଶୁଣି କୁନୁ, ଟୁନୁ, ମନୁ ଆଦି ପିଲାଏ ତାଳି ମାରିଲେ। ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ମଧ୍ୟ ତାଳି ମାରିଲେ। କହିଲେ, ଠିକ୍ କଥା ଏ ଲଙ୍କାମରିଚ କହିଛି। ଆମେ କିଏ ବଡ଼ କିଏ ସାନ ବୋଲି ଯୁକ୍ତିତର୍କ କରିବା ଉଚିତ୍ ନୁହେଁ।
କୁନୁ କହିଲା- ଯାହାକୁ ସାମାନ୍ୟ ଲଙ୍କାମରିଚ ଆମେ ଭାବୁ ସେ ଆଜି ଉଚିତ୍ ବିଚାର କରିଦେଲା। ଧନ୍ୟ ଧନ୍ୟ ଲଙ୍କାମରିଚ।

**ରଟିଲୋ, ରେଞ୍ଚ, ପୁରୀ-୧୪**
**ମୋ: ୮୨୪୯୨୧୬୦୬୭**

## ଆମେ ଏ ଯୁଗ ଶିଶୁ


ସୁଧାକର ରାଉତ

ଆମେ ଏ ଯୁଗ ଶିଶୁ
ଦୁନିଆ ମୁଖେ ଫୁଟଇ ହସ
ଯେବେ ବି ଆମେ ହସୁ।
ଆଜି ତ ଆମେ ହୋଇଛୁ କଢ଼ି
ଯତ୍ନ ଆଦରେ ଯିବୁଟି ବଢ଼ି
ଫୁଲଟେ ହୋଇ ଫୁଟିଲେ ଆମେ
ଯଶ ଖ୍ୟାତିରେ ବାସୁ
ଆମେ ଏ ଯୁଗ ଶିଶୁ।
ମନ ଲଗାଇ ପଢ଼ିବୁ ପାଠ
କେଉଁ କାମରେ ହେବୁନି ମଠ
ବିଦ୍ୟା ଅଟଇ ଯେ ମହାଧନ
ଏ ଭାବ ଆମ ଆସୁ
ଆମେ ଏ ଯୁଗ ଶିଶୁ।
ପିତା ମାତା ଯେ ଠାକୁର ଆମ
ଆଶିଷେ ତାଙ୍କ ଅର୍ଜିବା ନାମ
ଗୁରୁଜନଙ୍କୁ ଭକ୍ତି କରିବା
ଜ୍ଞାନଟି ମନେ ପଶୁ
ଆମେ ଏ ଯୁଗ ଶିଶୁ।
ଚରିତ୍ର ଆମର ଶ୍ରେଷ୍ଠ ଧନ
ଗଠନେ ତାହାର ଦେବା ଧ୍ୟାନ
ସତ୍ୟ ପଥେ ସଦା ଚାଲିବାକୁ
ବାଧାବିଘ୍ନକୁ ନାଶୁ
ଆମେ ଏ ଯୁଗ ଶିଶୁ।
ମାନବ ସେବା ମାଧବ ସେବା
ମନୁ ଏ କଥା ନ ପାଶୋରିବା
ପରହିତରେ ଲାଗିବା ହେଉ
ନର, ପକ୍ଷୀ ବା ପଶୁ
ଆମେ ଏ ଯୁଗ ଶିଶୁ।

**ପ୍ରତାପ ନଗରୀ, କଟକ**
**ମୋ: ୮୨୪୯୯୩୨୭୯୨**

ଜଣାଅଜଣା

## ସବୁଠୁ ଲମ୍ବା ପୋଲ


ଧୁବୁରି-ଫୁଲବାରି ପୋଲ ହେଉଛି ଦେଶର ସବୁଠୁ ଲମ୍ବା ପୋଲ। ତେବେ ଏହାର ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ପୋଲଟି ସଂପୂର୍ଣ୍ଣ ହୋଇଗଲେ ଲୋକମାନେ ଖୁବ୍ ଉପକୃତ ହେବେ। କାରଣ ସେମାନଙ୍କ ପାଇଁ ଦୂରତା ଯଥେଷ୍ଟ କମିଯିବ। ଏହା ପୁଣି ଦେଶର ଦୁଇ ରାଜ୍ୟକୁ ଯୋଡୁଥିବା ଦେଶର ପ୍ରଥମ ପୋଲ। ପୋଲଟି ଆସାମର ଧୁବ୍ରି ସହ ମେଘାଳୟର ଫୁଲବାରିକୁ ଯୋଡ଼ିବ। ବ୍ରହ୍ମପୁତ୍ର ନଦୀରେ ନିର୍ମାଣ ହେଉଥିବା ଏହି ପୋଲଟିର ଲମ୍ବ କିଲୋମିଟର ବା ଦୁଇ କିଲୋମିଟର ନୁହେଁ, ପୂରା ୧୯ କିଲୋମିଟର ୩୦୦ ମିଟର। ପୋଲିଟିର ନିର୍ମାଣ ଶେଷ ହେବା ବେଳକୁ ପ୍ରାୟ ୪୯୯୭ କୋଟି ଟଙ୍କା ଖର୍ଚ୍ଚ ହେବ। ଧୁବ୍ରିରୁ ଫୁଲବାରିରେ ପହଞ୍ଚିବା ପାଇଁ ୨୦୫ କିଲୋମିଟର ବୁଲିବୁଲି ଯିବାକୁ ପଡୁଛି। ଏବେ ମାତ୍ର ୧୯ କିଲୋମିଟର ପାଖାପାଖି ଯିବାକୁ ପଡ଼ିବ। ୨୦୨୮ ମସିହା ସେପ୍ଟେମ୍ବର ସୁଦ୍ଧା ପୋଲଟି ସଂପୂର୍ଣ୍ଣ ହେବା ଆଶା କାରାଯାଉଛି।



ମାଡିଭଙ୍ଗା

## ଆଦର୍ଶ ଗୁରୁ


ପ୍ରଭାତ କୁମାର ମହାପାତ୍ର



ସକ୍ରେଟିସ ଜଣେ ବିଶିଷ୍ଟ ଗ୍ରୀସ ଦାର୍ଶନିକ ଥିଲେ। ତାଙ୍କୁ ନିଜର ସ୍ୱଷ୍ଟ ବାଦିତା, ନିର୍ଭୀକତା ସତ୍ୟବାଦିତା ଯୋଗୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା। କୌଣସି କାରଣରୁ ତାହା କାର୍ଯକାରୀ ହୋଇ ପାରିନଥିଲା। ତାଙ୍କୁ ବନ୍ଦୀ ଗୃହରୁ ମୁକ୍ତ କରିବା ପାଇଁ ତାଙ୍କ ଶିଷ୍ୟମାନେ ବହୁ ଉପାୟ ଚିନ୍ତା କରୁଥିଲେ। ଥରେ ଜଣେ ଶିଷ୍ୟ ଗୁରୁ ସକ୍ରେଟିସଙ୍କ ସହିତ ଗୋପନରେ ସାକ୍ଷାତ କରି କହିଲେ, ଗୁରୁଦେବ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଆମେମାନେ ଆପଣଙ୍କୁ ବନ୍ଦୀ ଗୃହରୁ ମୁକ୍ତ କରିବା ପାଇଁ ଗୋଟିଏ ଉପାୟ ସ୍ଥିର କରିଛୁ। ଆପଣଙ୍କୁ ଏକ ନିରାପଦ ସ୍ଥାନକୁ ନେଇଯିବୁ। ସକ୍ରେଟିସ କହିଲେ, ମୁଁ ଆଦୌ ବ୍ୟସ୍ତ ହେଉନାହିଁ। ବନ୍ଦୀ ଗୃହରୁ ଖସି ଯାଇ ଜୀବନ ରକ୍ଷା କରିବାକୁ ମଧ୍ୟ ମୋର ଇଚ୍ଛା ନାହିଁ। ତଥାପି ତୁମେ କ'ଣ ଉପାୟ କରିଛ, ସେ ବିଷୟରେ ମୋତେ କୁହ। ଶିଷ୍ୟ ଜଣକ କହିଲେ, ଆମେ ଜଗୁଆଳିମାନଙ୍କୁ ଠକି ଜେଲର କର୍ତ୍ତୃପକ୍ଷଙ୍କ ଆଖିରେ ଧୂଳି ଦେଇ ଆପଣଙ୍କୁ ଏକ ନିରାପଦ ସ୍ଥାନକୁ ନେଇଯିବୁ। ସକ୍ରେଟିସ ନିଜ ଶିଷ୍ୟଙ୍କ ମୁହଁରୁ ଏପରି କଥା ଶୁଣି ଖୁବ୍ ଦୁଃଖ ପ୍ରକାଶ କଲେ ଏବଂ କହିଲେ, ତୁମେ ଏ ପ୍ରକାର ଉପାୟ ଚିନ୍ତା କରି ମୋର ସମସ୍ତ କାର୍ଯ୍ୟ ତଥା କୃତିତ୍ୱକୁ ନଷ୍ଟ କରିଦେଲ। ତୁମେ ମୋର ଶିଷ୍ୟ ହୋଇ ଏପରି କାର୍ଯ୍ୟ କରିବାକୁ ଟିକେ ଲଜ୍ଜାବୋଧ ହେଲା ନାହିଁ ? କହିଲ ଦେଖି, ବିଶ୍ୱାସ ଘାତକତା କରିବା ପାଇଁ ମୁଁ କେବେ ଶିକ୍ଷା ଦେଇଛି କି ? ତୁମେ ତେବେ ମୋର ପ୍ରକୃତ ଶିଷ୍ୟ ହେବାର ଯୋଗ୍ୟ ନୁହଁ। ତୁମେ ଏଠାରୁ ଶୀଘ୍ର ଚାଲିଯାଅ। ମୁଁ ତୁମର ମୁହଁ ମଧ୍ୟ ଦେଖିବାକୁ ଚାହେଁ ନାହିଁ। ଏକଥା ଶୁଣି ଶିଷ୍ୟର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ଶିଷ୍ୟ ଜଣକ ତଥାପି ସାହସର ସହ କହିଲେ, ଗୁରୁଦେବ, କେବଳ ଆପଣଙ୍କ ଜୀବନ ରକ୍ଷା ପାଇଁ ଉପାୟଟି କରାଯାଇଥିଲା। ସକ୍ରେଟିସ କହିଲେ, ମୁଁ ମୋ ଆଦର୍ଶ ଓ ନିୟମକୁ ଜୀବନଠାରୁ ଅଧିକ ଭଲ ପାଏ! ନିଜ ଆଦର୍ଶକୁ ତ୍ୟାଗ କରିବା ଅପେକ୍ଷା ମୃତ୍ୟୁକୁ ମୁଁ ବେଶୀ ପସନ୍ଦ କରିବି।
ଗୁରୁଙ୍କ କଥା ଶୁଣି ଶିଷ୍ୟମାନେ ନିର୍ବାକ ହୋଇଗଲେ ତାଙ୍କ ପାଟିରୁ ପଦେ ହେଲେ କିଛି ବାହାରିଲା ନାହିଁ। ନିଜକୁ ଲଜ୍ଜିତ ମନେ କରି ବନ୍ଦୀ ଶାଳାରୁ ଫେରିଗଲେ। ସକ୍ରେଟିସ ହସି ହସି ବିଷ ପାନ କଲେ ଓ ଏହି ଦୁନିଆରୁ ବିଦାୟ ନେଲେ। ପ୍ରକୃତରେ ଏପରି ମହାନ୍ ବ୍ୟକ୍ତିଙ୍କୁ ଯେତେ ପ୍ରଣାମ କଲେ ମଧ୍ୟ କମ୍ ହିଁ ହେବ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ**
**ମୋ: ୭୮୯୪୦୦୫୪୫୫**


## କାର୍ତ୍ତିକ ମାସରେ କ୍ଷେତ


ନିରଞ୍ଜନ ସାହୁ

କାର୍ତ୍ତିକରେ କ୍ଷେତ ସୁନ୍ଦର ଦିଶେ
ଚଷା ପୁଅ ମନ ତହିଁରେ ମିଶେ
ପେଣ୍ଡା କାଢୁଥାଏ ଧାନ
ଶିରିଶିରି ଯେବେ ପବନ ବହଇ
ଚାଷୀ କରେ ଗୀତ ଗାନ।
କ୍ଷେତ ଦିଶୁଥାଏ ଶାଗୁଆ ରଙ୍ଗ
କେଣ୍ଡା ବାହରିକି ଦେଖାଏ ଢଙ୍ଗ
ଲୋଡ଼ଇ ସାମାନ୍ୟ ବର୍ଷା
ବେଳେବେଳେ ବାତ୍ୟା ଉତ୍ପାତ କରେ
କ୍ଷେତକୁ କରିକି ଈର୍ଷା।
ବିଲେ ରହିଥାଏ ଯେତିକି ପାଣି
ମାଛ ରହିଥାନ୍ତି ଏକଥା ଜାଣି
ଛକି ବସିଥାଏ ବକ
ସୁବିଧା ମିଳିଲେ ମାଛ ଧରିବାକୁ
ହେଉଥାଏ ଟକଟକ।
ହାତୀ, ଷଣ୍ଢ, ମୃଗ କ୍ଷେତକୁ ଆସି
ଚାଷୀର ଫସଲ ଦିଅନ୍ତି ନାଶି
ଫସଲ ସୁରକ୍ଷା ପାଇଁ
ଏକାକାର କରି ଦିନରାତି ଚାଷୀ
କ୍ଷେତକୁ ଆସଇ ଧାଇଁ।
ଧାନ ପାଚିବାକୁ ସମୟ ଲାଗେ
ଖରାଟିଆ ପାଗ ପଚାଏ ବାଗେ
ଲକ୍ଷ୍ମୀ ବିରାଜନ୍ତି କ୍ଷେତେ
ଚଷା ପୁଅ କୃତଜ୍ଞତା ହିଁ ଜଣାଏ
ଭକ୍ତି ଚିତ୍ତେ କେତେକେତେ।

**ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୧୬**
**ମୋ: ୯୯୩୮୭୪୧୫୮୩**

## ତୁମ ପାଇଁ ବହି




### ମୋ ଆଶା

ସଂପାଦକ: ସୁମନ୍ତ ମହାରଣା
ଠିକଣା: ପାଟପୁର, ନିମାପଡ଼ା, ଜି: ପୁରୀ
ମୂଲ୍ୟ: ୨୦ଟଙ୍କା

ସବୁ ଥର ଭଳି ଏସଂଖ୍ୟା ମଧ୍ୟ ବେଶ୍ ସଦୃଶ୍ୟ ହୋଇଛି। ଏଥିରେ ରାଜ୍ୟର ବହୁ ପ୍ରତିଷ୍ଠିତ ଲେଖକଙ୍କ ଗଳ୍ପ ଓ କବିତା ସ୍ଥାନ ପାଇଛି। ଏହା ଛଡ଼ା ରହିଛି କୁନି ମଡ଼େଲ, ଆମ ହାତ ଅଙ୍କା ଛବି, ପୁରାଣ କଥା, ଆମ ପ୍ରତିଭା ଓ ପୃଥିବୀର କନିଷ୍ଠତମ ଖଗୋଳବିଜ୍ଞାନୀ ଆଦି ଅନେକ ଜ୍ଞାନ ବିଜ୍ଞାନ ସମ୍ବନ୍ଧୀୟ ଲେଖା। ପ୍ରକୃତରେ ପିଲାମାନେ ପଢ଼ିବା ଭଳି ବହିଟିଏ।

## କୁନାକୁନିଙ୍କ ଚିତ୍ର




**ସାଇ ଶ୍ରୀ ବେହେରା**
କ୍ଲାସ୍-୩,
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ନିମାପଡ଼ା, ଜି: ପୁରୀ


**ପ୍ରଜ୍ଞାସୁଧା ପ୍ରଧାନ**
କ୍ଲାସ୍-୬,
ରୟାଲ୍ ପବ୍ଲିକ୍ ସ୍କୁଲ୍,
ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ
ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ଏମ୍ଏସ୍ଏମ୍ଇ ୟୁନିଫାଏ ପକ୍ଷରୁ ସଚେତନତା ଶିବିର




**କଟକ,୩୧।୧୦/ଏନ୍ଏନ୍ଏସ୍:** ଓଡ଼ିଶା ଯୁବ ଶିଳ୍ପଦ୍ୟୋଗୀ ସଂଘ (ଓଇଆ) ଓ ଏମ୍ଏସ୍ଏମ୍ ୟୁନିଫାଏ ଗୁରୁଗ୍ରାମର ମିଳିତ ଆନୁକୂଲ୍ୟରେ କଟକ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏମ୍ଏସ୍ଏମ୍ଇ କମ୍ପିଟିଟେଭ୍ ଲିନ୍ ଯୋଜନାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଲୀନ ଯୋଜନାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମସ୍ତ ଏମ୍ଏସ୍ଏମ୍ଇମାନଙ୍କର କିପରି ଉନ୍ନତି ସହିତ ସେମାନଙ୍କର ୟୁନିଟ୍ ଲାଭବାନ ହୋଇପାରିବ ତାହା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀ ସଂଘର ସଭାପତି ମିହିର କୁମାର କାନୁନଗୋ, ସାଧାରଣ ସମ୍ପାଦକ ଡ. ଶିବବ୍ରତ ରାଉତ, ଉପସଭାପତି ବିଜୟ କୁମାର ସାହୁ, ଓଇଆ ଖୋର୍ଦ୍ଧା ଜିଲ୍ଲା ସଭାପତି ଚନ୍ଦନା ଦାସ, ଏମ୍ଏସ୍ଏମ୍ ୟୁନିଫାଏର ପ୍ରକଳ୍ପ ମୁଖ୍ୟ ସାଗର ପରିଡ଼ା ଓ ପ୍ରଭାସିନୀ ସାହୁ ଉପସ୍ଥିତ ଥିଲେ। ଏମ୍ଏସ୍ଏମ୍ ୟୁନିଫାଏ ତରଫରୁ ଅମିତ ରଞ୍ଜନ ଲୀନ ଯୋଜନାକୁ ଉପସ୍ଥାପନ କରିଥିଲେ ଏବଂ ଏମ୍ଏସ୍ଏମ୍ ୟୁନିଫାଏର ପ୍ରକଳ୍ପ ମୁଖ୍ୟ ଶ୍ରୀ ପରିଡ଼ା ଉପସ୍ଥିତ ଥିବା ଉଦ୍ୟୋଗୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗଡ଼ଗଡ଼ିଆ ଘାଟରୁ 'କଳିଙ୍ଗ ତରଙ୍ଗିଣୀ'ର ଶୁଭାରମ୍ଭ

**କଟକ,୩୧।୧୦/ଏନ୍ଏନ୍ଏସ୍:** ଐତିହାସିକ କଟକ ବାଲିଯାତ୍ରାକୁ ଆଉ ୪ ଦିନ ରହିଥିବାବେଳେ ଆଜି ମହାନଦୀର ଗଡ଼ଗଡିଆ ଘାଟଠାରେ କଳିଙ୍ଗ ତରଙ୍ଗିଣୀର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ମିତ ଏହି ନୂତନ ବୋଇତର ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ରୀତିମତେ ପୂଜାର୍ଚ୍ଚନା କରାଯାଇ ବୋଇତର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍ସି ଆୟୁକ୍ତ ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ଼ ଉପଜିଲ୍ଲାପାଳ ପହ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା ଓ ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ବାଲିଯାତ୍ରା ପରେ ଏହି ବୋଇତରେ ପର୍ଯ୍ୟଟକମାନେ ମହାନଦୀର ନୀଳ ଜଳରାଶିରେ ବୁଲିବାର ଅନୁଭବ ସାଉଁଟିପାରିବେ। ପ୍ରାଚୀନ କଳିଙ୍ଗର ବୋଇତ ନିର୍ମାଣ ଶୈଳୀରେ ନିର୍ମିତ ଏହି ନୌକା ଆମକୁ ସେହି ସୁବର୍ଣ୍ଣ ଯୁଗକୁ ଏକ ସ୍ୱପ୍ନ ଭଳି ଫେରାଇନିଏ, ଯେତେବେଳେ କଳିଙ୍ଗର ଦୁର୍ଦ୍ଧର୍ଷ ନାବିକ ଓ ସାଧବମାନେ ମହାନଦୀର ଗଡ଼ଗଡ଼ିଆ ଘାଟରୁ ବାହାରି କଳିଙ୍ଗ ସାଗରର ନୀଳ ଜଳରାଶିକୁ ଅତିକ୍ରମ କରି ବାଲି, ଜାଭା, ସୁମାତ୍ରା, ଶ୍ରୀଲଙ୍କା ଓ ଅନ୍ୟାନ୍ୟ ଦୂର ଦ୍ୱୀପଦେଶଗୁଡ଼ିକୁ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ। ଏହି ଯାତ୍ରା କେବଳ ବାଣିଜ୍ୟିକ ଯାତ୍ରା ନଥିଲା ବରଂ ସାଂସ୍କୃତିକ ଆଦାନପ୍ରଦାନର ଏକ ମାଧ୍ୟମ ଥିଲା-ଯାହା ଉଭୟ ସମୁଦ୍ର ସେପାରି ଓ ଏପାରିର କଳା, ସଂସ୍କୃତି, ବେଶଭୂଷା ଓ ଖାଦ୍ୟପେୟରେ ପ୍ରତିଫଳିତ ହେଉଛି। 'କଳିଙ୍ଗ ତରଙ୍ଗିଣୀ', ଏହି ନାଁ ଓଡ଼ିଶାର ଗୌରବମୟ ଐତିହ୍ୟ ଓ ଦୁଃସାହସିକ ନୀଳ ସାଗର ଯାତ୍ରାର ଅଭିବ୍ୟକ୍ତି। 'କଳିଙ୍ଗ', ଶବ୍ଦ ଆମକୁ ସେହି ପୁରାତନ ସାମ୍ରାଜ୍ୟର ସ୍ମୃତି ପଟଳ ଭିତରକୁ ଫେରାଇନିଏ, ଯେଉଁଠାରେ ସାହସ, ବାଣିଜ୍ୟ ଦକ୍ଷତା ଓ ସଂସ୍କୃତି ଓଡ଼ିଆ ଜାତିର ପରିଚୟ ଥିଲା। 'ତରଙ୍ଗିଣୀ'ର ଅର୍ଥ, ତରଙ୍ଗ ସହିତ ଗତି, ଯାହା ଜୀବନର ଅବିରତ ଗତି, ସହନଶୀଳତା ଓ ଆଗକୁ ବଢ଼ିବାର ଆଶା ଓ ଭରସାର ପ୍ରତୀକ। ଏହି ଦୁଇ ଶବ୍ଦ ଏକତ୍ର ହୋଇ ଓଡ଼ିଶାର ସାଗରୀୟ ସଂସ୍କୃତିର ଅବିନାଶୀ ଗୀତ ଗାଏ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



## ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ

# ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବାକୁ ଆହ୍ୱାନ





**କଟକ,୩୧।୧୦/ଏନ୍ଏନ୍ଏସ୍:** କଟକସ୍ଥିତ ଷଷ୍ଠ ଓଏସ୍ଏପି ବାଟାଲିୟନ୍ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଶୁକ୍ରବାର ପୂର୍ବାହ୍ଣରେ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍‌ବ୍ରାଞ୍ଚ) ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ପୁଲିସ ଅଧିକାରୀ, କର୍ମଚାରୀ ଏବଂ ପ୍ୟାରେଡ୍‌ରେ ସାମିଲ ହୋଇଥିବା ଯବାନଙ୍କୁ ଶ୍ରୀ ମିଶ୍ର ଶପଥପାଠ କରାଇଥିଲେ। ଏହା ସହ ସର୍ଦ୍ଦାର ପଟେଲଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହ ତାଙ୍କ କାର୍ଯ୍ୟଦକ୍ଷତା, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ଅତୁଳନୀୟ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଦେଶର ପ୍ରତ୍ୟେକ ନାଗରିକ ଭାଇଚାରା, ବନ୍ଧୁତା ଏବଂ ଏକତାର ମନୋଭାବ ନେଇ କାର୍ଯ୍ୟ କରିବା ସହ ଭାରତର ଇତିହାସ ପାଇଁ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଅପରାଧ ଦମନ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଓଡିଶା ପୁଲିସର ୩୪ ପୁଲିସ ଜିଲ୍ଲାର ସମସ୍ତ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଆଜିର ସମ୍ମିଳିତ ପ୍ୟାରେଡ୍‌ରେ ଓ.ଏସ.ଏ.ପି ଷଷ୍ଠ ବାଟାଲିୟନ୍ (କଟକ), ଷଷ୍ଠ ଆଇ.ଆର୍ ବାଟାଲିୟନ୍ (ଖୋର୍ଦ୍ଧା), ତୃତୀୟ ଆଇ. ଆର୍. ବାଟାଲିୟନ୍, ପୁଲିସ କଲର ପାର୍ଟି (କଟକ), ବ୍ରାସ୍‌ବ୍ୟାଣ୍ଡ ପାର୍ଟି (କଟକ) ଅଂଶଗ୍ରହଣ କରିଥିଲେ। ତୃତୀୟ ଆଇ. ଆର୍. ବାଟାଲିୟନ୍ କମାଣ୍ଡାଣ୍ଟ ୟାକୁବ ଖାନ ପ୍ୟାରେଡ୍‌ର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଧୁନିକୀକରଣ) ଏସ୍. କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କମୁନିକେସନ୍) ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ




**କଟକ,୩୧।୧୦/ଏନ୍ଏନ୍ଏସ୍:** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ର ନିର୍ମାତା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ତାଙ୍କ ଅଭିଭାଷଣରେ ରାଷ୍ଟ୍ରୀୟ ଏକତା, ଅଖଣ୍ଡତା ଓ ବିଶାଳ ଭାରତ ବର୍ଷ ନିର୍ମାଣରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବର୍ଣ୍ଣନା କରି ଏକ ଆତ୍ମନିର୍ଭର ଭାରତ ଗଠନ ପାଇଁ ସଂକଳ୍ପବଦ୍ଧ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସର୍ଦ୍ଦାର ପଟେଲଙ୍କ ବ୍ୟକ୍ତିତ୍ୱ ଓ ରାଷ୍ଟ୍ରପ୍ରେମ ଯୁବଛାତ୍ର ସମାଜର ପ୍ରେରଣାର ଉତ୍ସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଂଜନ ସାମଲ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରାଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରାଧ୍ୟାପକ ରଶ୍ମୀରଞ୍ଜନ ବିଶ୍ୱାଳ, ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କା, ଅଧ୍ୟାପକ ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡିପ୍ଲୋମା ଇଂଜିନିୟରିଂ ପ୍ରଥମବର୍ଷ ଛାତ୍ରୀ ଶ୍ରୀମୟୀ ପ୍ରିୟଦର୍ଶିନୀ ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଏକତା ଶପଥ ପାଠ କରାଯାଇଥିଲା। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ଯୋଗଦେଲେ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ




**କଟକ,୩୧।୧୦/ଏନ୍ଏନ୍ଏସ୍:** କଟକ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ରେଭେନ୍ସା କଲିଜିଏଟ୍ ସ୍କୁଲ୍ ନେତାଜୀ ଆଡିଟୋରିୟମ୍‌ଠାରେ କଟକ ଜିଲ୍ଲାସ୍ତରୀୟ ସୁରଭି ଉଦ୍‌ଘାଟିତ ହୋଇଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଏହାକୁ ଉଦ୍‌ଘାଟନ କରି କହିଲେ ଦୃଢ଼ ଇଚ୍ଛାଶକ୍ତି, ମନୋବଳ ଏବଂ ଆତ୍ମବିଶ୍ୱାସ ରହିଲେ ଛାତ୍ରଛାତ୍ରୀମାନେ ଜୀବନର ଶୀର୍ଷରେ ପହଞ୍ଚି ପାରିବେ। ଏହି ବିଦ୍ୟାଳୟରୁ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କର ଛାତ୍ର ଜୀବନ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ଛାତ୍ରଛାତ୍ରୀମାନେ ବିଦ୍ୟା ସହ କ୍ରୀଡ଼ା ତଥା ଅନ୍ୟାନ୍ୟ କ୍ଷେତ୍ରରେ ନିଜର ପ୍ରତିଭା ପ୍ରତିପାଦନ କରିବାପାଇଁ ସୁନ୍ଦର ପରିଚୟ ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସସ୍ମିତା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଦୀପ୍ତି ଶୁଭ ଦର୍ଶିନୀ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର,ମନୋରଞ୍ଜନ ବାରିକ, ସନ୍ତୋଷ କୁମାର୍ ସେଠୀ ଏବଂ ଜିଲ୍ଲା ଜାତି ଅନୁସୂଚିତ ଜନ ଜାତି ସଂଯୋଜିକା ଡକ୍ଟର ସୁଚିସ୍ମିତା ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଗତି ପଣ୍ଡା, ବିଷ୍ଣୁ ମୋହନ କବି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାର ୧୪ଟି ବ୍ଲକ ୨ଟି ମ୍ୟୁନିସପାଲିଟିରୁ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ବାରବାଟି ବିଧାୟିକା ସଫିଆ ଫିର୍ଦ୍ଦୋସ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ଜିଲ୍ଲା ପରିଷଦର ଅଧ୍ୟକ୍ଷ କିଶୋର ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କଟକ ସଦର ମଣ୍ଡଳ ଶିକ୍ଷାଧିକାରୀ ମନିଷା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

**କଟକ,୩୧।୧୦/ଏନ୍ଏନ୍ଏସ୍:** କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥଙ୍କ ପୌରୋହିତ୍ୟରେ ସ୍ୱାଧୀନ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ, ଲୌହମାନବୀ, ଭାରତରତ୍ନ, ବିଚକ୍ଷଣ ରାଜନୀତିଜ୍ଞା ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟ ତିଥି ଅବସରରେ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କର ବହୁବିଧ ପ୍ରତିଭା, ଦେଶ ପାଇଁ ତାଙ୍କର ଅବଦାନ ଓ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତାଙ୍କ ସମୟରେ ବ୍ୟାଙ୍କ୍ ଜାତୀୟକରଣ, ସ୍ୱତନ୍ତ୍ର ବଙ୍ଗଳା ଦେଶ ଗଠନ, ଦୃଢ଼ ବୈଦେଶିକ ନୀତି, ଶତ୍ରୁ ଦେଶ ଦମନ, ସାହସିକତା ପାଇଁ ତାଙ୍କୁ ଝାନସୀ ରାଣୀ ଲକ୍ଷ୍ମୀବାଇ ସହିତ ବକ୍ତାମାନେ ତୁଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ପ୍ରାକ୍ତନ ମୁଖପାତ୍ର ମାନସ ପରିଡ଼ା, ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ, ପ୍ରାକ୍ତନ କର୍ପୋରେଟର୍ ପ୍ରଶାନ୍ତ ଭୋଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ସମେତ ଜୟନାରାୟଣ ତ୍ରିପାଠୀ, ରଜନୀକାନ୍ତ ବସ୍ତିଆ, ଉଗ୍ରସେନ ଭୂୟାଁ, ଋଷି କାଣ୍ଡି, ବରିଷ୍ଠ କଂଗ୍ରେସ ନେତା ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।


## ସିଏମ୍‌ସି କାଉନ୍‌ସିଲ୍ ବୈଠକରେ ହୋହଲ୍ଲା

# ରଣକ୍ଷେତ୍ର ପାଲଟିଲା କାଉନ୍‌ସିଲ୍ ଗୃହ

**କଟକ,୩୧।୧୦/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ (ସିଏମ୍‌ସି) କାଉନ୍‌ସିଲ୍ ବୈଠକରେ ଶୁକ୍ରବାର ପୁଣି ତୁମୁଳକାଣ୍ଡ ହୋଇଛି। ବିଜେଡି ବିଜେପି କପୋରେଟର୍‌ମାନେ ମୁହାଁମୁହିଁ ହୋଇଛନ୍ତି। ସିଏମ୍‌ସି କାଉନ୍‌ସିଲ ବୈଠକରେ ଆଜି ଯେଉଁଭଳି ବିଶୃଙ୍ଖଳା ଦେଖାଦେଲା ତାହା କେବେ ଏପରି ଘଟନଥିଲା। ଗାଁ ଗହଳି ମିଟିଂ ଭଳି ଲାଗୁଥିଲା ଆଜିର ବୈଠକର ଦୃଶ୍ୟ। ବିଶେଷକରି ମୁକ୍ତାକାଶ ଜିମ୍ ଉପକରଣକୁ ନେଇ କଥା କଟାକଟି ଆରମ୍ଭ ହୋଇଥିଲା। ସିଏମ୍‌ସିର ୫୧ ନଂ ୱାର୍ଡରେ ଜିମ୍ ସରଞ୍ଜାମ କିଣିବା କ୍ଷେତ୍ରରେ ସ୍ଥାନୀୟ କର୍ପୋରେଟର୍‌ଙ୍କୁ ଅଣଦେଖା କରାଯାଉଛି ବୋଲି କର୍ପୋରେଟର୍ ଅଭିଯୋଗ କରିଥିଲେ। ଏହି ସମୟରେ ଏକ ଅପଶବ୍ଦକୁ ନେଇ ୫୧ ନଂ ୱାର୍ଡ କର୍ପୋରେଟର୍ ରାକେଶ ସ୍ୱାଇଁ ଏବଂ ୩୦ ନଂ ୱାର୍ଡ କର୍ପୋରେଟର୍ ରବି ନାରାୟଣ ସାହୁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବୈଠକରେ ବିଜେଡି ଓ ବିଜେପି କର୍ପୋରେଟର୍‌ମାନେ ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଥିଲେ। ପୂର୍ବତନ କମିଶନର ଅନାମ ଚରଣ ପାତ୍ରଙ୍କ ଅମଳରେ କୋଟିକୋଟି ଟଙ୍କା ହେରଫେର୍ ହୋଇଛି ବୋଲି କର୍ପୋରେଟର୍‌ମାନେ ଅଭିଯୋଗ କରିଥିଲେ। ତାଙ୍କ ଅବସର ସମୟରେ ଆଖିବୁଜା ଭାବେ ଫାଇଲ୍ ଦସ୍ତଖତ କରି କୋଟିକୋଟି ଟଙ୍କା ଲୁଟ୍ ହୋଇଛି ବୋଲି ବିରୋଧୀ କର୍ପୋରେଟର୍‌ମାନେ ତୁମୁଳକାଣ୍ଡ ଘଟାଇଥିଲେ। ବୈଠକରେ ପ୍ରବଳ ଉତ୍ତେଜନା ଯୋଗୁ ଗୃହ କାର୍ଯ୍ୟ ଚାଲିପାରି ନଥିଲା। ବୈଠକରେ ପାଟିତୁଣ୍ଡ, ମାଇକ ଭଙ୍ଗାଭଙ୍ଗି ଓ ଚୌକି ଫୋପଡ଼ାଫୋପଡ଼ି କରାଯାଇଥିଲା। ଉଭୟ ପକ୍ଷର କର୍ପୋରେଟର୍‌ମାନେ ମେୟର୍ ସୁବାସ ସିଂକୁ ଘେରି ଯାଇଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ସିଏମ୍‌ସି ସାଧାରଣ ବୈଠକକୁ ବାତିଲ କରାଯାଇଥିଲା। ଅବଶ୍ୟ ଅନାମ ପାତ୍ରଙ୍କ ବିରୋଧରେ ମଧ୍ୟ ପୂର୍ବ କାଉନ୍‌ସିଲ୍ ବୈଠକରେ ଅଭିଯୋଗ ଉଠିଥିଲା। ତେବେ ବିଜେପି କର୍ପୋରେଟର୍‌ଙ୍କ ପ୍ରତି ମହିଳା ବିଜେଡି କର୍ପୋରେଟର୍ ରାସ୍କେଲ ଶବ୍ଦର ଉଚ୍ଚାରଣକୁ ନେଇ କାଉନ୍‌ସିଲ୍ ହଲ୍ ରଣକ୍ଷେତ୍ର ପାଲଟି ଯାଇଥିଲ। ମହିଳା କର୍ପୋରେଟର୍‌ଙ୍କର ଏଭଳି ଶବ୍ଦ ଶୁଣି ଉତ୍‌କ୍ଷିପ୍ତ ହୋଇଥିଲେ ବିଜେପି କର୍ପୋରେଟର୍। ସିଏମ୍‌ସି କାଉନ୍‌ସିଲ୍ ଗଠନକୁ ପ୍ରାୟ ସାଢ଼େ ତିନି ବର୍ଷ ବିତିଲାଣି। ହେଲେ ସହର ସମସ୍ୟାରେ ସୁଧାର ନାହିଁ। କାଉନ୍‌ସିଲ୍ ଗଠନ ପୂର୍ବରୁ ମେୟର ସୁବାସ ସିଂହ ସହରବାସୀଙ୍କୁ ଅନେକ ସ୍ୱପ୍ନ ଦେଖାଇଥିଲେ। କଟକବାସୀ ବି ତାଙ୍କୁ ବିଶ୍ୱାସ କରି ଭୋଟ୍ ଦେଲେ। କଟକ ୟୁରୋପ ସିଟି ଭଳି ଏକ ସହରରେ ପରିଣତ ହେବ ବୋଲି ଦାବି କରୁଥିଲେ ସୁବାସ। ମାତ୍ର ସହରବାସୀଙ୍କ ସମସ୍ୟାରେ ସୁଧାର ସାଢ଼େ ତିନିବର୍ଷ ପରେ ମଧ୍ୟ ଦେଖିବାକୁ ମିଳିନାହିଁ ବୋଲି ଏକାଧିକ କର୍ପୋରେଟର୍ ପ୍ରଶ୍ନ ଉଠାଇଥିଲେ। ଇତିମଧ୍ୟରେ ସବୁ ୱାର୍ଡରେ ମେୟର୍ କି କମିଶନର କାହାରି ପାଦ ପଡ଼ିନାହିଁ। ପିସି ଉଦ୍ଦେଶ୍ୟରେ କାମ ହେଉଛି। ଯେଉଁଠି ନାଳର ଆବଶ୍ୟକତା ନାହିଁ ସେଇଠି ତିଆରି ହେଉଛି ଡ୍ରେନ୍। କଟକ ମହାନଗର ନିଗମ ସ୍ଥାଣୁ ପାଲଟିଛି, ମାସିକ କୋଟିକୋଟି ଟଙ୍କାର ଫଲ୍ସ ବିଲ୍ ହେଉଛି। ତୃତୀୟ ଶକ୍ତି ଇଙ୍ଗିତରେ ଚାଲିଛି କଟକ ମହାନଗର ନିଗମ। କାଉନ୍‌ସିଲ୍ ହଲ୍‌ରେ ଏଭଳି ଶବ୍ଦର ଉଚ୍ଚାରଣ ନିନ୍ଦନୀୟ ବୋଲି ବିଜେପି କର୍ପୋରେଟର୍ ନିଜ ପ୍ରତିକ୍ରିୟାରେ କହୁଥିଲା ବେଳେ ବିଜେପି କର୍ପୋରେଟର୍‌ଙ୍କର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ବିଜେଡି କର୍ପୋରେଟର୍। କଟକ ମହାନଗର ନିଗମର ୩୭ତମ ସାଧାରଣ ଅଧିବେଶନ ଆଜି ବିଜୁଭବନସ୍ଥିତ ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମେୟର୍ ଶ୍ରୀ ସିଂ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସିଏମ୍‌ସି କମିଶନର କିରଣଦୀପ କୌର ସହୋତା କେତେକ କର୍ପୋରେଟର୍‌ଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ। ପ୍ରାରମ୍ଭରେ କର୍ପୋରେଟର୍‌ଙ୍କ ପ୍ରିୟମ୍ବଦା ସ୍ୱାଇଁ ପରଲୋକ ଯୋଗୁ ତାଙ୍କର ପାଇଁ ୨ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା। ଆଜିର ବୈଠକରେ ବାଲିଯାତ୍ରା ସମ୍ପର୍କରେ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ବୈଠକ ଅଧାରୁ ବାତିଲ ହେବା ପରେ ଏ ବିଷୟରେ କୌଣସି ଆଲୋଚନା ହୋଇପାରିନାହିଁ।



# ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଶପଥପାଠ



**କଟକ,୩୧।୧୦/ଏନ୍ଏନ୍ଏସ୍:** ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଶପଥପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯେପରି ଭାରତକୁ ଏକତାର ସୂତ୍ରରେ ବାନ୍ଧିଥିଲେ, ସେପରି ଆମେ ସଂଗଠିତ ହୋଇ ଭାରତକୁ ଶକ୍ତିଶାଳୀ କରିବା ସହ ସମୃଦ୍ଧ ଜିଲ୍ଲା ଗଠନ ଦିଗରେ ପ୍ରତିବଦ୍ଧ ହେବାକୁ ଶ୍ରୀ ଟପୋ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଆଜି ସକାଳେ ଜବାହାରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡ଼ିୟମ୍‌ଠାରେ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଓ ଯୁବକମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ।

# ଡାକ୍ତର ପ୍ରଦୀପ ରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ,୩୧।୧୦/ଏନ୍ଏନ୍ଏସ୍:** ଓଡିଶା ପ୍ରାଇଭେଟ ହୋମିଓପାଥିକ ପ୍ରାକ୍ଟିସନର ସଂଘର ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ହୋମିଓପାଥିକ ଡାକ୍ତର ପ୍ରଦୀପ ରାଓଙ୍କ ଏକାଦଶାହ ଅବସରରେ ସଂଘର ରାଜ୍ୟ ସଭାପତି ଡ଼କ୍ଟର ନେତ୍ରାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ବିଡାନାସୀସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମେୟର ସୁବାସ ସିଂହ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ, ଡ. ଦେବେନ୍ଦ୍ର ମାନସିଂହ, ନାରାୟଣ ବିଶୋଇ, ରଞ୍ଜିତ କୁମାର ଆଚାର୍ଯ୍ୟ,କଳ୍ପନା କୁମାରୀ ଦେଇ,ଦୀନବନ୍ଧୁ ଭୋଇ,ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ହୋଇ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କେଳେଙ୍କାରୀ ମାମଲା**

# ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରର ଜାମିନ ଖାରଜ

**କଟକ,୩୧।୧୦/ଏନ୍ଏନ୍ଏସ୍:** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କେଳେଙ୍କାରୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଯାଇଛି। ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ ଅନ୍ୟ ଅଭିଯୁକ୍ତ ସୁଶାନ୍ତ ସାମଲର ମଧ୍ୟ ଜାମିନ ଆବେଦନ ଖାରଜ ହୋଇଛି। ଏହି ମାମଲାରେ ହାଇକୋର୍ଟରେ ଉଭୟ ଜାମିନ ଆବେଦନ କରିଥିଲେ। ସୂଚନାଯୋଗ୍ୟ ଯେ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ଅର୍ଥ ଅନିୟମିତତାକୁ ନେଇ ଗତ ଏପ୍ରିଲ ମାସରେ ଲୋଡିଂ ଏଜେନ୍ସିର ସଦସ୍ୟ କେନ୍ଦୁଝର ଥାନାରେ ଏକ ଅଭିଯୋଗ କରିଥିଲେ। ଏହାକୁ ନେଇ କେନ୍ଦୁଝର ସଦର ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ପରେ ଏହି ମାମଲାଟି ସିଆଇଡି-ସିବିକୁ ହସ୍ତାନ୍ତର କରାଯାଇଥିଲା। ଏହା ପରେ ଇଓଡବ୍ଲୁ ପଞ୍ଝାରେ ରାଜା ଚକ୍ର ଫସିଥିଲେ। ତାଙ୍କର ଗୋପାଳପୁରଠାରେ ଥିବା ଫାର୍ମ ହାଉସ୍, ବିଭିନ୍ନ ସ୍ଥାନରେ ଥିବା କ୍ରସର୍ ଓ ଅନ୍ୟ ସଂସ୍ଥାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିଥିଲା। ଫାର୍ମ ହାଉସ୍ ଚଢ଼ଉବେଳେ ଇଓଡବ୍ଲୁ ସାଂଘାତିକ ତଥ୍ୟ ପାଇଥିଲା। ସାଢ଼େ ୩ ଏକର ଜମି ନିଜ ପତ୍ନୀଙ୍କ ନାଁରେ ରହିଥିବା ବେଳେ ରାଜା ଚକ୍ର ସାଢ଼େ ୭ ଏକର ଜଙ୍ଗଲ ଜମି ମାଡ଼ି ବସିଥିଲେ। ଏହାକୁ ସିଲ୍ କରିବା ସହ ସମ୍ପତ୍ତି ବାଜାପ୍ତି କରିବାକୁ ଇଓଡବ୍ଲୁ ପ୍ରକ୍ରିୟା ଆରମ୍ଭ କରିଥିଲା।

# ଶିଭମ୍ ଓ ବୁମ୍‌ରାଙ୍କ ଟି-୨୦ ଅଜେୟ ଧାରାରେ ବ୍ରେକ୍

**ମେଲବୋର୍ଣ୍ଣ,୩୧।୧୦/ଏଜେନ୍ସି:** ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଶୁକ୍ରବାର ଟିମ୍ ଇଣ୍ଡିଆ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ୪ ୱିକେଟ୍‌ରେ ପରାସ୍ତ ହୋଇଛି। ଏହି ପରାଜୟ ସହ ଏହି ଫର୍ମାଟ୍‌ରେ ଶିଭମ୍ ଦୁବେ ଏବଂ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଅଜେୟ ଧାରା ମଧ୍ୟ ଭଙ୍ଗ ହୋଇଛି। ଦୁଇ ଖେଳାଳି ଗତ କିଛି ବର୍ଷରେ ଯେତେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ସେଥିରେ ଭାରତ ହାରିନଥିଲା। ଶିଭମ୍ ଦୁବେଙ୍କ ବିଜୟ ଧାରା ୩୭ ମ୍ୟାଚ୍ ପର୍ଯ୍ୟନ୍ତ ଜାରୀ ରହିଥିଲା, ଯାହା ଟି-୨୦ ଅନ୍ତର୍ଜାତୀୟରେ କୌଣସି ଖେଳାଳିଙ୍କ ସବୁଠୁ ଲମ୍ବା ଧାରା ଥିଲା। ଏହି ମାମଲାରେ ୟୁଗାଣ୍ଡାର ପାସ୍କଲ୍ ମୁରୁଙ୍ଗୀ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଉପସ୍ଥିତିରେ ୟୁଗାଣ୍ଡା ଟିମ୍ ଲଗାତାର ୨୭ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ହାରି



ନଥିଲା। ଚୂଡ଼ାନ୍ତ ଏକାଦଶରେ ଶିଭମ୍ ଦୁବେଙ୍କ ଉପସ୍ଥିତିରେ ଭାରତ ଶେଷଥର ପାଇଁ ୨୦୧୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ (ତିରୁଅନନ୍ତପୁରମ୍)ରେ ହାରିଥିଲା।

ଏହାପରେ ଶିଭମ୍ ଦୁବେ ଯେଉଁ ୩୭ ଟି-୨୦ ମ୍ୟାଚ୍‌ରେ ଭାରତୀୟ ଟିମ୍‌ର ସଦସ୍ୟ ରହିଥିଲେ, ସେଥିରେ ମ୍ୟାନ୍ ଇନ୍ ବ୍ଲ୍ୟୁ ହାରି ନଥିଲା। ସେହିପରି ଚୂଡ଼ାନ୍ତ ଏକାଦଶରେ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଉପସ୍ଥିତିରେ ଭାରତୀୟ ଟିମ୍ ୨୪ ଟି-୨୦ ମ୍ୟାଚ୍‌ରେ ପରାଜୟର ସାମ୍ନା କରିନଥିଲା। ଶେଷଥର ପାଇଁ ବୁମ୍‌ରାଙ୍କ ଉପସ୍ଥିତିରେ ଭାରତୀୟ ଟିମ୍ ୨୦୨୧ରେ ଦୁବାଇରେ ନ୍ୟୁଜିଲାଣ୍ଡଠାରୁ ପରାଜିତ ହୋଇଥିଲା। ଏହି ଦୁହିଁଙ୍କ ବ୍ୟତୀତ ଏହି ଲିଷ୍ଟରେ ମନୀଷ ପାଣ୍ଡେ (୨୦) ଏବଂ ମହମ୍ମଦ ଶାହଜାଦ୍ (୧୯)ଙ୍କ ନାମ ମଧ୍ୟ ସାମିଲ। ମେଲ୍‌ବର୍ଣ୍ଣରେ ମିଳିଥିବା ପରାଜୟ ସହ ଶିଭମ୍ ଓ ବୁମ୍‌ରାଙ୍କ ଅଜେୟ ଧାରାରେ ବ୍ରେକ୍ ଲାଗିଥିଲେ ମଧ୍ୟ ଏହି ରେକର୍ଡ ଆଗାମୀ ସମୟରେ ଯୁବ ଖେଳାଳିଙ୍କୁ ପ୍ରେରିତ କରିବ।

### ସବ୍-ଜୁନିୟର୍ ବାଳକ ଜାତୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍

# ତୃତୀୟ ମ୍ୟାଚ୍ ଡ୍ର’ ରଖିଲା ଓଡ଼ିଶା



**କଟକ,୩୧।୧୦/ଏନ୍ଏନ୍ଏସ୍:** ସବ୍-ଜୁନିୟର୍ ବାଳକ ଜାତୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ ବିହାର ବିପକ୍ଷରେ ଓଡ଼ିଶା ନିଜର ତୃତୀୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ୨-୨ରେ ଡ୍ର’ ରଖିଛି। ଏହା ସହିତ ଓଡ଼ିଶା ଚଳିତ ବର୍ଷର ଟୁର୍ଣ୍ଣାମେଣ୍ଟ୍‌ରେ ଅଭିଯାନ ଶେଷ କରିଛି। ମାଉଣ୍ଟ ଲିଟେରା ଜି ସ୍କୁଲ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍ ପ୍ରଥମାର୍ଦ୍ଧରେ ଗୋଲ୍‌ଶୂନ୍ୟ ରହିଥିଲା। ଏହାପରେ ସତ୍ୟଜିତ ସିଂହ (୭୩ତମ ମିନିଟ୍) ଏବଂ ଅୟାନ୍ ଖାନ୍ (୭୪ତମ ମିନିଟ୍) ଗୋଲ୍ ସ୍କୋର୍ କରି ଓଡ଼ିଶାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ବିହାର ପକ୍ଷରୁ ଚିରାଗ ରାଜ (୮୦ତମ) ଏବଂ ପ୍ରେମ କୁମାର (୯୦+୨ ତମ ମିନିଟ୍) ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ। ଟିମ୍ ଏବଂ କୋଚିଂ ଷ୍ଟାଫ୍ ଖେଳାଳିଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହିତ ଚାମ୍ପିଅନ୍‌ଶିପ୍‌ର ପରବର୍ତ୍ତୀ ସଂସ୍କରଣରେ ଟିମ୍ ଆହୁରି ଶକ୍ତିଶାଳୀ ଭାବେ ପ୍ରତ୍ୟାବର୍ତ୍ତନ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

# ମେଲ୍‌ବର୍ଣ୍ଣ ଟି-୨୦ରେ ହାରିଲା ଭାରତ

- ୪ ୱିକେଟ୍‌ରେ ଅଷ୍ଟ୍ରେଲିଆର ସହଜ ବିଜୟ
- ସୂର୍ଯ୍ୟା ବ୍ରିଗେଡ୍‌ର ବିଜୟ ଧାରାରେ ବ୍ରେକ୍



**ମେଲ୍‌ବର୍ଣ୍ଣ,୩୧।୧୦/ଏଜେନ୍ସି:** ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ (ଏମ୍‌ସିଜି)ରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ଭାରତକୁ ହରାଇ ଦେଇଛି। ଭାରତ ପ୍ରଥମେ ୧୮.୪ ଓଭର୍‌ରେ ୧୨୫ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୧୩.୨ ଓଭର୍‌ରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଏହି ବିଜୟ ସହିତ କଙ୍ଗାରୁ ଟିମ୍ ୫ ମ୍ୟାଚ୍‌ର ସିରିଜ୍‌ରେ ୧-୦ରେ ଅଗ୍ରଣୀ ହୋଇଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ନଭେମ୍ବର ୨ ତାରିଖରେ ହୋବାର୍ଟରେ ଖେଳାଯିବ।


ମେଲ୍‌ବର୍ଣ୍ଣରେ ପରାଜୟ ପରେ ଟିମ୍ ଇଣ୍ଡିଆର ଟି-୨୦ କ୍ରିକେଟ୍‌ରେ ବିଜୟଧାରା ମଧ୍ୟ ଭାଙ୍ଗିଯାଇଛି। ଭାରତ ଗତ ୧୦ଟି ମ୍ୟାଚ୍ ମଧ୍ୟରୁ ୯ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଫଳଶୂନ୍ୟ ହୋଇଥିଲା। କେବଳ ଏତିକି ନୁହେଁ ୨୦୦୮ ପରେ ଭାରତର ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହା ପ୍ରଥମ ଟି-୨୦ ପରାଜୟ। ସୂଚନାଯୋଗ୍ୟ, ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ବର୍ଷା କାରଣରୁ ଧୋଇ ଯାଇଥିଲା।

ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ଟିମ୍‌କୁ କ୍ୟାପ୍ଟେନ୍ ମିଚେଲ୍ ମାର୍ଶ ଓ ଟ୍ରାଭିସ୍ ହେଡ୍ ଧୂଆଁଧାର ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୫୧ ରନ୍ ଯୋଡ଼ିଥିଲେ। ତେବେ ୫ମ ଓଭର୍‌ରେ ହେଡ୍‌ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ବରୁଣ ଚକ୍ରବର୍ତ୍ତୀ ଏହି ଯୋଡ଼ି ଭାଙ୍ଗିଥିଲେ। ହେଡ୍ ୧୫ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ବଳରେ ୨୮ ରନ୍ କରିଥିଲେ। ମିଚେଲ୍ ମାର୍ଶ ୨୬ ବଲ୍‌ରେ ଦୁଇ ଚୌକା ଓ ଚାରି ଛକା ସହାୟତାରେ ୪୬ ରନ୍ କରିଥିବା ବେଳେ କୁଲଦୀପ୍ ଯାଦବଙ୍କ ଶିକାର ହୋଇଥିଲେ। ମାର୍ଶ-ହେଡ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଅଷ୍ଟ୍ରେଲିଆର ରନ୍ ଚେଜ୍ ସହଜ କରିଦେଇଥିଲା। ଜୋଶ୍ ଇଙ୍ଗ୍‌ଲିଶ୍ ୨୪ ଏବଂ ମିଚେଲ୍ ଓୱେନ୍ ୧୪ ରନ୍ କରି ଯୋଗଦାନ ଦେଇଥିବା ବେଳେ ମାର୍କସ୍ ଷ୍ଟୋଇନିସ୍ ୬ ରନ୍‌ରେ ଅପରାଜିତ ଫେରିଥିଲେ। ଭାରତ ପକ୍ଷରୁ ଜସ୍‌ପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଏବଂ କୁଲଦୀପ୍ ଯାଦବ ୨-୨ ୱିକେଟ୍ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ଭଲ ନଥିଲା। ଶୁଭମନ ଗିଲ୍ ୫ ରନ୍ କରି ଜୋଶ୍ ହେଜଲ୍‌ଉଡ୍‌ଙ୍କ ଶିକାର ହୋଇଥିଲେ। ସେହିପରି ନଂ.୩ରେ ବ୍ୟାଟିଂ ପାଇଁ ଆସିଥିବା ସଞ୍ଜୁ ସାମ୍‌ସନ୍ (୨) ମଧ୍ୟ ଖାସ୍ କିଛି କରିପାରି ନଥିଲେ। ଏହାପରେ ହେଜଲ୍‌ଉଡ୍ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ (୧ ରନ୍) ଓ ତିଳକ ବର୍ମା (ଶୂନ୍ୟ)ଙ୍କୁ ଶସ୍ତାରେ ପ୍ୟାଭିଲିୟନ୍ ଫେରାଇଥିଲେ। ଅକ୍ଷର ପଟେଲ୍ ମଧ୍ୟ ୭ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ୪୯ ରନ୍‌ରେ ୫ ୱିକେଟ୍‌ର ପତନ ପରେ ଅଭିଷେକ ଶର୍ମା ଓ ହର୍ଷିତ ରାଣା ଟିମ୍‌କୁ ସମ୍ଭାଳିବା ସହିତ ୬ଷ୍ଠ ୱିକେଟ୍ ପାଇଁ ୫୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହି ପାର୍ଟନର୍‌ଶିପ୍ ମଧ୍ୟରେ ଅଭିଷେକ ୭ ଚୌକା ଓ ଗୋଟିଏ ଛକା ବଳରେ ୨୩ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ହର୍ଷିତ ରାଣାଙ୍କୁ ଆଉଟ୍ କରି ଜାଭିୟର୍ ବାର୍ଟଲେଟ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ହର୍ଷିତ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୩୩ ବଲ୍‌ରୁ ୩୫ ରନ୍ କରିଥିଲେ। ହର୍ଷିତଙ୍କ ପରେ ଶିଭମ୍ ଦୁବେ (୪ ରନ୍) ଏବଂ କୁଲଦୀପ୍ ଯାଦବ (୦) ଆଉଟ୍ ହୋଇଥିଲେ। ୱିକେଟ୍‌ର ପତ୍ରଝଡ଼ା ମଧ୍ୟରେ ଅଭିଷେକ ଚମତ୍କାର ବ୍ୟାଟିଂ କରି ୮ ଚୌକା ଓ ଦୁଇ ଛକା ସହାୟତାରେ ୩୭ ବଲ୍‌ରୁ ୬୮ ରନ୍ କରି ନବମ ୱିକେଟ୍ ରୂପେ ଆଉଟ୍ ହୋଇଥିଲେ। ବୁମ୍‌ରା ଖାତା ଖୋଲିବା ପୂର୍ବରୁ ରନ୍‌ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ହେଜଲ୍‌ଉଡ୍ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଜାଭିୟର୍ ବାର୍ଟଲେଟ୍ ଓ ନାଥନ୍ ଏଲିସ୍ ୨-୨ ସଫଳତା ମିଳିଥିଲା। ଷ୍ଟୋଇନିସ୍‌ଙ୍କ ଖାତାରେ ଗୋଟିଏ ୱିକେଟ୍ ପଡ଼ିଥିଲା।

# ପୂର୍ବତନ ହକି ଖେଳାଳି ମାନୁଏଲ୍ ଫ୍ରେଡ୍‌ରିକ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ,୩୧।୧୦/ଏଜେନ୍ସି:** ଭାରତକୁ ୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତାଇଥିବା ମହାନ୍ ହକି ଖେଳାଳି ତଥା ଗୋଲ୍‌କିପର୍ ମାନୁଏଲ୍ ଫ୍ରେଡ୍‌ରିକ୍‌ଙ୍କର ଶୁକ୍ରବାର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ ୧୦ ମାସ ଧରି ପ୍ରୋଷ୍ଟେଟ୍ କ୍ୟାନ୍‌ସର୍‌ରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ପୂରା ଭାରତୀୟ ହକି ଜଗତରେ ଶୋକର ଲହରି ଖେଳିଯାଇଛି। କେରଳର କନ୍ନୁର ଜିଲ୍ଲାସ୍ଥ ବାରନାସୀରୀ ଗ୍ରାମରେ ୧୯୪୭ ଅକ୍ଟୋବର ୨୦ ତାରିଖରେ ଜନ୍ମିତ ମାନୁଏଲ୍ ଭାରତ ପାଇଁ ଅଲିମ୍ପିକ୍ ପଦକ ଜିତିବାରେ ରାଜ୍ୟର ପ୍ରଥମ ଖେଳାଳି ହୋଇଥିଲେ। ତାଙ୍କ ପରେ ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ ଟୋକିଓ (୨୦୨୦) ଅଲିମ୍ପିକ୍‌ରେ ବ୍ରୋଞ୍ଜ୍ ପଦକ ଜିତି ଏହି ପରମ୍ପରା ଆଗକୁ ବଢ଼ାଇଥିଲେ। ଭାରତୀୟ ଖେଳରେ ଅନେକ ଯୋଗଦାନ ପାଇଁ ସ୍ମରଣୀୟ ମାନୁଏଲ୍ ଫ୍ରେଡ୍‌ରିକ୍‌ଙ୍କୁ ୨୦୧୯ରେ ପ୍ରତିଷ୍ଠିତ ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଫ୍ରେଡ୍‌ରିକ୍‌ଙ୍କ ପରଲୋକରେ ହକି ଇଣ୍ଡିଆ ସଭାପତି ଦିଲୀପ୍ ତିର୍କୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ମାନୁଏଲ୍ ଫ୍ରେଡ୍‌ରିକ୍ ଭାରତର ସର୍ବଶ୍ରେଷ୍ଠ ଗୋଲ୍‌କିପର୍‌ଙ୍କ ମଧ୍ୟରେ ଅନ୍ୟତମ ଥିଲେ। ଭାରତୀୟ ହକି ସ୍ୱର୍ଣ୍ଣିମ ଯୁଗରେ ତାଙ୍କ ଯୋଗଦାନ ଅବିସ୍ମରଣୀୟ। ହକି ଇଣ୍ଡିଆ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରୁଛି। ଆମେ ଜଣେ ମହାନ୍ ଖେଳାଳିଙ୍କୁ ହରାଇଲୁ, କିନ୍ତୁ ତାଙ୍କ ପରମ୍ପରା ସର୍ବଦା ଜୀବିତ ରହିବ।





ନଭେମ୍ବର ୧ରୁ ୪ ତାରିଖ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ମ୍ୟାଚ୍ ପୂର୍ବରୁ ଆନ୍ଧ୍ର ପ୍ରଦେଶ ଓ ଘରୋଇ ଓଡ଼ିଶା ଟିମ୍ ଖେଳାଳିଙ୍କ ଅଭ୍ୟାସ।

# ଇଲମପାର୍ଥୀ ଭାରତର ୯୦ତମ ଗ୍ରାଣ୍ଡମାଷ୍ଟର୍



**ନୂଆଦିଲ୍ଲୀ,୩୧।୧୦/ଏଜେନ୍ସି:** ଯୁବ ଚେସ୍ ଖେଳାଳି ଇଲମପାର୍ଥୀ ଏଆର୍ ବୋସ୍‌ନିୟା ଓ ହର୍ଜେଗୋଭିନାରେ ଜିଏମ୍୪ ବିଜେଲଜିତା ୨୦୨୫ ଚେସ୍ ମହୋତ୍ସବରେ ନିଜର ଅନ୍ତିମ ନର୍ମ ହାସଲ କରିବା ପରେ ଭାରତ ୯୦ତମ ଗ୍ରାଣ୍ଡମାଷ୍ଟର୍ ହୋଇଛନ୍ତି। ଚେନ୍ନାଇର ୧୬ ବର୍ଷୀୟ ଖେଳାଳି ଇଲମପାର୍ଥୀ ୨୦୨୩ ଡିସେମ୍ବରରେ ଭିଏତ୍‌ନାମର ହାନୋଇ ଟୁର୍ଣ୍ଣାମେଣ୍ଟ୍‌ରେ ନିଜର ପ୍ରଥମ ଗ୍ରାଣ୍ଡମାଷ୍ଟର୍ ନର୍ମ ଏବଂ ଏହାପରେ ୨୦୨୪ରେ ସିଙ୍ଗାପୁର ଇଣ୍ଟରନାସ୍‌ନାଲ୍ ଓପନ୍‌ରେ ଦ୍ୱିତୀୟ ନର୍ମ ହାସଲ କରିଥିଲେ। ଇଲମପାର୍ଥୀ ରିଲ୍‌ଟନ୍ କପ୍ (୨୦୨୪-୨୫) ଅସରରେ ୨୫୦୦ ଇଏଲ୍‌ଲୋ ରେଟିଂ ପାର୍ କରିବା ପରେ ବୋସ୍‌ନିୟାରେ ଅନ୍ତିମ ନର୍ମ ତାଙ୍କ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ପକ୍କା କରିଥିଲା। ଅଖିଳ ଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ଅଧ୍ୟକ୍ଷ ନିତିନ୍ ନାରଙ୍ଗ ଦେଶର ୯୦ତମ ଗ୍ରାଣ୍ଡମାଷ୍ଟର ପାଇଁ ସମସ୍ତ ଜରୁରୀ ଯୋଗ୍ୟତା ପୂରା କରିଥିବା ଇଲମପାର୍ଥୀ ଏଆର୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପାଞ୍ଚ ଥରର ବିଶ୍ୱ ଚାମ୍ପିଅନ୍ ବିଶ୍ୱନାଥନ୍ ଆନନ୍ଦ ମଧ୍ୟ ଏକ୍ସ ପୋଷ୍ଟ ଜରିଆରେ ଇଲମପାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ନକ୍‌ଭୀଙ୍କୁ ବିସିସିଆଇର ଚେତାବନୀ

# ଦିନେ-ଦୁଇଦିନ ମଧ୍ୟରେ ଟ୍ରଫି ଫେରାଅ

**ନୂଆଦିଲ୍ଲୀ,୩୧।୧୦/ଏଜେନ୍ସି:** ମୋହସିନ୍ ନକ୍‌ଭୀ ଦିନେ-ଦୁଇଦିନ ମଧ୍ୟରେ ଏସିଆ କପ୍ ଟ୍ରଫି ଟିମ୍ ଇଣ୍ଡିଆକୁ ଫେରାଇବେ ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଆଶା କରୁଛି। ଏସିଆ କପ୍ ଟ୍ରଫି ତା’ର ଅସଲ ହକ୍‌ଦାର ଅର୍ଥାତ୍ ଟିମ୍ ଇଣ୍ଡିଆକୁ ଏବେ ସୁଦ୍ଧା ମିଳି ନଥିବାରୁ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ନୈରାଶ୍ୟ ବ୍ୟକ୍ତ କରିଛନ୍ତି। ସାଇକିଆ ସ୍ପଷ୍ଟ କରିଛନ୍ତି, ଯଦି ଆସନ୍ତା ୪ ତାରିଖ ସୁଦ୍ଧା ଟ୍ରଫି ଭାରତୀୟ ଟିମ୍‌କୁ ନମିଳେ, ତେବେ ସେ ନଭେମ୍ବର ୪ରେ ହେବାକୁ ଥିବା ଆଇସିସିର ତ୍ରୈମାସିକ ବୈଠକରେ ଏହି ପ୍ରସଙ୍ଗ ଉଠାଇବେ। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁସାରେ ବିସିସିଆଇ ସମ୍ପାଦକ କହିଛନ୍ତି, ଏକ ମାସ ବିତିଯିବା ପରେ ମଧ୍ୟ ଆମକୁ ଟ୍ରଫି ପ୍ରଦାନ କରାଯାଇ ନଥିବାରୁ ମୁଁ ନିରାଶ। ସେ ଏହା ମଧ୍ୟ କହିଛନ୍ତି, ଭାରତୀୟ ବୋର୍ଡ ପୂରା ପ୍ରକ୍ରିୟା




ଅନୁସାରେ ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି)ଠାରୁ ଟ୍ରଫି ଦାବି କରି କହିଥିଲା ଯେ ଟ୍ରଫି ଟିମ୍ ଇଣ୍ଡିଆକୁ ପ୍ରଦାନ କରାଯାଉ। କିନ୍ତୁ ମୋହସିନ୍ ନକ୍‌ଭୀ ଟ୍ରଫି ଦେବାକୁ ମନା କରିଦେଇଥିଲେ। ବିସିସିଆଇର ଦାବି ପରେ ନକ୍‌ଭୀ କହିଛନ୍ତି ଯେ ଟ୍ରଫି ନେବାକୁ ହେଲେ ଭାରତୀୟ ଟିମ୍‌କୁ ଏସିସି ଅଫିସ୍ ଆସି ନେବାକୁ ହେବ। ଏସିସି ଏବଂ ପିସିବି ଅଧ୍ୟକ୍ଷ ଏହା ମଧ୍ୟ କହିଥିଲେ ଯେ ନିଜ ହାତରେ ଟିମ୍ ଇଣ୍ଡିଆକୁ ଟ୍ରଫି ପ୍ରଦାନ କରିବେ। ଏଥିପାଇଁ ସେ ଏକ ପ୍ରେଜେଣ୍ଟେସନ୍ ସେରେମନିର କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି।

ଦେବଜିତ ସାଇକିଆ କହିଛନ୍ତି, ଆମେ ପ୍ରାୟ ୧୦ ଦିନ ତଳେ ଏସିସି ଅଧ୍ୟକ୍ଷଙ୍କୁ ପତ୍ର ଲେଖିଥିଲୁ, କିନ୍ତୁ ସେ ମାନିବାକୁ ପ୍ରସ୍ତୁତ ନାହାନ୍ତି। ଟ୍ରଫି ଏବେ ବି ତାଙ୍କ ପାଖରେ ରହିଛି। ତେବେ ଆମେ ଆଶା କରୁଛୁ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଟ୍ରଫି ଆମ ପାଖକୁ ଆସିଯିବ। ସୂଚନାଯୋଗ୍ୟ, ଏସିଆ କପ୍ ୨୦୨୫ରେ ଭାରତ ତିନିଥର ପାକିସ୍ତାନୀ ଟିମ୍‌କୁ ହରାଇଥିଲା। ଫାଇନାଲ୍‌ରେ ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇ ଟିମ୍ ଇଣ୍ଡିଆ ଚାମ୍ପିଅନ୍ ହୋଇଥିଲା। ମାତ୍ର ଟିମ୍ ଇଣ୍ଡିଆ ମୋହସିନ୍ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ଫଳରେ ନକ୍‌ଭୀ ପ୍ରାୟ ଏକ ଘଣ୍ଟା ଅପେକ୍ଷା କରିବା ପରେ ଟ୍ରଫି ନିଜ ସାଙ୍ଗରେ ନେଇ ହୋଟେଲ୍ ରୁମ୍ ଚାଲିଯାଇଥିଲେ। ସେବେଠାରୁ ଟ୍ରଫି ଫେରାଇବାକୁ ନେଇ ସେ ବିଭିନ୍ନ ଆଳ ଦେଖାଉଛନ୍ତି।

# ଦବଙ୍ଗ ଦିଲ୍ଲୀ ପିକେଏଲ୍-୧୨ ଚାମ୍ପିଅନ୍

**ନୂଆଦିଲ୍ଲୀ,୩୧।୧୦/ଏଜେନ୍ସି:** ପୁନେରୀ ପଲ୍‌ଟନ୍‌କୁ ୩୮-୨୮ରେ ହରାଇ ଦବଙ୍ଗ ଦିଲ୍ଲୀ ପିକେଏଲ୍-୧୨ ଟାଇଟଲ୍ ଜିତିଛି। ପ୍ରୋ କବାଡି ଲିଗ୍ (ପିକେଏଲ୍) ଇତିହାସରେ ଦବଙ୍ଗ ଦିଲ୍ଲୀ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ୍ ହୋଇଛି। ଅନ୍ତିମ ଦେଢ଼ ମିନିଟ୍‌ରେ ପୁଣେ ନିକଟରେ ମ୍ୟାଚ୍ ହାତେଇବାର ସୁଯୋଗ ରହିଥିଲା। ମାତ୍ର ଦିଲ୍ଲୀ ଡିଫେଣ୍ଡର୍‌ମାନେ ଆଦିତ୍ୟ ସିନ୍ଦେଙ୍କୁ ଟାକଲ୍ କରି ଐତିହାସିକ ବିଜୟ ହାସଲ କରିଛନ୍ତି। ଏହା ପୂର୍ବରୁ ଦିଲ୍ଲୀ ସିଜନ୍ ୮ର ଟାଇଟଲ୍ ଜିତିଥିଲା। ଫାଇନାଲ୍‌ରେ ଭାରତୀୟ କବାଡ଼ି ଟିମ୍‌ର ପୂର୍ବତନ କ୍ୟାପ୍ଟେନ୍ ଅଜୟ ଠାକୁରଙ୍କ ଟିମ୍ ହାର ମିଳିଛି। ଅଜୟ ଠାକୁର ପିକେଏଲ୍-୧୨ରେ ପୁନେରୀ ପଲ୍‌ଟନ୍‌ର କୋଚ୍ ଅଛନ୍ତି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ପୁଣେ ବିପକ୍ଷରେ ଦିଲ୍ଲୀ ୨୦-୧୪ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦିଲ୍ଲୀ ମ୍ୟାଚ୍ ସ୍ଲୋ କରିଦେଇଥିଲା। ଅନ୍ୟପକ୍ଷରେ ପୁଣେ ମଧ୍ୟ ଡୁ-ଅର୍-ଡାଇ ରେଡ୍‌ରେ ଖେଳିଥିଲା। ପୁନେରୀ ପଲ୍‌ଟନ୍ ପକ୍ଷରୁ ଆଦିତ୍ୟ ସିନ୍ଦେ ସୁପର୍-୧୦ କରିଥିଲେ ମଧ୍ୟ ଏହା କାମ ଦେଇନଥିଲା। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପ୍ଟେନ୍ ଆଶୁ ମଲିକ୍ ମ୍ୟାଚ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲେ। କିନ୍ତୁ ଆଜିଙ୍କ୍ୟ ପୱାର୍ ଓ ନୀରଜ ନରୱାଲ୍ ଉନ୍ନତ ରେଡିଂ ଜରିଆରେ ଟିମ୍‌କୁ



ବିଜୟ ଦେଇଥିଲେ। ଡିଫେଣ୍ଡର ସୁରଜିତ୍ ସିଂହଙ୍କ ପାଇଁ ଏହା ବହୁ ସ୍ମରଣୀୟ କ୍ଷଣ ଥିଲା। ପିକେଏଲ୍‌ର ପ୍ରଥମ ସିଜନ୍‌ରୁ ସୁରଜିତ ଖେଳୁଥିଲେ ମଧ୍ୟ ୧୨ଶ ସିଜନ୍ ପରେ ତାଙ୍କ ଭାଗ୍ୟରେ ପ୍ରଥମ ଟ୍ରଫି ଜୁଟିଛି। ଏହି ଲମ୍ବା ଯାତ୍ରାରେ ସେ ଦବଙ୍ଗ ଦିଲ୍ଲୀ, ବେଙ୍ଗାଲୁରୁ ବୁଲ୍ସ, ଜୟପୁର ପିଙ୍କ୍ ପାନ୍ଥର୍ସ, ତେଲୁଗୁ ଟାଇଟନ୍ସ, ତାମିଲ ଥାଲାଇଭାଜ୍, ପୁନେରୀ ପଲ୍‌ଟନ୍, ବେଙ୍ଗଲ୍ ୱାରିୟର୍ସ ଏବଂ ୟୁ ମୁମ୍ବା ପକ୍ଷରୁ ମଧ୍ୟ ଖେଳିଥିଲେ। ଏହି ବିଜୟ ସହ ଦବଙ୍ଗ ଦିଲ୍ଲୀ ଦୁଇଥର ପିକେଏଲ୍ ଟ୍ରଫି ଜିତିବାରେ ତୃତୀୟ ଟିମ୍ ହୋଇଛି। ଏହା ପୂର୍ବରୁ ପାଟନା ପାଇରେଟ୍ସ ଓ ଜୟପୁର ପିଙ୍କ୍ ପାନ୍ଥର୍ସ କେବଳ ଦୁଇଥର ଚାମ୍ପିଅନ୍ ହୋଇଥିଲେ।

### ଅନ୍‌ଅଫିସିଆଲ୍ ଟେଷ୍ଟ: ପ୍ରନେଲନ୍ ସୁବ୍ରାୟନ୍‌ଙ୍କୁ ୫ ୱିକେଟ୍

# ସାଉଥ୍ ଆଫ୍ରିକା-ଏ’ ୧୦୫ ରନ୍‌ରେ ଆଗୁଆ

## ଭାରତ-ଏ’ ପ୍ରଥମ ଇନିଂସ୍ ୨୩୪ ରନ୍‌ରେ ଶେଷ

## ଆୟୁଷ ମହାତ୍ରେଙ୍କ ଅର୍ଦ୍ଧଶତକ

**ବେଙ୍ଗାଲୁରୁ,୩୧।୧୦/ଏଜେନ୍ସି:** ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଖେଳାଯାଉଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ସାଉଥ୍ ଆଫ୍ରିକା-ଏ’ ମଜଭୁତ ସ୍ଥିତିରେ ପହଞ୍ଚିଛି। ଟିମ୍ ଦ୍ୱିତୀୟ ଇନିଂସ୍‌ରେ ଭାରତ ବିପକ୍ଷରେ ୧୦୫ ରନ୍‌ର ଅଗ୍ରଣୀ ଲାଭ କରିଛି। ଶୁକ୍ରବାର ଷ୍ଟମ୍ପ ବେଳକୁ ପ୍ରୋଟିୟାଜ୍ ଟିମ୍ ଦ୍ୱିତୀୟ ଇନିଂସ୍‌ରେ ବିନା ୱିକେଟ୍‌ରେ ୩୦ ରନ୍ କରି ନେଇଛି। ଲେସେଗୋ ସେନୋକୱାନେ ୯ ଏବଂ ଜୋର୍ଡାନ୍ ହରମନ୍ ୧୨ ରନ୍‌ରେ ଅପରାଜିତ ଫେରିଛନ୍ତି।

ପ୍ରଥମ ଦିନ ସାଉଥ୍ ଆଫ୍ରିକା-ଏ’ର ପ୍ରଥମ ଇନିଂସ୍ ସ୍କୋର୍ ୩୦୯ ରନ୍ ଜବାବରେ ଭାରତ-ଏ’ର ଓପ୍ନର୍ ମଜଭୁତ ଆରମ୍ଭ ଦେଇଥିଲେ। ମାତ୍ର ଦ୍ୱିତୀୟ ଦିନ ସାଉଥ୍ ଆଫ୍ରିକା ସ୍ପିନର୍ ପ୍ରନେଲନ୍ ସୁବ୍ରାୟନ୍ ୫ ୱିକେଟ୍ ଅକ୍ତିଆର କରି ମ୍ୟାଚ୍ ପଲଟାଇ ଦେଇଥିଲେ। ଦ୍ୱିତୀୟ ଦିନ ୯୦/୦ ସ୍କୋର୍‌ରୁ ପ୍ରଥମ ଇନିଂସ୍ ଆଗକୁ ଖେଳିଥିବା ଭାରତ-ଏ’ ୨୩୪ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଆୟୁଷ ମହାତ୍ରେ ସର୍ବାଧିକ ୬୫ ରନ୍ କରିଥିବା ବେଳେ କ୍ୟାପ୍ଟେନ୍ ଋଷଭ ପନ୍ତ୍ ମାତ୍ର ୧୭ ରନ୍ କରିବାକୁ ସମର୍ଥ ହୋଇଥିଲେ। ସୁବ୍ରାୟନ୍ ଭାରତୀୟ ଇନିଂସ୍‌ରେ ଲଗାତାର ୨୨ ଓଭର୍ ବୋଲିଂ କରି ୬୧ ରନ୍ ଦେଇ ୫ ୱିକେଟ୍ ନେଇଥିଲେ। ସେ ଆୟୁଷ ମହାତ୍ରେ, ଦେବଦତ୍ତ ପାଡିକ୍କଲ୍, ରଜତ ପାଟିଦାର, ତନୁଷ କୋଟିୟାନ୍ ଏବଂ ଖଲିଲ ଅହମଦଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ।



ପାଦ ଫ୍ରାକ୍‌ଚର୍‌ରୁ ପ୍ରତ୍ୟାବର୍ତ୍ତନ କରିଥିବା କ୍ୟାପ୍ଟେନ୍ ଋଷଭ ପନ୍ତ୍ ମାତ୍ର ୧୭ ରନ୍ କରିଛନ୍ତି। ପ୍ରଥମରୁ ସେ ଆଟାକିଂ କ୍ରିକେଟ୍ ଖେଳିଥିଲେ ମଧ୍ୟ ପେସର୍ ଓକୁଲେ ସେଲେଙ୍କ ଶର୍ଟ ବଲ୍‌ରେ ସ୍ଲିପ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୨ଟି ଚୌକା ସାମିଲ ଥିଲା। ଅନ୍ୟପକ୍ଷରେ ଯୁବ ଓପ୍ନର୍ ଆୟୁଷ ମହାତ୍ରେ ଆକ୍ରମଣାତ୍ମକ ବ୍ୟାଟିଂ କରି ୪୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତାଙ୍କର ୬୫ ରନ୍‌ର ଇନିଂସ୍‌ରେ ୧୦ ଚୌକା ସାମିଲ ଥିଲା। ତାଙ୍କ ସାଥୀ ଓପ୍ନର୍ ସାଇ ସୁଦର୍ଶନ ୩୨ ରନ୍ କରିଥିଲେ ମଧ୍ୟ ଲୟରେ ଥିବାପରି ଲାଗୁ ନଥିଲେ। ମିଡିଲ୍ ଅର୍ଡର୍‌ରେ ରଜତ ପାଟିଦାର ୧୯, ଦେବଦତ୍ତ ପାଡିକ୍କଲ୍ ୬, ଆୟୁଷ ବଡ଼ୋନୀ ୩୮ ରନ୍ ଏବଂ ମାନବ ସୁଥାର ୪ ରନ୍ କରି ଆଉଟ୍ ହୋଇଥିଲେ।

### ନଭେମ୍ବର ୧୪ରୁ ଏସିସି ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟ୍

# ୧୬ରେ ଭାରତ-ପାକିସ୍ତାନ ମ୍ୟାଚ୍

**ନୂଆଦିଲ୍ଲୀ,୩୧।୧୦/ଏଜେନ୍ସି:** ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ (ଏସିସି) ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟୁର୍ଣ୍ଣାମେଣ୍ଟ୍‌ର ଆରମ୍ଭ ନଭେମ୍ବର ୧୪ରୁ ହେବ। ଟୁର୍ଣ୍ଣାମେଣ୍ଟ୍‌ର ମହାମୁକାବିଲା ଅର୍ଥାତ୍ ଭାରତ-ପାକିସ୍ତାନ ମ୍ୟାଚ୍ ନଭେମ୍ବର ୧୬ ତାରିଖରେ ଖେଳାଯିବ। ସମସ୍ତ ମ୍ୟାଚ୍ କତାର ରାଜଧାନୀ ଦୋହାରେ ଆୟୋଜିତ ହେବ। ଏସିସି ପକ୍ଷରୁ ଶୁକ୍ରବାର ଟୁର୍ଣ୍ଣାମେଣ୍ଟ୍‌ର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିରେ ଆଠ ଟିମ୍‌ଙ୍କୁ ଦୁଇଟି ଗ୍ରୁପ୍‌ରେ ବଣ୍ଟାଯାଇଛି। ଗ୍ରୁପ୍-ଏ’ରେ ଡିଫେଣ୍ଡିଂ ଚାମ୍ପିଅନ୍ ଆଫଗାନିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଓ ହଂକଂ ରହିଥିବା ବେଳେ ଗ୍ରୁପ୍-ବି’ରେ ଭାରତ, ପାକିସ୍ତାନ, ଓମାନ୍ ଓ ୟୁଏଇ ସ୍ଥାନ ପାଇଛନ୍ତି। ପୂର୍ବରୁ ଏସିସି ଇମର୍ଜିଂ ଟିମ୍ସ ଏସିଆ କପ୍ ଭାବେ ଜଣାଶୁଣା ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ଏଥିରେ ଭାରତ, ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ ଏବଂ ଶ୍ରୀଲଙ୍କାର ଏ’ ଟିମ୍ ଭାଗନେବ। ତିନିଟି ଆସୋସିଏଟ୍ ଦେଶ ହଂକଂ, ଓମାନ୍ ଓ ୟୁଏଇ ନିଜ ନିଜର ମୁଖ୍ୟ ଟିମ୍‌ଙ୍କୁ ଖେଳାଇବେ। ନଭେମ୍ବର ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଏହାପରେ ନଭେମ୍ବର ୨୧ରେ ସେମିଫାଇନାଲ୍ ଏବଂ ୨୩ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

ଏସିଆ କପ୍ ୨୦୨୫ ପରେ ଭାରତ ଓ ପାକିସ୍ତାନ ପ୍ରଥମ ଥର ମୁହାଁମୁହିଁ ହେବେ। ଏସିଆ କପ୍‌ରେ ଦୁଇ ଟିମ୍ ମଧ୍ୟରେ ବହୁ ବିବାଦ ଦେଖିବାକୁ ମିଳିଥିଲା। ଟିମ୍ ଇଣ୍ଡିଆ ଏସିସି ଅଧ୍ୟକ୍ଷ ମୋହସିନ୍ ନକ୍‌ଭୀଙ୍କ ଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ନକ୍‌ଭୀ ପାକିସ୍ତାନର ଗୃହ ମନ୍ତ୍ରୀ ସହିତ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ସଭାପତି ମଧ୍ୟ ଅଛନ୍ତି। ଏହା ପୂର୍ବରୁ ଭାରତୀୟ ଖେଳାଳି ଟୁର୍ଣ୍ଣାମେଣ୍ଟ୍‌ରେ ପାକିସ୍ତାନ ଖେଳାଳିଙ୍କ ସହିତ ହାତ ମଧ୍ୟ ମିଳାଇ ନଥିଲେ। ପହଲଗାମ ଆତଙ୍କୀ ଆକ୍ରମଣ ବିରୋଧରେ ଭାରତ ଏହି ଷ୍ଟାଣ୍ଡ ନେଇଥିଲା।

ଇମର୍ଜିଂ ଟିମ୍ସ ଟୁର୍ଣ୍ଣାମେଣ୍ଟ ୨୦୧୩ରୁ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଏହାର ଛଅଟି ସଂସ୍କରଣ ହୋଇସାରିଛି। ଟୁର୍ଣ୍ଣାମେଣ୍ଟ୍‌ର ଏହା ସପ୍ତମ ସଂସ୍କରଣ। ଏହା ପ୍ରଥମେ ଅଣ୍ଡର-୨୩ ଟୁର୍ଣ୍ଣାମେଣ୍ଟ ଭାବେ ଆରମ୍ଭ ହୋଇଥିଲା। ପରେ ଏହାକୁ ଏ’ ଟିମ୍ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଭାବେ ପରିବର୍ତ୍ତିତ କରାଯାଇଛି। ପାକିସ୍ତାନ ଓ ଶ୍ରୀଲଙ୍କା ଟୁର୍ଣ୍ଣାମେଣ୍ଟ୍‌ର ସବୁଠୁ ସଫଳ ଟିମ୍। ଦୁହେଁ ଦୁଇଥର ଲେଖାଏଁ ଟ୍ରଫି ଜିତିଛନ୍ତି। ଭାରତ ଓ ଆଫଗାନିସ୍ତାନ ଥରେ ଲେଖାଏଁ ବିଜୟୀ ହୋଇଛନ୍ତି। ୨୦୨୪ରେ ଓମାନ୍‌ରେ ଖେଳାଯାଇଥିବା ଗତ ସଂସ୍କରଣର ଫାଇନାଲ୍‌ରେ ଶ୍ରୀଲଙ୍କାକୁ ସାତ ୱିକେଟ୍‌ରେ ହରାଇ ଆଫଗାନିସ୍ତାନ ଚାମ୍ପିଅନ୍ ହୋଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra